ORISSA SECRETARIAT LIBRARY
To be returned when done with

ଓଡ଼ିଶାରେ
ସିପାହୀ ବିଦ୍ରୋହର ଝଲକ

ORISSA SECRETARIAT LIBRARY
Head No. Sub-head No.
Serial No.
Date of Receipt 2. 4. 59

ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

DEPARTMENT
File No. ______ of ______
SUBJECT
Notes and Orders

DEPARTMENT

ORISSA SECRETARIAT LIBRARY COPY
To be returned when done with

ବିଦ୍ରୋହ ଗ୍ରନ୍ଥମାଳା —୧

ଓଡ଼ିଶାରେ

ସିପାହୀ ବିଦ୍ରୋହର ଝଲକ

XXIX
17
128
CA7-20373
AL-63

ଲେଖକ
ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ,

ପ୍ରଥମ ମୁଦ୍ରଣ
୧୯...

ORISSA SECRETARIAT LIBRARY
Head No Sub-head No.
Serial No. Almirah No
Date of Receipt 2.4.5.9

ପ୍ରକାଶକ
ହିନ୍ଦୁସ୍ଥାନ ସାହିତ୍ୟ ମନ୍ଦିର
ପୁରୀ

ଟ ୧।୵ ଏକଟଙ୍କା ପାଞ୍ଚଅଣା

ACCESSIONED.

ପଦେ

ସିପାହୀ ବିଦ୍ରୋହର ପ୍ରଭାବ ସମଗ୍ର ଓଡ଼ିଶାରେ ପଡ଼ି ନ ଥିଲେ ମଧ୍ୟ ପଶ୍ଚିମ ଓ ଉତ୍ତର ଅଂଶରେ ଯେ ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଇଂରେଜ ଶାସକମାନଙ୍କ ବିରୁଦ୍ଧରେ ସଂଘର୍ଷ ଲାଗି ରହିଥିଲା ଏହା କିଛି କମ୍ ଗୌରବର ବିଷୟ ନୁହେଁ । ୧୮୬୨ ବେଳକୁ ଭାରତର ଅନ୍ୟାନ୍ୟ ସ୍ଥାନରେ ବିଦ୍ରୋହର କୌଣସି ଚିହ୍ନ ଥିବା ଦେଖାଯାଏ ନାହିଁ; କିନ୍ତୁ ଓଡ଼ିଶାରେ ସୁରେନ୍ଦ୍ର ସାଏ ଭାରତର ଅନ୍ୟାନ୍ୟ ସ୍ଥାନରୁ କୌଣସି ପ୍ରକାର ସାହାଯ୍ୟ ନ ପାଇ ମଧ୍ୟ ଦୀର୍ଘ ପାଞ୍ଚ ବର୍ଷକାଳ ଇଂରେଜ ଶକ୍ତି ବିରୁଦ୍ଧରେ ଲଢ଼େଇ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସୁରେନ୍ଦ୍ରଙ୍କ ବିଦ୍ରୋହ ଏକ ଉଜ୍ଜ୍ୱଳମୟ ପରିଚ୍ଛେଦ ହୋଇ ରହିଥିବ । କିନ୍ତୁ ଅତି ଦୁଃଖର କଥା, ଏପର୍ଯ୍ୟନ୍ତ ସିପାହୀ ବିଦ୍ରୋହର ଇତିହାସରେ ଏହି ଘଟଣା ବିଶେଷଭାବରେ ସ୍ଥାନ ପାଇନାହିଁ ।

କୋଡ଼ିଏ ବର୍ଷ ହେଲା ସୁରେନ୍ଦ୍ରଙ୍କ ବିଦ୍ରୋହ ସମ୍ବନ୍ଧରେ ମୁଁ ଓଡ଼ିଶା ଓ ଓଡ଼ିଶା ବାହାରର କେତେକ ସ୍ଥାନରୁ ତଥ୍ୟ ସଂଗ୍ରହ କରିବାରେ ଲାଗିଛି । ପ୍ରକାଶିତ ଅପ୍ରକାଶିତ କାଗଜପତ୍ର, ବିଶ୍ୱାସଯୋଗ୍ୟ କିମ୍ବଦନ୍ତୀ ଓ ବହୁ ଗ୍ରନ୍ଥ ସାହାଯ୍ୟରେ ଏହି କ୍ଷୁଦ୍ର ବହିଟି ଲେଖା ହୋଇଛି । ତଥ୍ୟ ଉପରେହିଁ ବିଶେଷ ଭାବରେ ନିର୍ଭର କରାଯାଇଛି । ଏହା ସତ୍ତ୍ୱେ ସୁରେନ୍ଦ୍ରଙ୍କ ସମ୍ବନ୍ଧରେ ବିଶେଷ କିଛି କରି ପାରିଛି ବୋଲି ମୋର ମନେ ହେଉନାହିଁ । ନୂତନ ତଥ୍ୟ ସଂଗ୍ରହର ଚେଷ୍ଟା କରୁଛି ।

ଏହି ଗ୍ରନ୍ଥର ବହୁତ ଅଂଶ "ସମାଜ"ରେ ପ୍ରକାଶିତ ହୋଇଥିଲା । ଏଥିପାଇଁ "ସମାଜ" କର୍ତ୍ତୃପକ୍ଷଙ୍କ ନିକଟରେ ମୁଁ କୃତଜ୍ଞ ।

ସୂର୍ଯ୍ୟନାରାୟଣ ଦାଶ

ସୂଚୀପତ୍ର

ବିଷୟ — ପୃଷ୍ଠା

୧ । ଭାରତରେ ସିପାହୀ ବିଦ୍ରୋହ ... ୧

୨ । ହଜାରିବାଗ ଜେଲରୁ ସୁରେନ୍ଦ୍ର ସାଏ ମୁକ୍ତ ୯

ସୁରେନ୍ଦ୍ରଙ୍କୁ ଜେଲଦଣ୍ଡ ୧୦, ବିହାର ଅଞ୍ଚଳରେ ସିପାହୀ ବିଦ୍ରୋହ ୧୧, ଜେଲରୁ ସାଏ ମୁକ୍ତ ହେଲେ ୧୨, ଶାସକମାନଙ୍କ ରାଜ୍ୟରକ୍ଷା ବ୍ୟବସ୍ଥା ୧୩, ସଂଘର୍ଷର ପ୍ରାରମ୍ଭ ୧୪ ।

୩ । ସିପାହୀ ବିଦ୍ରୋହ ପୂର୍ବରୁ ଇଂରେଜ ସୁରେନ୍ଦ୍ର ସଂଘର୍ଷ ୧୫

ସୁରେନ୍ଦ୍ର-ବଳଭଦ୍ର ବିଦ୍ରୋହ ୧୬ ।

୪ । ସୁରେନ୍ଦ୍ରଙ୍କ ପୁଣି ବିଦ୍ରୋହ ... ୧୮

ସୁରେନ୍ଦ୍ରଙ୍କ ଅର୍ଜି ଉପରେ ହାକିମଙ୍କ ମନ୍ତବ୍ୟ ୨୪, ସୁରେନ୍ଦ୍ରଙ୍କ ପ୍ରତିକ୍ରିୟା ୨୬, ସୁରେନ୍ଦ୍ରଙ୍କ ପଳାୟନ ୨୬, ସରକାରୀ ହାକିମଙ୍କ ଚଲେଣି ୨୭ ।

୫ । ସରକାରୀ ଆୟୋଜନ ... ୨୮

ଖିଣ୍ଡା ଆକ୍ରମଣ ୨୯, ସରକାରୀ ସୈନ୍ୟବଳ ୩୦ ।

୬ । ବଣ ଜଙ୍ଗଲରେ ବିଦ୍ରୋହ ପ୍ରଚାର ୩୧

ଗୁଣ୍ଡ ଢଗରେ ଅଶାନ୍ତି ୩୧, ଗଡ଼ଜାତ ରାଜାମାନଙ୍କ ମତିଗତି ୩୨, ବାମଣ୍ଡାର ଶ୍ରୀକୃଷ୍ଣ ବିଦ୍ରୋହୀ ହେଲେ ୩୨, ବଉଦରେ ବିଦ୍ରୋହୀ ସିପାହୀଦଳ ୩୩, ମୟୂରଭଞ୍ଜ ରାଜାଙ୍କ ଅବସ୍ଥା ୩୪, ଇଂରେଜ ଡାକ୍ତରଙ୍କୁ ହତ୍ୟା ୩୫

ବିଷୟ ପୃଷ୍ଠା

୭ । ସରକାରୀ ନୂତନ ବ୍ୟବସ୍ଥା ... ୩୭
ହାକମ ହୁକୁମ ପାଇବାରେ ଅସୁବିଧା ୩୭, ସମ୍ବଲପୁର କଟକ କମିଶନରଙ୍କ ଅଧୀନକୁ ଆସିଲା ୩୮, ଓଙ୍ଗା ବଲଦଗାଡ଼ି ବ୍ୟବସ୍ଥା ୪୦, ହାଗ୍ରା ବ୍ୟବସ୍ଥା ୪୧, ଅନୁଗୁଳ ସରକାରୀ ଘାଟି ୪୧, ସରକାରୀ ଖର୍ଚ୍ଚରେ କଷୋଟପଣିଆ ୪୨, କାପ୍ଟେନ୍ ଲେଙ୍କ ଇସ୍ତଫା ୪୩, କଟକରୁ ସୈନ୍ୟ ପଠାଇବା ଅନୁଚିତ ୪୪ ।

୮ । ସଂଘର୍ଷ ... ୪
ସମ୍ବଲପୁର ନିକଟରେ ସଂଘର୍ଷ ୪୫, ମଧୁ ଗୌନ୍ତିଆ ଧରା ହେଲେ ୪୭, ସରକାରୀ ସୈନ୍ୟ ଝାରଘାଟି ଧ୍ୱଂସ କଲେ ୪୮, କେଟସ୍‌ଙ୍କ କୋଲାବିରା ଆକ୍ରମଣ ୪୮, କାପ୍ଟେନ୍ ଲେଙ୍କ ଅଭିଯାନ ୪୯, ସମ୍ବଲପୁରରେ ଓଡ଼ିଶା କମିସନର ୫୧, ସିଂଘୋରା ଲଢ଼େଇ ୫୨, ପାହାଡ଼ ସିରିଗିଡ଼ିଆ ଲଢ଼େଇ ୫୨, ୧୮୫୮ ଫେବୃଆରୀ ବେଳକୁ ଅବସ୍ଥା ୫୫, ବଡ଼ ପାହାଡ଼ ଆକ୍ରମଣ ୫୬, ବାମଣ୍ଡା ଅଭିଯାନ ୫୭, ବିଭିନ୍ନ ଅଞ୍ଚଳରେ ଅଭିଯାନ ୫୯

୯ । ବିଦ୍ରୋହ ଦମନ ... ୬
କମିସନରଙ୍କ ରାଜ୍ୟରକ୍ଷା ବ୍ୟବସ୍ଥା ଓ ସିପାହୀଙ୍କ ସ୍ୱାସ୍ଥ୍ୟ ୬୧, ରାସ୍ତା ସଫା ବ୍ୟବସ୍ଥା ୬୨, ଘୁମୁସର ଶିକ୍ଷାଦୀବନ ୬୩, ବିଭିନ୍ନ ସ୍ଥାନରେ ସାମରିକ ଘାଟି ୬୪ । ବିଦ୍ରୋହୀ ଜମିଦାରଙ୍କ ଜମିଦାରୀ ବାଜ୍ୟାପ୍ତି ୬୫, କର୍ଣ୍ଣେଲ ଫଷ୍ଟରଙ୍କ କାର୍ଯ୍ୟଭାର ଗ୍ରହଣ ୬୬, କର୍ଣ୍ଣେଲ ଫଷ୍ଟରଙ୍କ ତତ୍ପରତା ୬୭, ଦରବାର ୬୮,

ବିଷୟ ପୃଷ୍ଠା

୧୦ । ଉଜଲ ସାଏ ଧରା ହେଲେ ... ୬୬
୧୧ । ସରକାରୀ ସୈନ୍ୟ ଭିତରେ ବିଦ୍ରୋହ ?
୧୨ । ସୁରେନ୍ଦ୍ରଙ୍କୁ ହାତ କରିବା ଉପାୟ
ବିଦ୍ରୋହର ଗୁରୁତା ୬୯, ବିଦ୍ରୋହୀଙ୍କ ହାରା ଲୁଟ-ତରାଜ ୭୦, ସରକାରଙ୍କ କୋହଳ ମାର୍ଗ ୭୧, କ୍ଷମା ଘୋଷଣା ୭୨, ଡେପୁଟି କମିଶନରଙ୍କ ଜମାଦାରଙ୍କୁ ଚିଠି ୭୩, ସୁରେନ୍ଦ୍ରଙ୍କୁ ଡେପୁଟି କମିଶନରଙ୍କ ଉତ୍ତର ୭୪,

୧୩ । ସୁରେନ୍ଦ୍ରଙ୍କ ଆତ୍ମସମର୍ପଣ ... ୭୫
ସୁରେନ୍ଦ୍ରଙ୍କ କୁଟୁମ୍ବ ପାଇଁ ବ୍ୟବସ୍ଥା ୭୫, ବିଦ୍ରୋହୀଙ୍କ କୌଶଳ ? ଶାନ୍ତ ନା ଅଶାନ୍ତ ? ୭୬,

୧୪ । ବିଦ୍ରୋହ ଅବସାନ ... ୮୦
ପୁନର୍ବାର ଅଶାନ୍ତ ୭୭, ସୁରେନ୍ଦ୍ରଙ୍କର ପୁନର୍ବାର ରାଜଗାଦୀ ଦାବୀ ୮୧, ପୁନର୍ବାର ଧରପଗଡ଼ ୮୨, ଗିରଫ ଓ ଦଣ୍ଡ ୮୩ ।

୧୫ । କୈଫିୟତ୍ ୮୪

DEPARTMENT

ORISSA SECRETARIAT LIBRARY
BHUBANESWAR

Class No. ୮୯୧.୪୪୮
Book No. ଦା
Accession No. ୯୨୭

ORISSA SECRETARIAT LIBRARY
Head No. Sub-head No.
Serial No.
Date of Receipt

ଓଡ଼ିଶାରେ

ସିପାହୀ ବିଦ୍ରୋହର ଝଲକ

(୧) ଭାରତରେ ସିପାହୀ ବିଦ୍ରୋହ

ଲର୍ଡ଼ ଡେଲହାଉସି ବଡ଼ଲାଟ ହେବା ପରେ ଭାରତରେ ଇଂରେଜ ଶାସନର କ୍ଷମତା ଓ ପରିସର ବୃଦ୍ଧି କରିବାପାଇଁ ଚେଷ୍ଟା କରିଥିଲେ । ଭାରତର ବିଭିନ୍ନ ସ୍ଥାନରେ ଦ୍ୱୀପ ଭଳି ଯେଉଁ ଦେଶୀୟ ରାଜାମାନଙ୍କଦ୍ୱାରା ଶାସିତ ଅଞ୍ଚଳ ଥିଲା ସେଗୁଡ଼ିକ ଇଂରେଜଶାସନର ଶକ୍ତି ବୃଦ୍ଧି କରିବାରେ ଏକ ଅନ୍ତରାୟ ମନେକରି କ୍ରମେ ସେଗୁଡ଼ିକୁ ଲୋପ କରିବାର ଉଦ୍ୟମ କଲେ । ପୋଷ୍ୟପୁତ୍ର ଗ୍ରହଣରେ ସରକାରଙ୍କର ଅନୁମୋଦନ ଆବଶ୍ୟକ ଥିବା ଦର୍ଶାଇ କେତେକ ଅପୁତ୍ରିକ ରାଜାଙ୍କ ମୃତ୍ୟୁପରେ ପୋଷ୍ୟପୁତ୍ର ଗ୍ରହଣର ଅନୁମତି ସରକାର ଦେଲେ ନାହିଁ । ଫଳରେ ସେହି ଦେଶୀୟ ରାଜ୍ୟଗୁଡ଼ିକ ଖାସ୍ ହେଲା । ବର୍ମା, ନାଗପୁର, ରାଜପୁତନାର ଜୟପୁର, ସମ୍ବଲପୁର ପ୍ରଭୃତି ରାଜ୍ୟ ଏହିପରି ଭାବରେ ଖାସ୍ ହେଲା ।

ପୁଣି ବିଦ୍ରୋହୀ ରାଜାମାନଙ୍କର ରାଜ୍ୟ ମଧ୍ୟ ଖାସ୍ ହେଲା । ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିବା ଅଭିଯୋଗରେ କେତେକ ଦେଶୀୟ ରାଜାଙ୍କଠାରୁ ମଧ୍ୟ ରାଜ୍ୟ ଛଡ଼ାଇ ନିଆଗଲା ।

ଏହାଛଡ଼ା ଯେଉଁମାନେ ରାଜ୍ୟ ନଥାଇ କେବଳ ରା
ଉପାଧି ପାଇଥିଲେ ସେମାନଙ୍କ ଉପାଧି ଲୋପ କରିବା ଉଚି
ବୋଲି ଡେଲହାଉସି ମନେ କରିଥିଲେ । କର୍ଣ୍ଣାଟର ନବାବ
ତାଞ୍ଜୋର ରାଜା, ପେଶବା ପ୍ରଭୃତି ପଦବୀ ରାଜାମାନଙ୍କ ମୃତ୍ୟୁ ପ
ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ସରକାର ଦେଇ ନ ଥିଲେ ।

ଏହାଦ୍ୱାରା ଦେଶୀୟ ରାଜ୍ୟମାନଙ୍କରେ ଆତଙ୍କ ସୃ
ହୋଇଥିଲା ।

ବଡ଼ଲାଟଙ୍କ ଦେଶୀୟରାଜ୍ୟ ନୀତି ଟିକିଏ କଠୋର ମ
ହୋଇଥିଲା । ଦିଲ୍ଲୀର ପ୍ରାଚୀନ ବାଦଶାହ ବଂଶର ବାହାଦୁରଶା
(ଦ୍ୱିତୀୟ)ଙ୍କୁ ଦିଲ୍ଲୀରୁ ବାହାରିଯାଇ କୁତବ୍ ମିନାରଠା
ଅବସ୍ଥାନ କରିବାପାଇଁ ହୁକୁମ ହୋଇଥିଲା । ଅଯୋଧ୍ୟା ରାଜ୍ୟ
ମଧ୍ୟ ଖାସ୍ କରାଗଲା । ଭୂତପୂର୍ବ ମରହଟ୍ଟାରାଜା ପେଶବା ବାଜିର
(୨ୟ) ସରକାରଙ୍କଠାରୁ ଯେଉଁ ରାଜନୈତିକ ଭତ୍ତା ପାଉଥି
ତାଙ୍କ ମୃତ୍ୟୁପରେ ତାହା ତାଙ୍କର ପୋଷ୍ୟପୁତ୍ର ନାନା ସାହେବ
ସରକାର ଦେବାକୁ ମନା କରିଦେଲେ । ଏହାଦ୍ୱାରା ରାଜାମା
ନିଜ ନିଜର ରାଜଗିର ଅସ୍ତିତ୍ୱ ରହିବା ସମ୍ବନ୍ଧରେ ଆଶଙ୍କା ପ୍ରକା
କଲେ ଏବଂ ଯେବେ ହେଉ ସେମାନଙ୍କ ଉପରେ ହଠାତ୍ ବ
ପଡ଼ିବ ତାହା ଜାଣିପାରି ସେମାନେ ଅଶାନ୍ତିରେ କାଳ କାଟିବା
ଲାଗିଲେ ।

ଏହି ସବୁ କାରଣରୁ କେତେକ ଦେଶୀୟ ରାଜ୍ୟର ରାଜାମା
ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ବିଶେଷତଃ ଯେଉଁମାନଙ୍କ
କ୍ଷତି ହେଲା ସେମାନେ ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ମ
ଚଳାଇଥିଲେ । ଅଯୋଧ୍ୟାର ନବାବଙ୍କ ଭୂତପୂର୍ବ ପରାମର୍ଶଦାତ
ଅହମଦୁଲ୍ଲା, ନାନାସାହେବ, ଝାନ୍ସୀର ରାଣୀ, ଦିଲ୍ଲୀର ଅଜିମୁଲ୍ଲା ଖାଁ
ପ୍ରଭୃତି ଏଥିରେ ଲିପ୍ତ ଥିଲେ ।

ଅର୍ଥନୈତିକ ଓ ସାମାଜିକ ଦିଗରୁ ମଧ୍ୟ କେତେକ ଲୋକ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ସରକାର ଯେଉଁସବୁ ରାଜ୍ୟ ଓ ଜାଗିରୀ ଖାସ୍ କରିଦେଇଥିଲେ ସେହି ଅଞ୍ଚଳମାନଙ୍କରେ ଯେଉଁମାନେ ଚାକିରି କରି ଜୀବନ ନିର୍ବାହ କରୁଥିଲେ ସେମାନେ ବେକାର ହୋଇଯିବାରୁ ବହୁ ଦୁଃଖରେ ଚଳୁଥିଲେ । ନିଷ୍କର-ବାହେଲ ସମ୍ପତ୍ତି ବାଜ୍ୟାପ୍ତ କରି ସରକାର ବହୁତ ଲୋକଙ୍କୁ ଆର୍ଥିକ ଦୁର୍ଗତିରେ ପକାଇଥିଲେ । ଖ୍ରୀ: ୧୮୫୨ ରେ କେବଳ ବୋମ୍ବେ ପ୍ରଦେଶରେ ସରକାର ୨୦,୦୦୦ (କୋଡ଼ିଏ ହଜାର) ଇନାମ ଖାସ୍ କରିଦେଇଥିଲେ । ଅଯୋଧ୍ୟାର ନବାବଙ୍କ ଅମଳରେ ଯେଉଁମାନେ ବୃତ୍ତି ଭୋଗ କରୁଥିଲେ ସେମାନଙ୍କର ବୃତ୍ତି ସରକାର ବନ୍ଦ କରିଦେବାରୁ ସେମାନେ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ରହିଥିଲେ ।

ବିଧବା ବିବାହ ପ୍ରଚଳନ, ସତୀଦାହ ବନ୍ଦ ପ୍ରଭୃତି କାରଣରୁ ପ୍ରାଚୀନପନ୍ଥୀ ହିନ୍ଦୁମାନେ ସରକାରଙ୍କ ପ୍ରତି ମଧ୍ୟ ସନ୍ତୁଷ୍ଟ ନ ଥିଲେ ।

ସେହି ସମୟରେ ଇଂରେଜ ସରକାର ଭାରତ ବାହାରେ କ୍ରିମିଆ, ପାରସ୍ୟ, ଚୀନ ପ୍ରଭୃତି ସ୍ଥାନରେ ଯୁଦ୍ଧରେ ଲିପ୍ତ ଥିବାରୁ ଭାରତରୁ ଦେଶୀୟ ସୈନ୍ୟମାନଙ୍କୁ ପଠାଇବା ବ୍ୟବସ୍ଥା କରିଥିଲେ । ସମୁଦ୍ର ଯାତ୍ରା ଦ୍ୱାରା ଜାତିଚ୍ୟୁତ ହେବା ଭୟ ସନାତନପନ୍ଥୀ ହିନ୍ଦୁ ସିପାହୀମାନଙ୍କ ମନରେ ଜାଗ୍ରତ ହୋଇଥିଲା । ସରକାର ଜାଣିଶୁଣି ଜାତିଚ୍ୟୁତ କରି ଲୋକମାନଙ୍କୁ ଖ୍ରୀଷ୍ଟିଆନ୍ କରିବା ଉଦ୍ୟମ କରୁଛନ୍ତି ବୋଲି ମଧ୍ୟ ହିନ୍ଦୁମାନଙ୍କ ମନରେ ଧାରଣା ହେଲା । ସେତେବେଳେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ହିନ୍ଦୁଧର୍ମକୁ ବିକୃତ କରି ଅତି ଉତ୍କଟ ଭାବରେ ପ୍ରଚାର କରୁଥିଲେ ।

ପୁଣି ସେ ସମୟରେ "ଏନ୍‌ଫିଲ୍‌ଡ ରାଇଫଲ"ର ନୂତନ ପ୍ରଚଳନ ଆଉ ଏକ ବିଭ୍ରାଟ ସୃଷ୍ଟି କଲା । ସେଥିରେ ଥିବା ଟୋଟା ଉପରେ ଯେଉଁ ଅଠା ଦିଆଯାଇଥିଲା ତାହା ଗାଈ ଓ ଘୁଷୁରିର ଚର୍ବି ବୋଲି ପ୍ରଚାର ହୋଇଥିଲା । ଦାନ୍ତରେ ଛିଣ୍ଡାଇ ସେହି ଟୋଟାକୁ ବ୍ୟବହାର କରିବାକୁ ପଡୁଥିଲା । ସେଥିପାଇଁ ହିନ୍ଦୁ ଓ ମୁସଲମାନ ସିପାହୀମାନେ ଭାବିଲେ ଯେ ଇଂରେଜମାନେ ସେମାନଙ୍କ ଜାତି ନଷ୍ଟ କରିବା ପାଇଁ ଏହି ଫିକର କରିଛନ୍ତି ।

ଏହିସବୁ ଅଶାନ୍ତି ଏକତ୍ରିତ ହେବାରୁ ସିପାହୀମାନଙ୍କ ମନରେ ବିଦ୍ରୋହଭାବ ଜାଗ୍ରତ ହେଲା ।

ସେ ସମୟରେ ଗୋରା ସୈନ୍ୟସଂଖ୍ୟା ମଧ୍ୟ ଭାରତରେ ଯଥେଷ୍ଟ ନ ଥିଲା । ଆଲ୍ଲାହାବାଦ ଓ କଲିକତା ମଧ୍ୟରେ ଦନାପୁର-ଠାରେ କେବଳ ଦଳେ ଇଂରେଜ ସୈନ୍ୟ ଥିଲେ । ପ୍ରକୃତରେ ଭାରତୀୟ ସିପାହୀମାନଙ୍କ ଉପରେ ନିର୍ଭର କରି ଇଂରେଜ ଶାସନ ଚଳୁଥିଲା । ସିପାହୀମାନେ ବୁଝିଲେ ଯେ ସେମାନେ ଇଂରେଜ ସରକାରଙ୍କୁ ସାହାଯ୍ୟ ନ କଲେ ଇଂରେଜମାନେ ଏ ଦେଶରେ ତିଷ୍ଠି ପାରିବେ ନାହିଁ ।

ବନ୍ଧୁକରେ ଗୁଳି ଚଢ଼ିଥିଲା । କେବଳ ଫୁଟାଇବା ବାକି ଥିଲା । ବଙ୍ଗ ପ୍ରଦେଶର ବାରକ୍‌ପୁର ସୈନ୍ୟଛାଉଣୀରେ ପ୍ରଥମେ ବିଦ୍ରୋହ ବନ୍ଧୁକ ଫୁଟିଲା । ଏହା କ୍ରମେ ବଙ୍ଗ, ବିହାର, ଓଡ଼ିଶା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଉତ୍ତର ଭାରତର କେତେକ ଅଞ୍ଚଳରେ ବିଦ୍ରୋହ ବ୍ୟାପିଗଲା ।

ଏହି ବିଦ୍ରୋହରେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ, ନାନା ସାହେବ, ତାନ୍ତିଆଟୋପି, ଅଜିମୁଲ୍ଲାଖାନ୍, ଅଯୋଧ୍ୟା ବେଗମ, ବାହାଦୁର ଶାହା, ସମ୍ବଲପୁରର ସୁରେନ୍ଦ୍ର ସାଏ, ଯୋଡ଼ାହାଟର

ଅର୍ଜୁନ ସିଂହ, ଜଗଦୀଶପୁରର କୁନ୍‌ୱାର ସିଂହ ପ୍ରଭୃତି ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବିଦ୍ରୋହ ଚଳାଇଲେ ।

ଖ୍ରୀ: ୧୮୫୭ ମେ ମାସ ତା ୧୦ ରିଖରେ ମିରଟରେ ସିପାହୀମାନେ ବିଦ୍ରୋହ କରି ଜେଲ ଭାଙ୍ଗିଦେଲେ ଏବଂ ବନ୍ଦୀ-ମାନଙ୍କୁ ମୁକ୍ତ କରିଦେଲେ । ସହରରେ ଥିବା କେତେ ଜଣ ୟୁରୋପିଅନ୍‌ଙ୍କୁ ହତ୍ୟା କଲେ ଏବଂ ସେମାନଙ୍କ ଘର ପୋଡ଼ିଦେଲେ । ସେତେବେଳେ ଜେନେରାଲ୍ ହିଉଇଟ୍‌ଙ୍କ ଅଧିନାୟକତ୍ୱରେ ପ୍ରାୟ ୨୨୦୦ ଗୋରା ସୈନିକ ସହରରେ ଥିଲେ ମଧ୍ୟ ସେ ସିପାହୀମାନଙ୍କ ବିଦ୍ରୋହକୁ ଦମନ କରିବାକୁ ଚେଷ୍ଟା ନ କରି ତୁନି ହୋଇ ରହିଲେ । ବିଦ୍ରୋହୀମାନେ ମିରଟରୁ ଯାଇ ଅତିଶୀଘ୍ର ଦିଲ୍ଲୀ ଭିତରେ ପଶିଲେ । ସେତେବେଳେ ଦିଲ୍ଲୀରେ ଗୋଟିଏ ସୈନ୍ୟଦଳ ଆଦୌ ନ ଥିଲେ । ଦିଲ୍ଲୀ ସହର ବିନା ବାଧାରେ ବିଦ୍ରୋହୀମାନଙ୍କ ହାତରେ ପଡ଼ିଲା । ଏଠାରେ ବିଦ୍ରୋହୀମାନେ ବହୁ ୟୁରୋପିଅନ୍‌ଙ୍କୁ ହତ୍ୟା କଲେ ଏବଂ ସେମାନଙ୍କର ଘରକୁ ପୋଡ଼ିଦେଲେ । ଦିଲ୍ଲୀର ଗୋଲା ବାରୁଦ-ଖାନାକୁ ରକ୍ଷା କରିବା ପାଇଁ ଲେଫ୍‌ଟେନାଣ୍ଟ ଉଇଲୋବି ପ୍ରାଣପଣେ ଚେଷ୍ଟା କଲେ । ଅଳ୍ପସଂଖ୍ୟକ ସୈନିକଙ୍କ ସାହାଯ୍ୟରେ ସେ ଆଠ ଦିନ ବାରୁଦଖାନାକୁ ରକ୍ଷା କରିବାକୁ ଲଢ଼େଇ କଲେ । କିନ୍ତୁ ଶେଷରେ ଅବସ୍ଥା ଅସମ୍ଭାଳ ହେବାରୁ ବାରୁଦଖାନାରେ ନିଆଁ ଲଗାଇ ଧ୍ୱଂସ କରିଦେଲେ । ବିଦ୍ରୋହୀମାନେ ଗୋଲା ବାରୁଦ ପାଇବାରୁ ବଞ୍ଚିତ ହେଲେ ।

ବିଦ୍ରୋହୀମାନେ ପୁରୁଣା ବାଦଶାହଙ୍କ ନଅର ଭିତରେ ପଶି ନାମମାତ୍ର ବାଦଶାହ ବାହାଦୁର ଶାହ (୨ୟ) ଙ୍କୁ ଦିଲ୍ଲୀର ସମ୍ରାଟ ବୋଲି ଘୋଷଣା କଲେ ।

ଏହାପରେ ପ୍ରାୟ ତିନି ସପ୍ତାହ ଟିକିଏ ଶାନ୍ତିରେ କଟିଲା ପଞ୍ଜାବର ଚିଫ୍ କମିଶନର ସାର ଜନ୍ ଲରେନ୍ସ ପଞ୍ଜା ରକ୍ଷା ପାଇଁ ବ୍ୟବସ୍ଥା କଲେ ଏବଂ ପଞ୍ଜାବର ଅନ୍ୟ ସ୍ଥାନମାନ ବିଦ୍ରୋହ ଶୀଘ୍ର ବ୍ୟାପି ପାରିଲା ନାହିଁ ।

ଜୁନ୍ ମାସ ଆରମ୍ଭ ବେଳକୁ ବିହାରରେ ରାଜପୁତନା ନାସିରବାଦରେ, ବୁନ୍ଦେଲଖଣ୍ଡର ବାରେଲିରେ, କାନପୁରରେ ବନାରସ ଓ ଇନ୍ଦର ଏବଂ ମଧ୍ୟ ଭାରତର କେତେକ ସ୍ଥାନରେ ବିଦ୍ରୋହ ତେଜି ଉଠିଲା । ସେହି ମାସରେ ଅଧିକାଂଶ ସ୍ଥାନରେ ସରକାରୀ ହାକିମମାନେ ବିଦ୍ରୋହ ଦମନ କରିବାକୁ ସମ ହୋଇଥିଲେ । ବନାରସରେ କର୍ଣ୍ଣେଲ ନେଲ୍ ବିଦ୍ରୋହ ଦମ କଲେ । ଯେତେ ବିଦ୍ରୋହୀ ଧରାପଡ଼ିଲେ ସମସ୍ତେ ଫାଶ ଖାଇଲେ ପିଲା, ବୁଢ଼ା, ଦୋଷୀ ନିର୍ଦ୍ଦୋଷ ନିର୍ବିଶେଷରେ ବହୁ ଲୋକଙ୍କୁ ଧ ଗୋରା ହାକିମ ଓ ଗୋରା ନାଗରିକମାନେ ମାରିଦେଲେ ଆଲ୍ଲାହାବାଦ ଦୁର୍ଗ ଜୁନ ମାସ ତା ୧୧ ରିଖରେ ନେଲ୍ ଅଧିକା କଲେ ।

କାନପୁରରେ ନାନାସାହେବ ବିଦ୍ରୋହର ନେତା ଥିଲେ ସେ ସେତେବେଳେ କାନପୁର ନିକଟସ୍ଥ ବିଥୁର ନାମକ ସ୍ଥାନରେ ରହୁଥିଲେ । ନିଜକୁ ସେ ପେଶବା ବୋଲି ଘୋଷଣା କଲେ ପ୍ରାୟ ଦୁଇ ଶହ ଗୋରା ଅଧିବାସୀ ଓ କେତେ ଜଣ ଗୋ ହାକିମ ଜୁନ ୮ ତାରିଖଠାରୁ ୨୬ ପର୍ଯ୍ୟନ୍ତ ପ୍ରାଣପଣେ ଚେଷ୍ଟା କରି ନିଜକୁ ରକ୍ଷା କରିଥିଲେ । ତା ୨୭ ରିଖରେ ସେମାନେ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ନିରାପଦରେ ରଖାଯିବ ପ୍ରତିଶ୍ରୁତି ଦିଆ ହୋଇଥିଲା । କିନ୍ତୁ ନଦୀରେ ଡଙ୍ଗାରେ ବ ଯାଉ ହେଉଥିବା ସମୟରେ ସେମାନଙ୍କ ଉପରେ ଗୁଳିବର୍ଷ ହେଲା ଏବଂ ଅଧିକାଂଶ ଲୋକ ନଦୀଗର୍ଭରେ ଗଲେ । କେବ

ଚାରୋଟି ଲୋକ ରକ୍ଷା ପାଇ କୂଳରେ ଲାଗିଲେ । ବିବିଗଡ଼ ନାମକ କୋଠାରେ ୨୧୧ ଜଣ ଗୋରା ସ୍ତ୍ରୀ ଓ ପିଲାଙ୍କୁ ଅଟକ କରି ରଖା ଯାଇଥିଲା । ନାନାସାହେବ ଓ ତାଙ୍କର ସହକାରୀ ତାନ୍ତିଆଟୋପିଙ୍କ ଆଦେଶରେ ଜୁଲାଇ ତା ୧୫ ରିଖରେ ସମସ୍ତଙ୍କୁ ହତ୍ୟା କରାଗଲା । ବନାରସରେ ଓ ଆଲ୍ଲାହାବାଦରେ ଇଂରେଜ ଲୋକେ ଭାରତୀୟ-ମାନଙ୍କ ଉପରେ ଯେଉଁ ଅତ୍ୟାଚାର କରିଥିଲେ ତାର ପ୍ରତିଶୋଧ ସ୍ୱରୂପ ଏହି ଘଟଣା ଘଟିଥିଲା । ତା ୧୭ ରିଖରେ ନେଲ୍ ଓ ହେବଲକ୍ ସେନାପତିମାନେ କାନପୁରକୁ ବିଦ୍ରୋହୀମାନଙ୍କ ହାତରୁ ଉଦ୍ଧାର କରିଥିଲେ ।

ଜୁନ ମାସ ତା ୮ ରିଖରେ ଦଳେ ଗୋରା ସୈନ୍ୟ ଦିଲ୍ଲୀ ଅବରୋଧ କଲେ । ତା ୧୪ ରିଖରେ କାଶ୍ମୀର ଗେଟ୍‌କୁ ଭାଙ୍ଗି ସହର ଭିତରେ ପଶିଲେ । ଇଂରେଜ ସୈନିକମାନେ ନିର୍ବିଶେଷରେ ସହରକୁ ଲୁଣ୍ଠନ କଲେ ଏବଂ ବହୁ ଲୋକଙ୍କୁ ହତ୍ୟା କଲେ । ଲୋକେ ଭୟରେ କିଏ କୁଆଡ଼େ ଲୁଚି ରହିଲେ । ଗୋଟିଏ ଗୋଟିଏ ଛୋଟ ଛୋଟ ଘର ଭିତରେ ପ୍ରାୟ ୫୦ ଜଣ ଲୋକ ଲୁଚିଥିବା ଦେଖାଯାଇଥିଲା । ସହରରେ ସମ୍ରାଟ୍ ହୁମାୟୁନଙ୍କ କବର ସ୍ଥାନରେ ବାହାଦୁର ଶାହ ଲୁଚିଥିଲେ । ତାଙ୍କୁ ସେଠାରେ ଗିରଫ କରାଗଲା । ତାଙ୍କ ପୁଅ ଓ ନାତିମାନେ ସରକାରଙ୍କ ହାତରେ ଆତ୍ମସମର୍ପଣ କଲେ । ବିଚାର ପରେ ବାହାଦୁରଶାହଙ୍କୁ ରେଙ୍ଗୁନକୁ ନିର୍ବାସିତ କରାଗଲା ।

ଲକ୍ଷ୍ନୌ, ଅଯୋଧ୍ୟା ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସରକାରୀ ସୈନ୍ୟ ବିଦ୍ରୋହ ଦମନ କଲେ । ୧୮୫୮ ମାର୍ଚ୍ଚ ତା ୨୧ ରିଖ ଦିନ ଲକ୍ଷ୍ନୌ ପୁନର୍ବାର ଅଧିକୃତ ହେଲା । ବରେଲୀର ବିଦ୍ରୋହୀମାନଙ୍କ ଭିତରେ କେତେ ଜଣ ନେପାଳ ଭିତରକୁ ଲୁଚି ଚାଲିଯାଇଥିଲେ ।

ନେପାଳ ସରକାର ସେମାନଙ୍କୁ ଧରି ଇଂରେଜ ସରକାର ହାତରେ ଅର୍ପଣ କରି ଦେଇଥିଲେ ।

ମଧ୍ୟ ଭାରତର ତାନ୍ତିଆଟୋପି (ଜଣେ ମରହଟ୍ଟା ବ୍ରାହ୍ମଣ ବିଦ୍ରୋହୀମାନଙ୍କର ନେତୃତ୍ୱ ଗ୍ରହଣ କରି ଗ୍ୱାଲିଅର୍‌ର ବିଦ୍ରୋ ସୈନ୍ୟଦଳରେ ଥିବା ପ୍ରାୟ ୨୦୦୦୦ (କୋଡ଼ିଏ ହଜାର ସିପାହୀଙ୍କୁ ଧରି ଉତ୍ତର ଭାରତ ଆଡ଼େ ଅଗ୍ରସର ହେଲେ । କଲପି ଠାରେ ଯମୁନାନଦୀ ପାର ହୋଇ କାନପୁରରେ ନାନା ସାହେବ ସହ ଯୋଗଦାନ କରିଥିଲେ । କାନପୁରରୁ ବିଦ୍ରୋହୀମାନେ ତଡ଼ ଖାଇବାରୁ (ଡିସେମ୍ବର ତା୬ରିଖ ରେ) ଝାନ୍ସୀର ରାଣୀଙ୍କ ସହିତ ସହଯୋଗ କରିବାପାଇଁ ପୁଣି ମଧ୍ୟ ଭାରତ ଭିତରେ ପଶିଲେ ବୁନ୍ଦେଲଖଣ୍ଡରେ ସାର୍ ଜନ୍ କାମ୍ପବେଲ ବିଦ୍ରୋହ ଦମନ ଅଭିଯାନ ଚଳାଉଥିଲେ । ୧୮୫୮ ଜାନୁଆରୀ ଆରମ୍ଭରେ ସେ ସେଠାରୁ ସାଗୋର ଓ ହାଟଗଡ଼ ଦଖଲ କଲେ । ବେଟ୍‌ବ ନଦୀକୂଳରେ ଫେବୃଆରୀମାସର ପ୍ରଥମ ସପ୍ତାହରେ ତାନ୍ତିଆ ଟୋପିଙ୍କୁ ସେ ପରାସ୍ତ କଲେ । ଅପ୍ରେଲ ତା୩ରିଖରେ କେମ୍ପବେଲ ଝାନ୍ସୀ ଆକ୍ରମଣ କଲେ । ଝାନ୍ସୀର ରାଣୀ ତା୪ ରିଖରେ ରାତିରେ ଗଡ଼ ଛାଡ଼ି କଲପିକୁ ପଳାଇଗଲେ । ଇଂରେଜମାନେ ମେ ମାସ ତା ୨୨ରିଖରେ କଲପି ଦଖଲ କଲେ । ଝାନ୍ସୀରାଣୀ ଓ ତାନ୍ତିଆ ଟୋପି ଗ୍ୱାଲିଅର୍ ଆକ୍ରମଣ କରି ସିନ୍ଧିଆ ମହାରାଜାଙ୍କୁ ସେଠାରୁ ତଡ଼ିଦେଲେ । ମହାରାଜା ଆଗ୍ରାକୁ ପଳାଇଗଲେ । ମହାରାଜାଙ୍କ ସିପାହୀମାନେ ବିଦ୍ରୋହ କରି ନାନା ସାହେବଙ୍କୁ ପେଶବା ବୋଲି ଘୋଷଣା କଲେ । ଇଂରେଜ ସେନାପତିମାନେ ବିଦ୍ରୋହୀମାନଙ୍କୁ ମୋରର୍ ଓ କୋଟାଠାରେ ପରାସ୍ତ କରି ବିଦ୍ରୋହ ଦମନ କଲେ । ଏହି ସ୍ଥାନରେ ଯୁଦ୍ଧକ୍ଷେତ୍ରରେ ଝାନ୍ସୀରାଣୀ ପୁରୁଷବେଶରେ ଯୁଦ୍ଧ

କରୁଥିଲେ । ୧୮୫୮ ଜୁନ୍ ତା ୧୭ ରିଖରେ ରାଣୀ ଏହି ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇଲେ ।

ତାନ୍ତିଆ ଟୋପି ଯୁଦ୍ଧ କ୍ଷେତ୍ରରୁ ପଳାଇଯାଇ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇ ଲୁଚି ରହିଲେ । ସିନ୍ଧିଆ ମହାରାଜାଙ୍କ ଜଣେ ଜମିଦାର ଅପ୍ରେଲ ମାସରେ ତାନ୍ତିଆଙ୍କୁ ଧରିନେଇ ଇଂରେଜ-ସରକାରଙ୍କ ହାତରେ ଅର୍ପଣ କଲେ । ତାନ୍ତିଆ ବିଚାରରେ ଫାଶି ପାଇଲେ । ନାନାସାହେବ ନେପାଳ ଭିତରକୁ ପଳାଇ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଶୁଣାଯାଏ । ଏହିପରି ଭାବରେ ସିପାହୀ ବିଦ୍ରୋହର ଦମନ ହେଲା ।

(୨) ହଜାରିବାଗ ଜେଲରୁ ସୁରେନ୍ଦ୍ର ସାଏ ମୁକ୍ତ

ଭାରତବର୍ଷର ଇତିହାସରେ ସିପାହୀ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହି ବିଦ୍ରୋହ ପରେ ଭାରତରେ ଇଂରେଜ ଶାସନର ନୀତି ବହୁପରିମାଣରେ ପରିବର୍ତ୍ତିତ ହୋଇ ଯାଇଥିଲା । ଶାସନର ରୂପରେଖ ଅନେକାଂଶରେ ବଦଳି ଯାଇଥିଲା ଏବଂ ଶାସନକଳ ଦୃଢ଼ରୁ ଦୃଢ଼ତର ହୋଇ ହେଲା ।

ଭାରତୀୟ ଜନସାଧାରଣଙ୍କର ଇଂରେଜଶାସନ ପ୍ରତି ଯେ ଅଟଳ ବିଶ୍ୱାସ ନ ଥିଲା ଏହା ସିପାହୀ ବିଦ୍ରୋହରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା । ସମୟ ଓ ସୁବିଧା ପାଇଲେ ଇଂରେଜ ରାଜତ୍ୱକୁ ଏ ଦେଶରୁ ମୂଳପୋଛ କରି ଦେବାପାଇଁ ଉଦ୍ୟମ କରିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନ ଥିଲା ।

୧୮୫୭ ମସିହାରେ ଉତ୍ତର ଭାରତରେ ଇଂରେଜ ରାଜତ୍ୱ ଯେ ଦୁର୍ଦ୍ଦିନ ଉପସ୍ଥିତ ହୋଇଥିଲା, ସେଥିରୁ ଇଂରେଜମାନେ ସହଜରେ ବର୍ତ୍ତି ପାରିବେ, ଏ ଧାରଣା ଖୁବ୍ କ ଲୋକଙ୍କର ଥିଲା ।

ଓଡ଼ିଶାରେ ସିପାହୀମାନଙ୍କ ବିଦ୍ରୋହ ସଂଗଠିତ ହୋ ନ ଥିଲେ ମଧ୍ୟ ତାହାର ଝଲକ ସମ୍ବଲପୁର ଅଞ୍ଚଳରେ ଦେଖ ଯାଇଥିଲା । ପ୍ରାକ୍ତନ ଓଡ଼ିଶାର ଉତ୍ତରପଶ୍ଚିମ ଅଞ୍ଚ (ସିଂହଭୂମି)ରେ ପୋଡ଼ାହାଟ ରାଜା ଅର୍ଜୁନ ସିଂହ ଓ ସମ୍ବଲପୁର ଶ୍ରୀ ସୁରେନ୍ଦ୍ର ସାଏ ଯେଉଁ ବିଦ୍ରୋହ କରିଥିଲେ, ତାହା ଓଡ଼ି ଇତିହାସର ଏକ ଗୌରବମୟ ଅଧ୍ୟାୟ ହୋଇ ରହିଥିବ ।

ସୁରେନ୍ଦ୍ରଙ୍କ ଜେଲଦଣ୍ଡ

ସମ୍ବଲପୁରରେ ବହୁଶତାବ୍ଦୀ ଧରି ସାଏ ବଂଶ ରାଜ କରୁଥିଲେ । ସୁରେନ୍ଦ୍ର ସାଏ ଏହି ସାଏ ବଂଶର ଲୋକ । ୧ ଶତାବ୍ଦୀର ମଧ୍ୟଭାଗରେ ସମ୍ବଲପୁରର ରାଜା ନାରାୟ ସିଂହଦେଓଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ବିବାଦ ହେଲା ସମ୍ବଲପୁର ରାଜଗାଦି ସୁରେନ୍ଦ୍ର ସାଏ ଦାବି କରିଥିଲେ ଶାସକମାନେ ସେ ଦାବିକୁ ସ୍ୱୀକାର ନ କରିବାରୁ ସୁରେନ୍ଦ୍ର ସାଏ ବିରୁଦ୍ଧରେ ରାଜା ନାରାୟଣ ସିଂହଦେଓ କାର୍ଯ୍ୟାନୁଷ୍ଠାନ କଲେ ବିଭିନ୍ନ ଅଭିଯୋଗରେ ସୁରେନ୍ଦ୍ର ସାଏଙ୍କୁ ୧୮ ବର୍ଷ ଜେଲଦ ହେଲା । ବାୟୁ ପରିବର୍ତ୍ତନର କାରଣ ଦେଖାଇ ସୁରେନ୍ଦ୍ର ସାଏ ହଜାରିବାଗ ଜେଲକୁ ପଠାଇ ଦିଆଯାଇଥିଲା । ସିପାହୀ ବିଦ୍ରୋ ବେଳକୁ ସୁରେନ୍ଦ୍ର ଏହି ଜେଲରେ ଥିଲେ ।

ବିହାର ଅଞ୍ଚଳରେ ସିପାହୀ ବିଦ୍ରୋହ

ବିହାର ଅଞ୍ଚଳର ସାହାବାଦ ଜିଲ୍ଲାରେ ସିପାହୀମାନେ ବିଦ୍ରୋହ କରି ଜେଲ ଭାଙ୍ଗି କଏଦୀମାନଙ୍କୁ ଖଲାସ କରିଦେଲେ । ସିପାହୀ ଓ କଏଦୀମାନେ କୋଏର ସିଂଙ୍କ ନେତୃତ୍ୱରେ ସେଠାରେ ସରକାରୀ ଅଫିସ, ଘାଟି ପ୍ରଭୃତି ଆକ୍ରମଣ କରି ବହୁ ଉପଦ୍ରବ କଲେ । ଦାନାପୁରର ସିପାହୀମାନେ ମଧ୍ୟ ବିଦ୍ରୋହ କରି ଆରା ଜିଲ୍ଲାରେ ପଶିଲେ । କୋଏର ସିଂହଙ୍କ ନେତୃତ୍ୱରେ ସିପାହୀମାନେ ବହୁ ସ୍ଥାନରେ ଜେଲ ଭାଙ୍ଗି, କଚେରୀ ଅଧିକାର କରି ରାଜକୋଷକୁ ହସ୍ତଗତ କରିଥିଲେ । ଇଂରେଜମାନେ ଭୟରେ ବିଭିନ୍ନ ସ୍ଥାନରୁ ବାହାରି ଆସି ନିରାପଦ ସ୍ଥାନରେ ଆଶ୍ରୟ ନେଲେ । ଛୋଟନାଗପୁରରେ ରାମଗଡ଼ ବାଟାଲିଅନ ବିଦ୍ରୋହ କରି ବନ୍ଦୀଶାଳା-ମାନଙ୍କରୁ ବନ୍ଦୀମାନଙ୍କୁ ଖଲାସ କରିଦେଲେ, ଖଜଣାଖାନା ଲୁଟ କଲେ । ସେତେବେଳେ ମନେ ହେଉଥିଲା, ସତେ ଯେପରି ସେ ଅଞ୍ଚଳରେ ବ୍ରିଟିଶ ଶାସନ ଲୋପ ପାଇ ଯାଇଛି ।

ଛୋଟନାଗପୁରର ସିପାହୀମାନଙ୍କର ବିଦ୍ରୋହର ପ୍ରଭାବ ଓଡ଼ିଶାର ଉତ୍ତରପଶ୍ଚିମ ଅଞ୍ଚଳରେ ପଡ଼ିଥିଲା, ଏଥିରେ ସନ୍ଦେହ ନାହିଁ । ଶାସକମାନେ ବିଦ୍ରୋହର ଖବର ପାଇ ବିଚଳିତ ହୋଇ ପଡ଼ିଥିଲେ । ସ୍ଥାନେ ସ୍ଥାନେ ଲୋକେ ମଧ୍ୟ ଟିକିଏ ବିଗିଡ଼ା ମନୋଭାବ ଧରିଥିଲେ ।

ଛୋଟନାଗପୁର ଅଞ୍ଚଳରେ କେପ୍‌ଟେନ ଗ୍ରାହମ ଓ କେପ୍‌ଟେନ ଡାଲ୍‌ଟନ୍ ବହୁ ପରିଶ୍ରମ କରି ଅବସ୍ଥାକୁ ଆୟତ୍ତ କରିଥିଲେ । ସେମାନଙ୍କୁ ଜମାଦାର ଆମିରୁଦ୍ଦିନ ଖାଁ ଓ ନାଏବ ରିସାଲଦାର ଶେଖ ମୁଲ ବକ୍‌ସ ବହୁତ ସାହାଯ୍ୟ କରିଥିଲେ । ଏହି ଦୁଇ ମୁସଲମାନ ସିପାହୀ ଅଫିସର ଇଂରେଜମାନଙ୍କ ଏହି ଦୁର୍ଦ୍ଦିନରେ

ଏହି ପାର୍ବତ୍ୟ ଅଞ୍ଚଳରେ ଯେଉଁ ସାହାଯ୍ୟ କରିଥିଲେ, ତା ଇଂରେଜମାନେ କେବେ ଭୁଲିପାରିବେ ନାହିଁ । ରାମଗଡ଼ର ରା ଷଡ଼େଇକଳାର ରାଜା, ଖରସୁଆଁର ରାଜା ଓ ଅନ୍ୟାନ୍ୟ ଅ କେତେକ ଷ୍ଟେଟ ପାହାଡ଼ିଆ ଗଡ଼ପତିଙ୍କ ଯୋଗୁଁ ଏହି ଅଞ୍ଚଳ ଇଂରେଜମାନେ ରକ୍ଷା ପାଇଗଲେ ।

ଜେଲରୁ ସାଏ ମୁକ୍ତ ହେଲେ

ଅଗଷ୍ଟ ମାସ ୫ ତାରିଖରେ ହଜାରିବାଗରେ ବିଦ୍ରୋ ଭୀଷଣ ଆକାର ଧାରଣ କଲା । ସେଠାର ଜେଲରେ ୩୦ ପର୍ଯ୍ୟନ୍ତ ବନ୍ଦୀ ଥିଲେ । ବିଦ୍ରୋହୀମାନେ ଜେଲ ଭାଙ୍ଗି ସମସ୍ତ ଖଲାସ କରିଦେଲେ । ଖଜଣାଖାନାରେ ପ୍ରାୟ ଏକଲକ୍ଷ ଟ ଥିଲା; ତାକୁ ଲୁଟ୍ କରିନେଲେ । ଏହି ବନ୍ଦୀମାନଙ୍କ ସାଙ୍ଗରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ମଧ୍ୟ ଖଲ ହୋଇଥିଲେ ।

ସେତେବେଳେ ଏହି ବନ୍ଦଶାଳାରେ ଓଡ଼ିଶା ଗଡ଼ଜାତ କେତେକ ବନ୍ଦୀ ମଧ୍ୟ ଥିଲେ । ବନ୍ଦୀମାନଙ୍କ ଭିତରୁ ଅଧିକାଂ ବିଦ୍ରୋହରେ ଯୋଗ ଦେଇ ନାନା ଅଶାନ୍ତି ସୃଷ୍ଟି କଲେ ।

ହଜାରିବାଗରେ ୮ ନମ୍ବର ସିପାହୀ କମ୍ପାନୀର ସିପାହୀମାନେ ବିଦ୍ରୋହରେ ଯୋଗ ଦେଇ ସମ୍ବଲପୁର ଅଭିମୁଖରେ ଯା କରିଛନ୍ତି ବୋଲି ଖବର ପାଇ ସମ୍ବଲପୁରରେ ଶାସକମାନେ ବିଚଳିତ ହୋଇପଡ଼ିଲେ ।

ଶାସକମାନଙ୍କ ରାଜ୍ୟରକ୍ଷା ବ୍ୟବସ୍ଥା

କଟକ କମିଶନର ଜନ୍‌ବର୍ଣ୍ଣ ସାହେବ ସମ୍ବଲପୁର ନିରାପଦରେ ରଖିବା ପାଇଁ କଟକରୁ ଦଳେ ମାନ୍ଦ୍ରାଜୀ ସୈନ୍ୟ

ାପ୍ଟେନ୍ ଲେଙ୍କ ନେତୃତ୍ୱରେ ପଠାଇଲେ । ହଜାରିବାଗର ବିଦ୍ରୋହୀଦଳ ସମ୍ବଲପୁର ଆଡ଼କୁ ମାଡ଼ି ଆସୁଥିବା ଗୁଜବ ଠିକ୍ ନୁହେଁ ବୋଲି ପରେ ଜଣାପଡ଼ିଲା । କାପ୍ଟେନ୍ ଲେ ଅଗଷ୍ଟ ମାସ ଶେଷ ବେଳକୁ ସମ୍ବଲପୁରରେ ପହଞ୍ଚିଲେ ।

କାପ୍ଟେନ ଲେ ସମ୍ବଲପୁରରେ ମୁଖ୍ୟ ଆସିଷ୍ଟାଣ୍ଟ କମିଶନର ରୂପେ ନିଯୁକ୍ତ ହୋଇ ଅବସ୍ଥାନ କଲେ । ସମ୍ବଲପୁରରୁ ରାଜକୋଷ ଧ ହରଣକଲ ହେବାର ମସୁଧା ହୋଇଥିଲା । ବିଦ୍ରୋହୀମାନେ ରାଞ୍ଚି ସେନାନାୟକଙ୍କ ଜାଲ ଦସ୍ତଖତରେ ସମ୍ବଲପୁର ପାଇକ କମ୍ପାନୀର ସୁବାଦାର ଶେଖ୍ ପାଞ୍ଚକଉଡ଼ି ଖାଁଙ୍କଠାକୁ ପତ୍ର ଲେଖିଲେ ଯେ ବନ୍ଦୀଶାଳାରୁ ସବୁ କଏଦୀଙ୍କୁ ମୁକ୍ତ କରିଦିଅ । ରାଜକୋଷରେ ଯେତେ ଟଙ୍କା ଅଛି, ତାକୁ ଏହି କଏଦୀମାନଙ୍କ ସାହାଯ୍ୟରେ କୁ ପଠାଇ ଦିଅ ।" ଯଦି ଜେଲରୁ କଏଦୀମାନଙ୍କୁ ଖଲାସ କରି ଦିଆଯାଇଥାନ୍ତା ଏବଂ ଏହି କଏଦୀମାନଙ୍କ ସାହାଯ୍ୟରେ ରାଜକୋଷକୁ ରାଞ୍ଚି ପଠାଇବା ବ୍ୟବସ୍ଥା ହୋଇଥାଆନ୍ତା, ତାହା ହେଲେ ନିଶ୍ଚୟ ବିଦ୍ରୋହୀମାନେ ବାଟରେ ଟଙ୍କାକୁ ଛଡ଼ାଇ ନେଇ କଏଦୀମାନଙ୍କୁ ସେମାନଙ୍କ ଦଳ ଭିତରକୁ ଟାଣି ନେଇ ଥାଆନ୍ତେ । ଏହା ଘଟିଥିଲେ ସମ୍ବଲପୁରରେ ଇଂରେଜ ରାଜତ୍ୱର ଅବସ୍ଥା ଯେ ଅତି ଶୋଚନୀୟ ହୋଇ ପଡ଼ିଥାଆନ୍ତା, ଏଥିରେ କୌଣସି ସନ୍ଦେହ ନାହିଁ । ଇଂରେଜମାନଙ୍କ ଭାଗ୍ୟକୁ ସୁବାଦାର ଶେଖ ପାଞ୍ଚକଉଡ଼ି କାପ୍ଟେନ ଲେଙ୍କୁ ଏହି ଶଠି କଥା ପ୍ରକାଶ କରିଦେଲେ । ଲେ ହୁସିଆର ହୋଇଯାଇ ଜେଲ ଓ ରାଜକୋଷ ରକ୍ଷାର ସୁବ୍ୟବସ୍ଥା କରିବାକୁ ଲାଗିଲେ ।

ସମ୍ବଲପୁରରୁ କାପ୍ଟେନ ଲେ ଝୁଇଁବସା ଆଡ଼କୁ ଅଗ୍ରସର ହେଲେ । ସାଙ୍ଗରେ ଷଡ଼େଇକଳାର ରାଜା, ଖରସୁଆଁର ରାଜା

ଓ ଛନ୍ଦହଜାର କୋଡ଼ି ଥିଲେ । ସେପ୍‌ଟେମ୍ବର ୧୭ ତାରିଖ ସ୍ବଇଁବସାରେ ଲେ ପହଞ୍ଚିଲେ । ଯେଉଁ ଯେଉଁ ଅଞ୍ଚ ଶାସକମାନେ ପଳାଇଥିଲେ ଏବଂ ଶାସନ ବ୍ୟବସ୍ଥା ଭାଙ୍ଗି ପଡ଼ିଥି ସେଥିରୁ ଅଧିକାଂଶ ସେପ୍‌ଟେମ୍ବର ଶେଷ ବେଳକୁ ଆୟତ୍ତା ହୋଇଗଲା । ଏଥରରୁ ନିଃଶ୍ବାସ ମାରିବାକୁ ସମୟ ପାଇ ଶାସକମାନେ ସମ୍ବଲପୁର ଆଡ଼କୁ ଦୃଷ୍ଟି ଦେଲେ ।

ସମ୍ବଲପୁରରେ ସେତେବେଳେ ଯେଉଁ ପୋଲିସ ଥି ସେମାନଙ୍କ ସଂଖ୍ୟା ସରକାର ବୃଦ୍ଧି କରିଦେଲେ । ଅଧି ୮୦ ଜଣ ସିପାହୀଙ୍କୁ ନିଯୁକ୍ତ କରାଗଲା । ରାମଗଡ଼ ବାଟାଲିଅନ ଦେଢ଼ଶହ ସିପାହୀ ଓ ୧୨ ଜଣ ଅଶ୍ବାରୋହୀ ସିପାହୀ ଇଂରେ ମାନଙ୍କ ପ୍ରତି ଅନୁରକ୍ତ ରହିଥିବାରୁ ସେମାନଙ୍କୁ ସମ୍ବଲପୁରରେ ରଖାଗଲା ।

ସଂଘର୍ଷର ପ୍ରାରମ୍ଭ

ଅକ୍‌ଟୋବର ମାସ ପ୍ରଥମ ଭାଗରେ ଖବର ପହଞ୍ଚିଲା ସୁରେନ୍ଦ୍ର ସାଏ ବହୁ ଲୋକଙ୍କୁ ଧରି ସମ୍ବଲପୁର ସହର ନିକଟରେ ପହଞ୍ଚିଲେଣି । ସମ୍ବଲପୁର ଗାଦି ପାଇବା ପାଇଁ ଗଡ଼ ଆକ୍ରମଣ କରିବା ମତଲବରେ ଅଛନ୍ତି । ବଡ଼ ଆସିଷ୍ଟ କମିଶନର କାପ୍‌ଟେନ ଲେ ସୁରେନ୍ଦ୍ର, ତାଙ୍କ ଭାଇ ଉଦନ୍ତ ସେମାନଙ୍କ ଦଳକୁ ଯେ ଧରାଇ ଦେବ ତାକୁ ପୁରସ୍କ ଦିଆଯିବ ବୋଲି ଏକ ଘୋଷଣା ଜାରିକଲେ ।

—+—

(୩) ସିପାହୀ ବିଦ୍ରୋହ ପୂର୍ବରୁ

ଇଂରେଜ-ସୁରେନ୍ଦ୍ର ସଂଘର୍ଷ

ସମ୍ବଲପୁର ୧୮୦୩ ପର୍ଯ୍ୟନ୍ତ ମରହଟ୍ଟାମାନଙ୍କ ରାଜତ୍ବ ଅଧୀନରେ ଥିଲା । ପରେ ସେହି ବର୍ଷ ଇଂରେଜମାନଙ୍କୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଗଡ଼ଜାତ ଅଞ୍ଚଳ ସହ ସମ୍ବଲପୁରକୁ ମଧ୍ୟ ମରହଟ୍ଟାମାନେ ଦେବଗାଁ ସନ୍ଧିସର୍ତ୍ତ ଅନୁସାରେ ଦେବାକୁ ବାଧ୍ୟ ହେଲେ । ସେତେବେଳେ ସମ୍ବଲପୁରରେ ଚାଟିଆ ଫଡ଼ନବିସ୍ ମରହଟ୍ଟାମାନଙ୍କର ଗଭର୍ଣ୍ଣର ବା ସୁବାଦାରରୂପେ ରାଜତ୍ବ କରୁଥିଲେ । କାପ୍‌ଟେନ ରଫ୍‌ସେଜ୍ ସହରକୁ ନିରାପଦରେ ଦଖଲ କରିନେଲେ । ୧୮୦୫ ରେ ଇଂରେଜମାନେ ସମ୍ବଲପୁରକୁ ପାଟଣା ଷ୍ଟେଟ ସହ ମରହଟ୍ଟାମାନଙ୍କ ହାତରେ ଛାଡ଼ିଦେଲେ । ସେତେବେଳର ଗଭର୍ଣ୍ଣର ଜେନେରାଲ୍ ସାର୍ ଜର୍ଜ ବାର୍ଲୋ ଦେଶକୁ ଶାନ୍ତିରେ ରଖିବା ପାଇଁ ମରହଟ୍ଟା ଓ ଅନ୍ୟାନ୍ୟ ଶତ୍ରୁମାନଙ୍କୁ ଖୁସି କରିବା ନୀତିକୁ ପସନ୍ଦ କରୁଥିଲେ । ତାଙ୍କର ମତ ହେଲା, କେତୋଟି ଛୋଟ ଛୋଟ ଅଞ୍ଚଳର କ୍ଷମତା, ରାଜସ୍ବ ଓ ଅନ୍ୟାନ୍ୟ ବିଷୟ ତ୍ୟାଗ କରି ମରହଟ୍ଟାମାନଙ୍କୁ ସନ୍ତୁଷ୍ଟ ରଖିଲେ ଦେଶରେ ଶାନ୍ତି ବିରାଜିବା ସମ୍ଭବ । ତାଙ୍କର ଏହି ତୋଷଣନୀତିର ଫଳସ୍ବରୂପ ସମ୍ବଲପୁର ଓ ପାଟଣା ପୁଣି ମରହଟ୍ଟାମାନଙ୍କ ହାତକୁ ଗଲା । ୧୮୦୮ରେ ସମ୍ବଲପୁରର ରାଣୀ ମରହଟ୍ଟା ରାଜତ୍ବକୁ ସ୍ବୀକାର ନ କରିବାରୁ ମରହଟ୍ଟାମାନେ ସେହି ବର୍ଷ ସମ୍ବଲପୁର ଗଡ଼କୁ ଦଖଲ କରି ନେବା ପାଇଁ ଉଦ୍ୟମ କଲେ । ମରହଟ୍ଟାମାନେ କୌଶଳ କରି କପଟ ବନ୍ଧୁତା ଦେଖାଇ ରାଣୀଙ୍କ

ମନରେ ବିଶ୍ୱାସ ଜନ୍ମାଇଲେ ଯେ, ସେମାନେ ତାଙ୍କୁ କୌଣ
ପ୍ରକାର ହଇରାଣ କରିବେ ନାହିଁ । ରାଣୀ ସେମାନଙ୍କୁ ବନ୍ଦ
ଯେପରିକେପରି ଦେବାକୁ ରାଜି ହେଲେ । ମହାପ୍ରସାଦ ଛୁଇଁ ଚୁ
ହେଲା । ରାଣୀ ନିଶ୍ଚିନ୍ତ ହୋଇ ଗଡ଼ ଭିତରେ ରହିଥିବା ସୁ
ଦେଖି ମରହଟ୍ଟାମାନେ ହଠାତ୍ ଗଡ଼ ଆକ୍ରମଣ କରି ଗଡ଼ ଦଖ
କରିନେଲେ । ରାଣୀ ବାଧ୍ୟ ହୋଇ କଟକ ଅଞ୍ଚଳକୁ ପଳାଇଥି
ଇଂରେଜମାନଙ୍କ ଆଶ୍ରୟ ନେଲେ ।

୧୮୧୭ ରେ ପୁଣି ମରହଟ୍ଟାମାନଙ୍କ ହାତରୁ ସମ୍ବଲପୁ
ଇଂରେଜମାନଙ୍କ ହାତକୁ ଆସିଲା । ୪ର୍ଥ ମରହଟ୍ଟା ଯୁଦ୍ଧ ବେ
କାପ୍ଟେନ ରଫ୍ସେଡ୍ଜ୍ ସମ୍ବଲପୁର ଗଡ଼ ଆକ୍ରମଣ କ
ଦଖଲ କରିନେଲେ । ସେହି ବର୍ଷ ନାଗପୁରରେ ଭୋସଲା
ଦରବାରରେ ଥିବା ଇଂରେଜ ରାଜଦୂତ ସାର ରିଚାର୍ଡ ଜେନ୍କିନ୍ସ
ଚେଷ୍ଟାରେ ସମ୍ବଲପୁରର ରାଜା ଜୟନ୍ତସିଂହ ଓ ତା
ପୁତ୍ର ମରହଟ୍ଟାମାନଙ୍କ କବଳରୁ ମୁକ୍ତ ହେଲେ ଏବଂ ଜୟନ୍ତସିଂ
ସମ୍ବଲପୁର ଗାଦି ପାଇଲେ । ୧୮୧୮ରେ ଜୟନ୍ତ ସିଂହଙ୍କ
ମୃତ୍ୟୁ ହେଲା । ତାଙ୍କ ପୁତ୍ର ମହାରାଜ ସିଂହ ୧୮୨୦ରେ ଗାଦିରେ
ବସିଲେ । ୧୮୨୧ରେ ପୂର୍ବରୁ ସମ୍ବଲପୁର ଅଧୀନରେ ଥି
ଗଡ଼ଜାତଗୁଡ଼ିକୁ ଅଲଗା କରିନେଇ ସେହି ଗଡ଼ଜାତର ରାଜା
ମାନଙ୍କ ସହ ସ୍ୱତନ୍ତ୍ରଭାବରେ ଇଂରେଜମାନେ ଚୁକ୍ତି କରିନେଲେ
୧୮୨୭ରେ ମହାରାଜ ସାଏଙ୍କର ମୃତ୍ୟୁ ହେବାରୁ ତାଙ୍କ ରାଣୀ
ଇଂରେଜମାନେ ସମ୍ବଲପୁର ରାଜଗାଦିର ଉତ୍ତରାଧିକାରୀ ବୋ
ସ୍ୱୀକାର କଲେ । ଏଥିରେ ରାଜବଂଶର କେତେକ ଲୋକ ଓ ସାମ
ଜମିଦାରମାନଙ୍କ ଭିତରୁ କେହି କେହି ଅସନ୍ତୁଷ୍ଟ ହେଲେ । ରା
ରାଜତ୍ୱ କଲେ ପ୍ରିୟାପ୍ରୀତି-ତୋଷଣ ମତ ଯୋଗୁଁ ତାଙ୍କର ପ୍ରି

ଲୋକଙ୍କ ଦ୍ୱାରା ବହୁତ ଅନିଷ୍ଟ ହେବାର ଆଶଙ୍କା କରି କେତେ ଜଣ ଗଣ୍ଡ ଓ ବିଞ୍ଝାଲ ଜମିଦାର ଅମାନିଆ ହେଲେ । ସୁରେନ୍ଦ୍ର ସାଏ ରାଣୀଙ୍କୁ ଗାଦୀର ଉତ୍ତରାଧିକାରୀ ରୂପେ ସ୍ୱୀକାର ନ କରି ନିଜେ ଗାଦି ଦାବୀ କଲେ । ସମ୍ବଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କର ଦାୟାଦ ବୋଲି କହି ସୁରେନ୍ଦ୍ର ଗାଦି ପାଇବା ପାଇଁ ଇଂରେଜମାନଙ୍କଠାରେ ଦାବୀ କରିଥିଲେ । ଇଂରେଜମାନେ ରାଣୀଙ୍କୁ ଉତ୍ତରାଧିକାରୀ ରୂପେ ସ୍ୱୀକାର କରିବାରୁ ଅସନ୍ତୁଷ୍ଟ ଗଣ୍ଡ ଓ ବିଞ୍ଝାଲ ଜମିଦାରମାନଙ୍କ ନେତୃତ୍ୱ ନେଇ ସୁରେନ୍ଦ୍ର ବିଦ୍ରୋହ ନିଆଁ ଜାଳିଲେ ।

ସୁରେନ୍ଦ୍ର-ବଳଭଦ୍ର ବିଦ୍ରୋହ

ସମ୍ବଲପୁର ଅଞ୍ଚଳରେ ବିଦ୍ରୋହୀମାନେ କେତେ ଖଣ୍ଡି ଗାଁ ଲୁଟି କରିନେଲେ । ଲେଫ୍ଟେନାଣ୍ଟ ହଗିନ୍ସ ସମ୍ବଲପୁରରେ ଥିବା ସୈନ୍ୟମାନଙ୍କ ସାହାଯ୍ୟରେ ବିଦ୍ରୋହ ଦମନ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ସେଥିରେ ବିଶେଷ ଫଳ ନ ହେବାରୁ ହଜାରିବାଗରୁ କାପ୍ଟେନ ୱିଲକିନସନ୍ ସାହେବଙ୍କ ଅଧୀନରେ ଦଳେ ସୈନ୍ୟ ଆସି କାର୍ଯ୍ୟାନୁଷ୍ଠାନ କଲେ । ବିଦ୍ରୋହ ଟିକିଏ ଶାନ୍ତ ପଡ଼ିଲା । ୱିଲ୍କିନ୍ସନ୍ ଦେଖିଲେ ଯେ ରାଣୀଙ୍କୁ ଗାଦିରେ ରଖିଲେ ବରାବର ଅଶାନ୍ତି ଲାଗି ରହିବ । ସେଥିଯୋଗୁଁ ତାଙ୍କୁ ଗାଦିରୁ ତଡ଼ିବାରୁ ବଂଶର ନାରାୟଣ ସିଂହଙ୍କୁ ରାଜା କରି ଗାଦିରେ ବସାଇଲେ । ନାରାୟଣ ସିଂହ ରାଜବଂଶର ବଂଶଧର ନ ଥିବା ଏବଂ ତାଙ୍କର ବଂଶ ରାଜଗାଦି ପାଇବା ଅନୁପଯୁକ୍ତ ଥିବା କାରଣ ଦେଖାଇ ବହୁ ଲୋକ ଇଂରେଜ ଶାସକମାନଙ୍କ ପାଖରେ ଆପତ୍ତି କଲେ । ଶାସକମାନେ ସେ କଥା ନ ଶୁଣିବାରୁ ବିଦ୍ରୋହୀମାନେ ଅତ୍ୟଧିକ ମାତ୍ରାରେ ଉତ୍ତେଜିତ ହୋଇ ପଡ଼ିଲେ ।

ଲକ୍ଷଣପୁରର ଗଣ୍ଡ ଜମିଦାର ବଳଭଦ୍ର ଦେବଙ୍କ ନେତୃତ୍ୱରେ ଗଣ୍ଡମାନେ ବିଦ୍ରୋହ କଲେ । ପାହାଡ଼ ଜଙ୍ଗଲ ଭିତରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବା ସହଜ ନ ଥିବାରୁ ବହୁ ବର୍ଷ ପର୍ଯ୍ୟନ୍ତ ସମ୍ବଲପୁରରେ ଅଶାନ୍ତି ଲାଗି ରହିଲା । ଦେବ୍ରିଗଡ଼ ପାହାଡ଼ରେ ବଳଭଦ୍ର ଦେବ ଇଂରେଜମାନଙ୍କ ହାତରେ ପଡ଼ି ପ୍ରାଣ ହରାଇଲେ । ୧୮୩୯ ବେଳକୁ ବିଦ୍ରୋହ ବେଶି ତେଜି ଉଠିଲା । ୧୮୪୦ ରେ ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଉଦନ୍ତ (ଉଦ୍ୱନ୍ତ) ସାଏ ଓ ତାଙ୍କ କକା ବଳରାମ ସିଂହ ଏ ତିନିହେଁ ରାମପୁର ଜମିଦାରଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଧରା ହେଲେ । ବିଚାର ପରେ ଅଠର ବର୍ଷ କାରାଦଣ୍ଡରେ ହଜାରିବାଗ ଜେଲ ଭିତରେ ଏମାନଙ୍କୁ ରଖା ହେଲା ।

୧୮୪୪ ରେ ରାଜା ନାରାୟଣ ସିଂହ ସୁରେନ୍ଦ୍ର ସାଏଙ୍କୁ କୁଟୁମ୍ବର ଭରଣ ପୋଷଣ ସକାଶେ ଖିଣ୍ଡା ଗ୍ରାମଟି ମଉଫି ଜାଗିର ରୂପେ ଦେଲେ ।

(୪) ସୁରେନ୍ଦ୍ରଙ୍କର ପୁଣି ବିଦ୍ରୋହ

୧୮୫୭ ସାଲରେ ସିପାହୀ ବିଦ୍ରୋହ ବେଳେ ବିଦ୍ରୋହୀମାନେ ହଜାରିବାଗ ଜେଲ ଭାଙ୍ଗି ସବୁ ବନ୍ଦୀଙ୍କୁ ଖଲାସ କରିଦେଲେ । ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦ୍ୱନ୍ତ ସାଏ ଜେଲରୁ ମୁକ୍ତ ହୋଇ ରାଙ୍ଗପୁର ବାଟେ ସମ୍ବଲପୁର ଜିଲ୍ଲା ଭିତରେ ପଶିଲେ ।

ସମ୍ବଲପୁରର ଶାସକମାନେ ଭାବିଲେ ଯେ ସୁରେନ୍ଦ୍ର ସାଏ ସମ୍ବଲପୁର ଗଡ଼ ଦଖଲ କରିବା ଉଦ୍ଦେଶ୍ୟରେ ଅଗ୍ରସର ହେଉଛନ୍ତି । ସୈନ୍ୟମାନେ ତାଙ୍କୁ ବାଧ୍ୟ କରିବା ଉଦ୍ଦେଶ୍ୟରେ

ସୈନ୍ୟବାହିନୀ ସୁସଜ୍ଜିତ କରି ଇଂରେଜମାନେ ସୁରେନ୍ଦ୍ର ସାଏଙ୍କ ଆକ୍ରମଣ ଅପେକ୍ଷାରେ ରହିଲେ । ସୁରେନ୍ଦ୍ର ସାଏଙ୍କ ସାଥିରେ ବହୁଲୋକ ଥିବାର ଆଶଙ୍କା କରି ଇଂରେଜମାନେ ଆଗରୁ ହୁସିଆର ହେଲେ । ପୂର୍ବେ ତ ସୁରେନ୍ଦ୍ର ସାଏ ବିଦ୍ରୋହ କରିଥିଲେ । ବର୍ତ୍ତମାନର ଅନିଶ୍ଚିତ ଅବସ୍ଥାର ସୁଯୋଗ ଯେ ନ ନେବେ, ଏ କଥା କିଏ ବିଶ୍ୱାସ କରିବ ? ହୁଏତ ସିପାହୀ ବିଦ୍ରୋହର ନିଆଁହୁଳା ଧରି ସେ ସମ୍ବଲପୁର ଆସିଥିବେ, ଏହି ଆଶଙ୍କା ଶାସକମାନଙ୍କର ରହିଲା । ସୁରେନ୍ଦ୍ରଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରି ତାଙ୍କୁ ଧରିବା ପାଇଁ ପୁରସ୍କାର ଦିଆଯିବା ସିଦ୍ଧାନ୍ତ ସରକାର ପ୍ରକାଶ କଲେ । ସୁରେନ୍ଦ୍ର ସାଏ ଜଣାଇଲେ ଯେ ଏପରି ଆଶଙ୍କା କରିବାର କୌଣସି କାରଣ ନାହିଁ । କେବଳ କମିଶନରଙ୍କ ସହିତ ଦେଖା କରି ତାଙ୍କର ଦୁଃଖ ଗୁହାରି ଜଣାଇବା ପାଇଁ ସେ ଗଡ଼ ଆଡ଼କୁ ଆସୁଥିଲେ । ସେ କେବେ ସଙ୍ଗରେ ଅନ୍ୟ ଲୋକଙ୍କୁ ଆଣି ନ ଥିଲେ । ଯେଉଁମାନେ ତାଙ୍କ ସଙ୍ଗରେ ଆସୁଥିଲେ ସେମାନେ କେବଳ ଦେଖଣାହାରୀ, ତାଙ୍କ ଇଚ୍ଛା ବିରୁଦ୍ଧରେ ଆସୁଥିଲେ । ତାଙ୍କ ପ୍ରତି ସେହି ଲୋକଙ୍କର ସ୍ନେହ ଓ ଭକ୍ତି ଥିବାରୁ ସେମାନେ ତାଙ୍କ ସାଙ୍ଗରେ ଆସୁଥିଲେ ମାତ୍ର । ସରକାର ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରିଥିବାରୁ ସୁରେନ୍ଦ୍ର ଦୁଃଖିତ ହୋଇ ସରକାରଙ୍କଠାରେ ଆପତ୍ତି କଲେ । ପରବର୍ତ୍ତୀ କେତେକ ଘଟଣା ସୁରେନ୍ଦ୍ର ନିଜେ ଯେଉଁ ଦରଖାସ୍ତ ବଡ଼ ଆସିଷ୍ଟାଣ୍ଟ କମିଶନରଙ୍କ ପାଖକୁ ପଠାଇଥିଲେ ସେଥିରୁ ବେଶ ଜଣାପଡ଼ିବ । ୧୮୫୭ ଅକ୍ଟୋବର ମାସ ୧୩ ତାରିଖରେ ସେ ଯେଉଁ ଦରଖାସ୍ତ ଲେଖିଥିଲେ ତାର ସାରାଂଶ ହେଉଛି :—

"ଦରଖାସ୍ତକାରୀ ତାର ବର୍ତ୍ତମାନର ଦୁରବସ୍ଥା ଆପଣ
ଜଣାଇ, ଆପଣଙ୍କ ଶରଣାର୍ଥୀ ହୋଇ, ତାର ଯେଉଁ ଦୁଃଖଗୁଡ଼ି
ଅଛି ତାହାର ବିହିତ ପ୍ରତିକାର ପାଇଁ ଆପଣଙ୍କ ପାଖେ ନିବେଦ
କରିବା ଉଦ୍ଦେଶ୍ୟରେ ସମ୍ବଲପୁର ଆସୁଥିଲା । ତାଙ୍କ ମୁକ୍
ଅବସ୍ଥା ଏହିପରି—ତାଙ୍କ କକା ସମ୍ବଲପୁର ରାଜା ନାରାୟ
ସିଂହଙ୍କ ସହିତ ତାଙ୍କର ଗୃହବିବାଦ ଯୋଗୁଁ ଅପଡ଼ ହେଲ
ଏହି ଗୃହବିବାଦ ଯୋଗୁଁ ତାଙ୍କୁ ଓ ତାଙ୍କ ଭାଇ ଉଦନ୍ତ ସାଏ
କୃଷ୍ଣପୁର (କଟନ୍‌ପୁର) ରେ ବନ୍ଦୀରୂପେ ରଖାଗଲା । ପ
ମିଷ୍ଟର ହଫୋର୍ଡ଼ଙ୍କ ସମୟରେ ବାୟୁ ପରିବର୍ତ୍ତନ ସକାଶ
ଅନ୍ୟାନ୍ୟ ରାଜବନ୍ଦୀଙ୍କ ସହିତ ତାଙ୍କୁ ଓ ତାଙ୍କ ଭାଇଙ୍କୁ ହଜାରିବ
ଜେଲକୁ ପଠାଇ ଦିଆଗଲା । ହଜାରିବାଗରେ ୮ମ ରେଜିମେଣ
ଯେଉଁ ଦୁଇଟି କମ୍ପାନୀ ସୈନ୍ୟ ଦଳ ଥିଲେ ସେମାନେ ବିଦ୍ରୋ
କରି ଜେଲରୁ ବନ୍ଦୀମାନଙ୍କୁ ଦିନ ଦିପହରେ ଖଲାସ କରିଦେଲେ
ନିଜ ଘରକୁ ହେଉ କି ଯେ ଯେଉଁ ସ୍ଥାନକୁ ଯିବାପାଇଁ ଇଚ୍ଛା କ
ସେ ସ୍ଥାନକୁ ଯିବାକୁ ସେମାନେ କହିଲେ ।

"ଅନ୍ୟାନ୍ୟ ଜିଲ୍ଲା ଓ ଗଡ଼ଜାତର ବନ୍ଦୀମାନେ ନିଜ ନିଜ ଘର
ଯିବାପାଇଁ ବାହାରିଲେ; କିନ୍ତୁ ସେ ଓ ତାଙ୍କ ଭାଇ ନିର୍ଦ୍ଦୋଷ ହେଲ
ମଧ୍ୟ ବିନା କାରଣରେ ୧୮ ବର୍ଷକାଳ ଜେଲଦଣ୍ଡ ଭୋଗିଥିବା
ଛୋଟନାଗପୁର କମିଶନରଙ୍କ ଆଗରେ ଉପସ୍ଥିତ ହୋଇ ତା
ଅନୁମତି ଅନୁସାରେ ନିଜ ଘରକୁ ବାହୁଡ଼ିଯିବାକୁ ସ୍ଥିର କଲେ
ଏହି ଉଦ୍ଦେଶ୍ୟରେ ସେମାନେ ରାଞ୍ଚିର ପ୍ରାୟ ୧୫-୧୮ ମାଇ
ଦୂରରେ ଥିବା ଗିରଞ୍ଜା ନାମକ ସ୍ଥାନରେ ପହଞ୍ଚିଲେ; କି
ସେଠାରେ ସେମାନେ ଶୁଣିଲେ ଯେ କେସାମରିକ ଓ ସାମରି
କର୍ତ୍ତୃପକ୍ଷ ରାଞ୍ଚି ଛାଡ଼ି ପଳାଇଛନ୍ତି । ସେଠାରେ ଥିବା ରାମଗ

ବାଟାଲିଆନର ସୈନ୍ୟଦଳ ବିଦ୍ରୋହ କରିଅଛନ୍ତି ଏବଂ ସେଠାରେ ବେଶି ଗୋଳ ଅବସ୍ଥା ସୃଷ୍ଟି ହୋଇଛି ।

"ସେଠାରେ ଏ ଅଶାନ୍ତ ଅବସ୍ଥା ଦେଖି ସେମାନେ ନିଜର ଦୁର୍ଭାଗ୍ୟକୁ ଧିକ୍‌କାର କଲେ ଏବଂ ତାଙ୍କର ଦୁର୍ଭାଗ୍ୟ ଯେ ତାଙ୍କୁ ପୁଣି ଗୋଡ଼ାଉଛି ଏ କଥା ଭାବିଲେ । ଶେଷରେ ସ୍ଥିର କଲେ ଯେ, ନିଜ ଜିଲାକୁ ଫେରିଯାଇ ସେଠାରେ ଆସିଷ୍ଟାଣ୍ଟ କମିଶନରଙ୍କ ସଙ୍ଗେ ଦେଖାକରି ଉପରି କର୍ତ୍ତୃପକ୍ଷଙ୍କ ମଞ୍ଜୁରି ଆଶାରେ ସେମାନଙ୍କୁ ମୁକ୍ତ ଦେବେ ଏବଂ ତାଙ୍କ ଆଶ୍ରୟରେ ରଖିବେ । ତଦନୁସାରେ ସେମାନେ ନିବିଡ଼ ବଣ ଜଙ୍ଗଲ ଭିତରେ ପଶି ବହୁ ଦୁଃଖ କଷ୍ଟ ସହି ଗାଙ୍ଗପୁର ଅନ୍ତର୍ଗତ ଚେଲିଆ ନାମକ ସ୍ଥାନରେ ଉପସ୍ଥିତ ହେଲେ, କିନ୍ତୁ ତାଙ୍କ ଦୁର୍ଭାଗ୍ୟକୁ ତାଙ୍କୁ ଓ ଉଦନ୍ତଙ୍କୁ ଭୀଷଣ ଜ୍ୱର ହେଲା । ଉଦନ୍ତ ବଞ୍ଚିବାର ଆଶା ନ ଥିଲା । ସେଥିପାଇଁ ଯାତ୍ରାରେ ଡେରି ହେଲା; କିନ୍ତୁ ଭଗବାନଙ୍କ କୃପାରୁ ଜ୍ୱରମୁକ୍ତ ହେବା ପରେ ସେମାନେ ପୁଣି ସମ୍ବଲପୁର ଆଡ଼କୁ ଚାଲିଲେ ।

"ଏହି ସମୟରେ ସେ ଶୁଣିଲେ ଯେ ତାଙ୍କର ଗୁପ୍ତ ଓ ପ୍ରକାଶ୍ୟ ଶତ୍ରୁମାନେ ସ୍ୱ ସ୍ୱ ସ୍ୱାର୍ଥ ସିଦ୍ଧିପାଇଁ ଆସିଷ୍ଟାଣ୍ଟ କମିଶନରଙ୍କ କାନରେ ତାଙ୍କ ବିରୁଦ୍ଧରେ ନାନା କଥା କହି ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରିବାରେ ସମର୍ଥ ହୋଇ ପାରିଛନ୍ତି । ତାଙ୍କୁ ଯେ ଧରାଇ ଦେବ ସେ ପୁରସ୍କାର ପାଇବ ବୋଲି ମଧ୍ୟ ଘୋଷଣା ହୋଇଛି । ଏଥିରେ ସେ ଭୟ ପାଇ କମିଶନରଙ୍କ ନିକଟକୁ ନ ଆସି ଅଟକି ଗଲେ । ସେ ଆଶଙ୍କା କଲେ ଯେ ଯଦି ସେ ହାକିମଙ୍କ ପାଖକୁ ଯାଆନ୍ତି ତାହାହେଲେ ତାଙ୍କ ଶତ୍ରୁମାନେ ନାନା ମିଥ୍ୟା ଦୋଷ ଆରୋପ କରି, କମିସନରଙ୍କୁ ପ୍ରବଞ୍ଚିତ କରି,

ତାଙ୍କୁ ଧରାଇ ନେଇ ପୁନର୍ବାର ବିନା କାରଣରେ ଦଣ୍ଡ ଦେବେ । ହାକିମଙ୍କର ଆଶ୍ରୟପ୍ରାପ୍ତି ତାଙ୍କ ପକ୍ଷରେ ଏହି ଅବସ୍ଥାରେ ଆଉ ସମ୍ଭବପର ନଥିଲା । ତାଙ୍କର ଶତ୍ରୁମାନଙ୍କ ଚକ୍ରାନ୍ତରୁ ରକ୍ଷା ପାଇବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ସାହାଙ୍କ କଥାରେ "ଇରାନ ବୁଣିଆଠାରୁ ଔଷଧ ଆସିବା ପୂର୍ବରୁ ସାପ ମାରିଥିବା ଲୋକର ମୃତ୍ୟୁ ହୋଇ ସାରିଥିବ ।"

"ଏହି ସବୁ କାରଣରୁ ସେ ଓ ତାଙ୍କ ଭାଇ ହାକିମଙ୍କ ସାଙ୍ଗରେ ଦେଖା କରିବା ପାଇଁ ବ୍ୟାକୁଳ ହୋଇ ନିଜ ଚାକରବାକରଙ୍କୁ ସାଙ୍ଗରେ ନେଇ ସମ୍ବଲପୁର ଗଡ଼କୁ ଆସୁଥିଲେ; କିନ୍ତୁ ଯେତେ ଯେତେ ଗଡ଼ ନିକଟ ହେଲେ ତେତେ ତେତେ ବହୁ ଲୋକ ରୁଣ୍ଡ ହୋଇ ତାଙ୍କ ସହିତ ଗଡ଼ ପର୍ଯ୍ୟନ୍ତ ଆସିଲେ । ସେ କୌଣସି ସ୍ଥାନରେ ବାଧା ନ ପାଇ ଓ କାହାରି କିଛି ଅନିଷ୍ଟ ନ କରି ସମ୍ବଲପୁର ପାଖରେ ପହଞ୍ଚିଛନ୍ତି ।

କିଛି ଦୂରରୁ ସେମାନେ ଦେଖିଲେ ଯେ ସେମାନଙ୍କୁ ଧରିବା ପାଇଁ ହାକିମ ଦଳେ ଘୋଡ଼ାସବାର ସୈନ୍ୟଙ୍କୁ ପଠାଇଛନ୍ତି । ଉପୁରେ ଏହି ସୈନ୍ୟମାନଙ୍କୁ ସେ ଡାକି ନିଜର ଅଭିଳାଷ ସେମାନଙ୍କୁ ଜଣାଇଲେ । ସେ ବିଦ୍ରୋହ କରିବାକୁ ଆସି ନାହାନ୍ତି; ଆସିଷ୍ଟାଣ୍ଟ କମିଶନରଙ୍କ ବାହୁଚ୍ଛାୟା ତଳେ ଆଶ୍ରୟ ନେଇ ତାଙ୍କଠାରେ ଶରଣ ପଶିବାକୁ ଆସୁଛନ୍ତି; ତାଙ୍କ ପ୍ରତି ସରକାରଙ୍କ ଦୟା ହେଉ, ଏହି ଉଦ୍ଦେଶ୍ୟରେ ସେ ସମ୍ବଲପୁର ଯାଉଛନ୍ତି ବୋଲି ବହୁତ ବୁଝାଇଲେ । କିନ୍ତୁ ସୈନ୍ୟମାନେ ସେ କଥା ନ ଶୁଣି ତାଙ୍କୁ ହାକିମଙ୍କ ପାଖକୁ ଯିବାପାଇଁ ଛାଡ଼ି ନ ଦେଇ ବାଟରେ ଅଟକେଇ ଦେଲେ । ସୌଭାଗ୍ୟକୁ, ନିଜେ ହାକିମ ସେଠାରେ ଉପସ୍ଥିତ

ହେଲେ । ସେମାନେ ପୂର୍ବର ବହୁଦିନର ଅଭିଳାଷ ଅନୁସାରେ ହାକିମଙ୍କ ଗୋଡ଼ତଳେ ପଡ଼ିଲେ, ତାଙ୍କ ଗୋଡ଼ଧୂଳି ଚୁମ୍ବନ କଲେ ଏବଂ ସେମାନଙ୍କୁ ଯେଉଁ ନିର୍ଦ୍ଦେଶ ଦିଆଗଲା ତାହା ମନୋଯୋଗ ସହକାରେ ଶୁଣିଲେ ।

"ହାକିମ ସାହେବଙ୍କ ସଙ୍ଗେ ଦେଖା ହେବା ପରେ ସେମାନଙ୍କର ମନରେ ବଳ ଆସିଗଲା । ସେମାନଙ୍କ ସାଙ୍ଗରେ ଯେଉଁସବୁ ଲୋକ ଆସିଥିଲେ ସେମାନଙ୍କୁ ଯେଝା ଘରକୁ ବାହାରିଯିବା ପାଇଁ କହିଲେ । ଉଦନ୍ତ ଘରକୁ ବାହାରି ଗଲେଣି । କେବଳ ସେ (ସୁରେନ୍ଦ୍ର) କମିଶନରଙ୍କ ପାଖରେ ଶରଣାର୍ଥୀ ହୋଇ ପଡ଼ି ରହିଛନ୍ତି । ସେ ପ୍ରାର୍ଥନା କରୁଛନ୍ତି କି, "ସେମାନଙ୍କ ଦୁରବସ୍ଥାକୁ ଲୋପକରି ଉନ୍ନତି ବିଧାନ କରାଯାଉ ଯେପରି କି ସେମାନେ ଚିରଦିନ ସରକାରଙ୍କ ଆଜ୍ଞାଧୀନ ପ୍ରଜା ହୋଇ ରହିଥିବେ । ଦରଖାସ୍ତକାରୀ ଇଷ୍ଟଇଣ୍ଡିଆ କମ୍ପାନୀଙ୍କର ରାଜତ୍ୱ ଦୀର୍ଘଜୀବୀ ହେଉ ଏହି କାମନା କରୁଛନ୍ତି । ଦରଖାସ୍ତକାରୀଙ୍କର ପୂର୍ବପୁରୁଷମାନେ ବହୁ ଯୁଗ ପୂର୍ବେ ଏହି ଜିଲ୍ଲାକୁ ଆସିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ କେହି ସେମାନଙ୍କ ଚରିତ୍ର ଉପରେ ଆକ୍ଷେପ କରି ନାହାନ୍ତି । ମହାରାଜା ନାରାୟଣ ସିଂହ ଦେଓ ବାହାଦୂରଙ୍କ ତାଙ୍କ ପ୍ରତି ବିଦ୍ୱେଷ ଭାବ ଥିବାରୁ ତାଙ୍କୁ ବନ୍ଦୀ କରାଇ ନେଲେ ।

ହୁଏତ, କମିସନରଙ୍କୁ ଏହା ଅସମ୍ଭବ ପ୍ରଶ୍ନମାନ ହୋଇ ଥାଇପାରେ । ମହାରାଜା ନାରାୟଣ ସିଂହଦେଓ ସେମାନଙ୍କ ପ୍ରତି ବୈରଭାବ ରଖି ସେମାନଙ୍କୁ ଜେଲଦଣ୍ଡ ଭୋଗ କରେଇଥିଲେ ମଧ୍ୟ ସରକାରଙ୍କ ପ୍ରତି ସେମାନଙ୍କର କାୟମନୋବାକ୍ୟରେ ଅନୁରକ୍ତ ରହିଛି । ସିପାହୀମାନେ ସେମାନଙ୍କୁ ଜେଲରୁ ମୁକ୍ତ କରି

ଦେଉଥିଲେ ମଧ୍ୟ ସ୍ୱେଚ୍ଛାପ୍ରଣୋଦିତ ହୋଇ ସେମାନେ କମିଶନରଙ୍କ ପାଦତଳେ ଶରଣ ପଶିବା ପାଇଁ ଆସିଛନ୍ତି । ସେମାନେ ଧନସମ୍ପତ୍ତି, ଜୀବନ ଓ ପରିବାରର ହାକିମ ପୂର୍ଣ୍ଣ ମାଲିକ । ସେଥିପାଇଁ ସେମାନେ ଯଥୋଚିତ ନ୍ୟାୟବିଚାର ନିମନ୍ତେ ପ୍ରାର୍ଥନା କରୁଛନ୍ତି ।"

ସୁରେନ୍ଦ୍ରଙ୍କ ଅର୍ଜି ଉପରେ ହାକିମଙ୍କ ମନ୍ତବ୍ୟ

ସୁରେନ୍ଦ୍ର ସାଏ ଯେଉଁ ଅର୍ଜି ଆସିଷ୍ଟାଣ୍ଟ କମିଶନରଙ୍କଠାରେ ଦାଖଲ କରିଥିଲେ, ତା ଉପରେ ହାକିମ ମନ୍ତବ୍ୟ ପ୍ରକାଶ କଲେ ଯେ, ସୁରେନ୍ଦ୍ର ସାଏ ବୋଧହୁଏ ଆଶା କରୁଛନ୍ତି, ତାଙ୍କର ବନ୍ଦୀକାଳ କମେଇ ଦିଆଯାଇ ତାଙ୍କୁ ମୁକ୍ତ କରି ଦିଆଯାଉ । ସୁରେନ୍ଦ୍ର ଓ ତାଙ୍କ ଭାଇଙ୍କ ସାଙ୍ଗରେ ସମ୍ବଲପୁର ପର୍ଯ୍ୟନ୍ତ ଯେଉଁ ପାଞ୍ଚ ସାତ ହଜାର ଲୋକ ଆସିଥିଲେ ସେମାନେ ସାଏଙ୍କ ଆଦେଶ ଅନୁସାରେ ଯେଝା ଘରକୁ ଫେରିଯାଇ ଥିବାରୁ ସେମାନଙ୍କ ସମ୍ବନ୍ଧରେ ବିଶେଷ ଭାବରେ ସନ୍ଦେହ କରିବାର ଆଉ କାରଣ ରହିଲା ନାହିଁ ବୋଲି ହାକିମ କାପ୍ଟେନ ଲେ ଭାବିଲେ । ଏହି ଦୃଷ୍ଟିରୁ ସାଏଙ୍କ ଅର୍ଜିକୁ ସହାନୁଭୂତିର ସହିତ ବିଚାର କରିବାପାଇଁ ସେ ତାଙ୍କର ଉପର ହାକିମଙ୍କ ପାଖକୁ ଲେଖିଲେ । ସରକାରଙ୍କ ପାଖକୁ ମଧ୍ୟ ଏହି ଅର୍ଜି ହାକିମଙ୍କ ମନ୍ତବ୍ୟ ସହ ପଠାଇ ଦିଆଗଲା । ସରକାର ଅକ୍ଟୋବର ୧୨ ତାରିଖରେ ଲେଖି ଜଣାଇଲେ—ସାଏଙ୍କ ଆଡ଼ୁ ଯଦି କୌଣସି ବିପଦର ଆଶଙ୍କା ନ ଥାଏ, ତାହାହେଲେ ତାଙ୍କର ବନ୍ଦୀକାଳ ମାଫ କରି ଦିଆଯାଉ ଏବଂ ଭବିଷ୍ୟତରେ ସେ ଯେପରି କୌଣସି ଗଣ୍ଡଗୋଳ ନ କରନ୍ତି, ସେଥିପାଇଁ ତାଙ୍କଠାରୁ ଜାମିନ ନିଆଯାଉ ।

ସରକାରଙ୍କ ଏହି ମନ୍ତବ୍ୟ ପାଇବା ପରେ ଛୋଟନାଗପୁରର ଅସ୍ଥାୟୀ କମିଶନର କାପ୍ଟେନ, ଟି. ଇ. ଡାଲଟନ୍ ସରକାରଙ୍କୁ ସେହି ଅର୍ଜି ସମ୍ବନ୍ଧରେ ଜଣାଇଲେ [ଅକ୍ଟୋବର ୩୦ ତାରିଖ, ଛୋଟନାଗପୁର], ସୁରେନ୍ଦ୍ର ଓ ତାଙ୍କ ଭାଇ ଆପେ ଆପେ ଶରଣ ପଶିଥିବାରୁ ଅବଶ୍ୟ ତାଙ୍କର ଦାବୀର ବଳ ଟିକିଏ ବୃଦ୍ଧି ପାଇଛି । କିନ୍ତୁ ସମ୍ବଲପୁର ରାଜଗାଦି ପାଇଁ ସେ ଯେଉଁ ଦାବୀ କରିଛନ୍ତି, ତାହା କେବେ ସ୍ୱୀକାର କରାଯାଇ ପାରିବ ନାହିଁ । ଜେଲରେ ସେମାନେ ସତର ବର୍ଷ ଦୁଃଖକଷ୍ଟରେ କଟେଇ ସାରିଲେଣି । ବିଶେଷତଃ ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସହିତ ସେମାନଙ୍କର ବିବାଦ ଥିବାରୁ ବହୁତ ଗଣ୍ଡଗୋଳ ପୂର୍ବେ ହୋଇଛି ଏବଂ କୌଣସି ଗୁରୁତର ଅପରାଧରେ ସାଏ ଦୁଇଭାଇଙ୍କ ସହିତ ତାଙ୍କ କକାଙ୍କୁ ମଧ୍ୟ ହଜାରିବାଗ ଜେଲରେ ଯାବଜ୍ଜୀବନ ବନ୍ଦୀ କରି ରଖାଯାଇଥିଲା । ଜେଲରେ ସେମାନଙ୍କ କକା ମରିଗଲେ ଏବଂ ସେମାନେ ମଧ୍ୟ ନାନା ଯନ୍ତ୍ରଣା ଭୋଗ କଲେ । ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଆତ୍ମସମର୍ପଣ କରିଛନ୍ତି ଏବଂ ସେହିହେତୁ ସେମାନଙ୍କୁ ସର୍ତ୍ତାଧୀନ ମୁକ୍ତି ଦିଆଯାଉ । ସେମାନେ ପାଞ୍ଚ-ସାତହଜାର ଲୋକ ସାଙ୍ଗରେ ଧରି ଯେପରି ଭାବରେ ସମ୍ବଲପୁର ଆଡ଼କୁ ଗତି କରିଥିଲେ, ସେଥିରେ ବିପଦର ଆଶଙ୍କା ବହୁତ ଥିଲା । ବର୍ତ୍ତମାନ ସୁଦ୍ଧା ସେହି ଆଶଙ୍କା ଦୂର ହୋଇନାହିଁ । ଯଦି ସେମାନଙ୍କୁ ମୁକ୍ତି ଦିଆଯିବ, ତାହାହେଲେ ସେମାନଙ୍କୁ କହି ଦିଆଯାଉ ଯେ ସେମାନେ ସମ୍ବଲପୁର ଛାଡ଼ି ହଜାରିବାଗ କି କଟକ କି ରାଞ୍ଚିରେ ନିବାସ କରିବେ । ଅବଶ୍ୟ ସେଠାରେ ସେମାନଙ୍କର (ସୁରେନ୍ଦ୍ର ଓ ଉଦନ୍ତ) ଚଳଚଳ ପାଇଁ ସରକାର କିଛି ମାସିକ ଭତ୍ତା ଦେବେ ।

ସୁରେନ୍ଦ୍ରଙ୍କ ପ୍ରତିକ୍ରିୟା

ସୁରେନ୍ଦ୍ର ଆଶା କରିଥିଲେ, ସରକାରଙ୍କଠାରୁ ନ୍ୟାୟ ବିଚାର ପାଇବେ; ସରକାର ସମ୍ବଲପୁର ରାଜଗାଦି ଉପରେ ତାଙ୍କର ଦାବିକୁ ସ୍ୱୀକାର କରି ତାଙ୍କୁ ରାଜା କରିଦେବେ। ହାକିମମାନଙ୍କ ମତିଗତିରୁ ସୁରେନ୍ଦ୍ର ଜାଣିପାରିଲେ ଯେ ରାଜଗାଦିର ଦାବି ଚିରଦିନ ସକାଶେ ତାଙ୍କୁ ତ୍ୟାଗ କରିବାକୁ ହେବ ଏବଂ ସ୍ୱସ୍ଥାନ ଛାଡ଼ି ବିଦେଶରେ ନିର୍ବାସିତ ଅବସ୍ଥାରେ ବାସ କରିବାକୁ ହେବ। ଏଥିରେ ସେ ହତାଶ ହେଲେ। ତାଛଡ଼ା ସରକାର ମଧ୍ୟ ତାଙ୍କ ବିରୁଦ୍ଧରେ ଏ ଭିତରେ ବହୁତ ଆଗେଇ ଯାଇଥିବାର ସେ ଜାଣିପାରିଲେ। କଟକ, ମାନ୍ଦ୍ରାଜ, ନାଗପୁରରୁ ନୂଆ ସୈନ୍ୟଦଳ ସମ୍ବଲପୁରରେ ସମ୍ମିଳିତ ହେଉଥିବା ଖବର ମଧ୍ୟ ସେ ଶୁଣି-ପାରିଲେ। ଏହିପରି ଅବସ୍ଥାରେ ସମ୍ବଲପୁରରେ ପ୍ରାୟ ଅଟକବନ୍ଦୀ ଭଳି ହାକିମଙ୍କ ନଜରରେ ବାସ କରିବା ଶ୍ରେୟସ୍କର ବୋଲି ମନେ କଲେ ନାହିଁ।

ସୁରେନ୍ଦ୍ରଙ୍କ ପଳାୟନ

ଆଗରୁ ତ ଉଦନ୍ତ ସ୍ୱଗ୍ରାମ ଖଣ୍ଡାରେ ବାସ କରୁଥିଲେ। ସୁରେନ୍ଦ୍ର ଅକ୍ଟୋବର ୩୧ ତାରିଖ ଦିନ ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇ ଖିଣ୍ଡାରେ ହାଜର ହେଲେ। ଖିଣ୍ଡାରେ ଦୁଇ ଭାଇ ପୁଣି ମିଳିତ ହେବାରୁ ସରକାରଙ୍କ ପକ୍ଷରେ ଅବସ୍ଥା ଅତି ସାଂଘାତିକ ହେଲ। ସେତେବେଳକୁ ଉଦନ୍ତଙ୍କ ସାଙ୍ଗରେ ପ୍ରାୟ ୧୪୦୦ ଲୋକ ଥିଲେ।

ସରକାରୀ ହାକିମଙ୍କ ଘଲେଣି

ସୁରେନ୍ଦ୍ର ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇ ଭାଇଙ୍କ ସହିତ ମିଳିତ ହେବାରୁ ସରକାରୀ ମହଲରେ ଚାଞ୍ଚଲ୍ୟ ଖେଳିଗଲ। କଟକର କମିସନର ଜି, ଏଫ, କକ୍‌ବର୍ଣ୍ଣ ସାହେବ ମତପ୍ରକାଶ କଲେ ଯେ ସୁରେନ୍ଦ୍ର ଯେତେବେଳେ ଧରା ଦେଇଥିଲେ ସେ ସୁବିଧା ତ୍ୟାଗ କରିବା ଉଚିତ ନ ଥିଲ; ତାଙ୍କୁ ଫାଶି ହେବାହିଁ ଉଚିତ ଥିଲ; ତାଙ୍କ ପ୍ରତି ସରକାରଙ୍କ ପକ୍ଷରୁ ଯେଉଁ କୋହଳ ବ୍ୟବହାର ହେଲ, ସେଥିରେ ଦୁର୍ବୃତ୍ତମାନଙ୍କ ମନରେ ସାହସ ବଢ଼ିଗଲ; ସେମାନେ ବିଦ୍ରୋହ କରିବାକୁ ସାହସ ପାଇଗଲେ। କକ୍‌ବର୍ଣ୍ଣ ସମ୍ବଲପୁର ହାକିମମାନଙ୍କ କାର୍ଯ୍ୟକୁ ନାପସନ୍ଦ କରି ସେଠାରେ ଯଥେଷ୍ଟ ସଂଖ୍ୟାରେ ଉପଯୁକ୍ତ ହାକିମ ନାହାନ୍ତି ବୋଲି ମତବ୍ୟକ୍ତ କଲେ। ବାସ୍ତବିକ କହିବାକୁ ଗଲେ ସେଠାରେ ଅବସ୍ଥା ସେହିଭଳି ଥିଲ। କିନ୍ତୁ ଛୋଟନାଗପୁର କମିସନର କଟକ କମିଶନରଙ୍କ ମତକୁ ଅସ୍ୱୀକାର କଲେ। ଶେଷରେ ସମ୍ବଲପୁରକୁ ବେଶି ସୈନ୍ୟ ପଠାଇବା ସିଦ୍ଧାନ୍ତ ସରକାର ଗ୍ରହଣ କଲେ।

—•—

(୫) ସରକାରୀ ଆୟୋଜନ

ପ୍ରଥମେ ସିପାହୀମାନଙ୍କ ବିଦ୍ରୋହ ଆରମ୍ଭ ବେଳକୁ ସମ୍ବଲପୁରରେ ରାମଗଡ଼ ବାଟାଲିଆନ୍ କମ୍ପାନୀର ୧୫୦ ପଦାତିକ ଓ ୧୨ ଜଣ ଅଶ୍ୱାରୋହୀ ସୈନ୍ୟ ଥିଲେ । ଏମାନେ ଅନ୍ୟାନ୍ୟ ସ୍ଥାନର ସିପାହୀଙ୍କ ପରି ବିଦ୍ରୋହ କରି ଅଶାନ୍ତି ସୃଷ୍ଟି କରିବାର ଆଶଙ୍କା କରାଯାଉଥିଲା । କିନ୍ତୁ ସେମାନେ ଏହି ବିଦ୍ରୋହରେ ଯୋଗ ଦେଇନାହାନ୍ତି । ବିଦ୍ରୋହ ବିରୁଦ୍ଧରେ ଏମାନେ ସରକାରଙ୍କୁ ମୂଳରୁ ଶେଷ ପର୍ଯ୍ୟନ୍ତ ବହୁତ ସାହାଯ୍ୟ କରିଛନ୍ତି । ଏହି ବାଟାଲିଅନର ଶକ୍ତି ଉପରେ ନିର୍ଭର କରି ରହିବା ଉଚିତ ମନେ ନ କରି ଅନ୍ୟାନ୍ୟ ସ୍ଥାନରୁ ସୈନ୍ୟ ଆଣିବା ବ୍ୟବସ୍ଥା ସରକାର କଲେ । ଅକ୍ଟୋବର ପ୍ରଥମ ସପ୍ତାହରେ ମାନ୍ଦ୍ରାଜରୁ ଦଳେ ସୈନ୍ୟ କାପ୍ଟେନ ନୋକରଙ୍କ ଅଧିନାୟକତ୍ୱରେ କଟକରେ ପହଞ୍ଚିଲେ । ଏହି ସୈନ୍ୟ ଦଳରୁ ଦୁଇଟି କମ୍ପାନୀକୁ ଧରି କାପ୍ଟେନ ନୋକର ଅକ୍ଟୋବର ୧୦ ତାରିଖରେ କଟକ କମିସନରଙ୍କ ଅନୁରୋଧ ଅନୁସାରେ ସମ୍ବଲପୁରକୁ ବାହାରିଲେ । ତାଙ୍କ ସହିତ ଓଡ଼ିଶା ପାଇକ କମ୍ପାନୀର ୫୦ ଜଣ ପାଇକ ମଧ୍ୟ ଗଲେ । ଏମାନେ ମାସ ଶେଷ ବେଳକୁ ସମ୍ବଲପୁରରେ ପହଞ୍ଚିଲେ । ଜେଲଖାନା ଓ ଖଜଣାଖାନା ଜଗିବା ପାଇଁ ଯେଉଁ ସୈନ୍ୟ ନିଯୁକ୍ତ ଥିଲେ ସେମାନଙ୍କ ବଦଳରେ ପାଇକ କମ୍ପାନୀର ଲୋକେ ରହିଲେ ଏବଂ ସେମାନେ ବିଦ୍ରୋହ ଦମନରେ ନିଯୁକ୍ତ ହେଲେ । ଏହାପରେ ମାନ୍ଦ୍ରାଜରୁ ପୁଣି ଦଳେ ଗୋଲନ୍ଦାଜ ସୈନ୍ୟ ଲେଫ୍ଟ ନେଣ୍ଟ ହେଡୋଙ୍କ ନାୟକତ୍ୱରେ କଟକରେ ପହଞ୍ଚିଲେ । ସେମାନଙ୍କ ପାଖରେ କେତୋଟି ଷ୍ଟେଟ ତୋପ ଥିଲା । ବଣଜଙ୍ଗଲରେ

ବ୍ୟବହାର କରିବା ପାଇଁ ଏହି ଷ୍ଟେଟ ତୋପ ଖୁବ୍ ଉପଯୁକ୍ତ ଥିବାରୁ କଟକ କମିସନର କକବର୍ଣ୍ଣଙ୍କ ଅନୁରୋଧ ଅନୁସାରେ କଟକ ସେନାଧ୍ୟକ୍ଷ ମେଜର ବେଟ୍ସ ଏହି ଗୋଲନ୍ଦାଜ ସୈନ୍ୟଦଳକୁ ସମ୍ବଲପୁର ପଠାଇ ଦେଲେ । ଏମାନେ ଖୁବ୍ ଦ୍ରୁତଗତିରେ ସମ୍ବଲପୁରରେ ପହଞ୍ଚିଗଲେ ।

ଖିଣ୍ଡା ଆକ୍ରମଣ

ନଭେମ୍ବର ମାସ ପ୍ରଥମ ସପ୍ତାହରେ ଖିଣ୍ଡା ବିରୁଦ୍ଧରେ ସରକାରୀ ଅଭିଯାନର ସୂତ୍ରପାତ ହେଲା ।

ଖିଣ୍ଡାର ଗୌନ୍ତିଆ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରୁଥିଲେ । ଗୌନ୍ତିଆଙ୍କ ଘରଟି ଏକ ପ୍ରକାର ଦୁର୍ଗ ରୂପରେ ପରିଣତ ହୋଇଥିଲା । ଘରର କାନ୍ଥରେ ବନ୍ଧୁକ ରଖିବା ପାଇଁ ବହୁତ ଛିଦ୍ର ତିଆରି କରା ଯାଇଥିଲା । ସେହି ଘର ଭିତରେ ସାଏଙ୍କର ଯୋଦ୍ଧାମାନେ ବନ୍ଧୁକ ଧରି ଜଗି ରହିଥିଲେ । କାପ୍ଟେନ ନୋକର ଦଳେ ସୈନ୍ୟଙ୍କୁ ଧରି ନଭେମ୍ବର ୫ ତାରିଖରେ ଖିଣ୍ଡାରେ ପହଞ୍ଚିଲେ । ପରେ ସେହିଦିନ ଲେଫ୍ଟେନାଣ୍ଟ ହେଡୋ ମଧ୍ୟ ତାଙ୍କର ଗୋଲନ୍ଦାଜ ସୈନ୍ୟଦଳ ଧରି ତାଙ୍କ ସହ ମିଳିତ ହେଲେ । ଏ ଦୁଇ ଦଳ ସୈନ୍ୟର ସଂଖ୍ୟା ଓ ତୋପ ବନ୍ଧୁକ ଯଥେଷ୍ଟ ପରିମାଣରେ ଥିବା ଦେଖି ସାଏ ପକ୍ଷର ଲୋକେ ଜଙ୍ଗଲ ଭିତରକୁ ଖସିଗଲେ । କାପ୍ଟେନ ନୋକର ଗୌନ୍ତିଆଙ୍କ ଘରଟିକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଦେଲେ । ସାଏ ପକ୍ଷର ଲୋକେ ଜଙ୍ଗଲ ଭିତରେ ଲୁଚି ରହିଯିବାରୁ ସେମାନଙ୍କ ସଂଖ୍ୟା ଜାଣିବା ମଧ୍ୟ ନୋକରଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ଆଖପାଖରେ ଖୋଜା ଖୋଜି କରି ଝାଲି ଘାଟି ପାଖରେ ସାଏ ଦଳର କେତେକ ଲୋକଙ୍କ ସହିତ ସରକାରୀ

ସୈନ୍ୟର ସଂଘର୍ଷ ହେଲା । ସେଥିରେ ସାଏ ଦଳର ପାଞ୍ଚ ଛଅ ଲୋକ ମଲେ । କିନ୍ତୁ ଆଉ ସମସ୍ତେ ଜଙ୍ଗଲ ଭିତରକୁ ଖସି ପଳାଇଲେ । ଖିଣ୍ଡାରୁ ସୁରେନ୍ଦ୍ର, ଉଦନ୍ତ ଓ ତାଙ୍କ ଦଳର ଲୋକେ ଖସି ପଳାଇ ଜଙ୍ଗଲ ବାଟେ ଜଗପଦ ସ୍ଥାନକୁ ଚାଲିଗଲେ । ସାଏ ଭାଇମାନେ ଖସି ପଳାଇବା ପରେ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ପରିସ୍ଥିତି ଅତି ସଙ୍କଟାପନ୍ନ ହେଲା ।

ସରକାରୀ ସୈନ୍ୟବଳ

ସେପ୍ଟେମ୍ବର ମାସ ଶେଷ ବେଳକୁ ସମ୍ବଲପୁରରେ ସରକାରୀ ସୈନ୍ୟମାନେ ରୁଣ୍ଡ ହେବାକୁ ଆରମ୍ଭ କଲେଣି । କଟକରୁ ୨୨ ତାରିଖ (ସେପ୍ଟେମ୍ବର) ଦିନ ୪୦ ମାନ୍ଦ୍ରାଜ ପଦାତିକ ଦଳର ଛଗୋଟି କମ୍ପାନୀ ସୈନ୍ୟ ଓ ଦଳେ ବନ୍ଧୁକଧାରୀ ସୈନ୍ୟ ବାହାରି ସମ୍ବଲପୁର ଅଭିମୁଖରେ ଯାତ୍ରା କରିଥିଲେ । ମାନ୍ଦ୍ରାଜ ସୈନ୍ୟ-ବାହିନୀର ଛଅଟି କମ୍ପାନୀ, ଓଡ଼ିଶା ପାଇକ କମ୍ପାନୀର ୫୦ ଜଣ ପାଇକ, ୨ ଟି ଜଙ୍ଗଲୀ ତୋପ ୪୦ ଜଣ ଗୋଲନ୍ଦାଜ ସୈନ୍ୟ ଓ ରାମଗଡ଼ ବାଟାଲିଆନ୍‌ର ଯେଉଁ ସୈନ୍ୟମାନେ ସମ୍ବଲପୁର ଗଡ଼ରେ ଥିଲେ, ଏ ସମସ୍ତଙ୍କୁ ନେଇ ଆସିଷ୍ଟାଣ୍ଟ କମିଶନର କାପ୍ଟେନ ଲେ ବିଦ୍ରୋହ ଦମନ କରିବାକୁ ବଦ୍ଧପରିକର ହୋଇଥିଲେ ।

(୭) ବଣ ଜଙ୍ଗଲରେ ବିଦ୍ରୋହ ପ୍ରସାର

ହଜାରିବାଗରୁ ଯେଉଁ ବନ୍ଦୀମାନେ ସୁରେନ୍ଦ୍ରଙ୍କ ସାଙ୍ଗେ ମୁକ୍ତ ହୋଇ ଯାଇଥିଲେ ସେମାନଙ୍କ ଭିତରୁ ଗଡ଼ଜାତର ୩୨ ଜଣ ଲୋକ ଥିଲେ । ସେମାନେ ବଣ ଜଙ୍ଗଲରେ ବୁଲି ବୁଲି ଲୋକଙ୍କ ଭିତରେ ବିଦ୍ରୋହ ମନୋଭାବ ଜାଗ୍ରତ କରୁଥିଲେ । ବୌଦ ଓ କନ୍ଧମାଳରେ ସେମାନଙ୍କ ଭିତରୁ କେତେଜଣ ଗାଁକୁ ଗାଁ ବୁଲି ଲୋକଙ୍କୁ ମତାଇବାରେ ଲାଗିଲେ । କନ୍ଧମାଳର ତହସିଲଦାର ଘନବନ୍ଧୁ ପଟ୍ଟନାୟକ ଏହି ବିଦ୍ରୋହୀମାନଙ୍କୁ ଧରିବା ପାଇଁ ବହୁ ଉପାୟ ଅବଲମ୍ବନ କରିଥିଲେ । ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଖୋଜାଖୋଜି ହୋଇଥିଲା । ଏହି ୩୧ ଜଣଙ୍କ ଭିତରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧୭ ଜଣ ଧରା ହୋଇ ଯାଇ ଥିଲେ । ବଳକା ୧୭ ଜଣ ଜଙ୍ଗଲରେ ବୁଲି ସରକାରଙ୍କୁ ବିବ୍ରତ କରିବାରେ ଲାଗିଲେ ।

ଚାରି ଦିଗରେ ଅଶାନ୍ତି

ଅକ୍ଟୋବର ମାସରେ ଅବସ୍ଥା ବେଳକୁବେଳ ଜଟିଳ ହୋଇପଡ଼ିଲା । ୩୧ ତାରିଖ ଦିନ ସୁରେନ୍ଦ୍ର ସାଏ ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇବା ପରେ ଅବସ୍ଥା ଆହୁରି ସାଂଘାତିକ ହୋଇପଡ଼ିଲା । ନଭେମ୍ବର ମାସର ପ୍ରଥମ ସପ୍ତାହ ବେଳକୁ ସମଗ୍ର ସମ୍ବଲପୁର ଜିଲ୍ଲାରେ ବିଦ୍ରୋହର ପ୍ରଭାବ ବିସ୍ତାର ଲାଭ କରିଥିବାର ଦେଖାଗଲା । ସମ୍ବଲପୁର ଗଡ଼ର ଆଖପାଖ ଅଞ୍ଚଳରେ କେତେକ ମୁଖିଆ ଲୋକ ବିଦ୍ରୋହରେ ପ୍ରକାଶ୍ୟ ଭାବରେ ଯୋଗ ଦେଇ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରିବାକୁ

ବାହାରିଲେ । ଦଳ ଦଳ ହୋଇ ବିଦ୍ରୋହୀମାନେ ଗଡ଼ର ଚାରି ପାଖ ମାଇଲ ଦୂରରେ ରହି ସରକାରୀ ଘାଟି ଉପରେ ବନ୍ଧୁକ ଫାୟର କରିବାକୁ ମଧ୍ୟ ଆରମ୍ଭ କରିଦେଲେ । ଦିନବେଳେ ଜଙ୍ଗଲରେ ଲୁଚି ରହି ରାତିରେ ଗଡ଼ ନିକଟକୁ ଆସି ଉପଦ୍ରବ ସୃଷ୍ଟି କରିବାର ସାହସ ମଧ୍ୟ ସେମାନଙ୍କର ଦେଖାଗଲା ।

ଗଡ଼ଜାତମାନଙ୍କ ମତିଗତି

ଗଡ଼ଜାତର ରାଜାମାନଙ୍କ ପ୍ରତି ସରକାର ଯେ ନୀତି ଅବଲମ୍ବନ କରିବେ ତାହା ସରକାର ସେ ପର୍ଯ୍ୟନ୍ତ ଠିକ୍ କରି କରିପାରି ନ ଥିବାରୁ ହଠାତ୍ କିଛି କରିବା ଭଳି ଶକ୍ତି ସରକାରଙ୍କର ନ ଥିଲା । ବୋଧହୁଏ, ସମ୍ବଲପୁରର ଶାସକମାନେ ବିଦ୍ରୋହକୁ ସେତେ ଗୁରୁତ୍ୱ ଦେଇ ନ ଥିଲେ । ସେଠାରେ ଯେତିକି ସୈନ୍ୟବଳ ଥିଲା ତାହା ସାହାଯ୍ୟରେ ବିଦ୍ରୋହ ଦମନ କରିପାରିବେ ବୋଲି ସେମାନେ ଭାବୁଥିଲେ । ଏକେତ ହାକିମମାନଙ୍କର ସଂଖ୍ୟା କମ୍ ଥିଲା, ସେଥିରେ ପୁଣି ଦକ୍ଷ ସୈନ୍ୟବଳର ଅଭାବ ଥିବାରୁ ପରିସ୍ଥିତି ଅତି ଜଟିଳ ଅବସ୍ଥାକୁ ଆସିଗଲା ।

ବାମଣ୍ଡାର ଶ୍ରୀକୃଷ୍ଣ ବିଦ୍ରୋହୀ ହେଲେ

ବାମଣ୍ଡା, ରେଢ଼ାଖୋଲ, ଅନୁଗୁଳ ପ୍ରଭୃତି ଅଞ୍ଚଳରେ ବିଦ୍ରୋହୀମାନଙ୍କ ଆଡ୍ଡା ଗଠିତ ହୋଇ ସାରିଥିବାରୁ କଟକ-ସମ୍ବଲପୁର ବାଟ ବିପଦସଙ୍କୁଳ ହୋଇ ପଡ଼ିଥିଲା । ବାମଣ୍ଡା ରାଜାଙ୍କ ଅଧୀନର କେତେକ ଲୋକ ପ୍ରକାଶ୍ୟ ଭାବରେ ବିଦ୍ରୋହରେ ଯୋଗ ଦେଇଥିବା ଖବର ସରକାରଙ୍କଠାରେ ପହଞ୍ଚିଥିଲା ବାମଣ୍ଡାର ଶ୍ରୀକୃଷ୍ଣ ବୋଷ ନାମକ ଜଣେ ପ୍ରତିପତ୍ତିଶାଳୀ ଲୋକ

ବିଦ୍ରୋହରେ ଯୋଗ ଦେଇଥିବା ଜଣାଯାଇଥିଲା । ରାଜା ଶ୍ରୀକୃଷ୍ଣଙ୍କୁ ଧରାଇବା ପାଇଁ କୌଣସି ଉପାୟ ଅବଲମ୍ବନ କରି ନ ଥିବାରୁ ତାଙ୍କ (ରାଜାଙ୍କ) ପ୍ରତି ସରକାରଙ୍କର ଆସ୍ଥା ରହିପାରିଲା ନାହିଁ । ଅକ୍ଟୋବର ମାସରେ ସୁରେନ୍ଦ୍ର ସମ୍ବଲପୁରରେ ପହଞ୍ଚିବା ସମୟରେ ରାଜା ସରକାରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଦଳେ ପାଇକଙ୍କୁ ଧରି ସମ୍ବଲପୁରରେ ଉପସ୍ଥିତ ହୋଇଥିଲେ । କିନ୍ତୁ ତାଙ୍କ ମତିଗତି ଭଲଭାବରେ ଜାଣି ନ ପାରିବାରୁ କାପ୍ଟେନ ଲେ ତାଙ୍କୁ ବାମଣ୍ଡାକୁ ବାହୁଡ଼ିଯିବା ପାଇଁ ଆଦେଶ ଦେଇଥିଲେ ।

କଟକରେ ବିଦ୍ରୋହୀ ସିପାହୀ ଦଳ ?

ସମ୍ବଲପୁରର ଚାରି ଦିଗରେ ଅଶାନ୍ତି ଲାଗି ଯାଇଥିବାର ସମ୍ବାଦ ମଧ୍ୟ ସରକାରଙ୍କଠାରେ ପହଞ୍ଚିଥିଲା । ଅଗଷ୍ଟ ମାସରେ କଟକରେ ଖବର ପହଞ୍ଚିଥିଲା ଯେ ପ୍ରାୟ ତିନିଶହ ବିଦ୍ରୋହୀ ପଦାତିକ ସୈନ୍ୟ ସମ୍ବଲପୁରରୁ ଆସି, ସୋନପୁରରେ ମହାନଦୀ ପାର ହୋଇ ଦକ୍ଷିଣକୁ ଯାତ୍ରା କରୁଛନ୍ତି । ଏ ଖବର ମଧ୍ୟ କଲିକତାରେ ଗ୍ରେଟ ଲାଟଙ୍କ ପାଖରେ ପହଞ୍ଚିଥିଲା । ଗ୍ରେଟଲାଟ କଟକ କମିସନରଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇ ଏହି ଖବରର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ । କମିଶନର ଜି, ଏଫ, କକ୍‌ବର୍ଣ୍ଣ ସାହେବ ସରକାରଙ୍କୁ ଜଣାଇଲେ ଯେ ଏହି ଖବରର ସତ୍ୟାସତ୍ୟ ଅନୁସନ୍ଧାନ କରି ଶୀଘ୍ର ଉତ୍ତର ଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ବୌଦ କଟକଠାରୁ ପ୍ରାୟ ୧୫ ଦିନର ବାଟ, ବାଟ ମଧ୍ୟ ଭଲ ନୁହେଁ, ପୁଣି ସେଠାରେ ପୋଲିସ ବୋଲି କିଛି ନାହିଁ । ଏହି ଅସୁବିଧାରୁ ସେ ହଠାତ୍ କିଛି କରି ପାରୁ ନାହାନ୍ତି, ତେବେ ଖବର-ଅନ୍ତର ବୁଝିବା ପାଇଁ ଯତ୍ନ କରୁଛନ୍ତି ।

ଏଥିରୁ ସମ୍ବଲପୁରର ଦକ୍ଷିଣରେ ଅବସ୍ଥା କେତେ ଜଟିଳ ହୋଇ ଯାଇଥିଲା ତାହା ସହଜରେ ଜଣାଯାଉଛି । ଏ ଅଞ୍ଚଳରେ କନ୍ଧମାଳ ତହସିଲଦାର ଧନବନ୍ଧୁ ପଟ୍ଟନାୟକ ଓ ତାଙ୍କ ସିବନ୍ଦୀ ପାଇକଦଳ କେବଳ ସରକାରଙ୍କ ଏକମାତ୍ର ସମ୍ବଳ ହୋଇଥିଲେ କହିଲେ ଚଳେ । ଅବଶ୍ୟ ମାନ୍ଦ୍ରାଜ ଅଧୀନର ଗଞ୍ଜାମ ଜିଲ୍ଲାର ପାର୍ବତ୍ୟ ଅଞ୍ଚଳରେ ଗଣ୍ଡଗୋଳ ବ୍ୟାପିବାର କିଛି ଆଶଙ୍କା ନ ଥିବାରୁ ଏବଂ ମାନ୍ଦ୍ରାଜ ପ୍ରଦେଶ ବିଦ୍ରୋହରୁ ଏକ ପ୍ରକାର ମୁକ୍ତ ଥିବାରୁ ସରକାରଙ୍କୁ ବିଶେଷ ଭାବରେ ଚିନ୍ତିତ ହେବାକୁ ପଡ଼ି ନ ଥିଲା ।

ମୟୂରଭଞ୍ଜ ରାଜାଙ୍କ ଅବସ୍ଥା

ସମ୍ବଲପୁରର ପୂର୍ବକୁ ମଧ୍ୟ ଅବସ୍ଥା ସେତେ ଭଲ ନ ଥିଲା । ବିଦ୍ରୋହ ଆରମ୍ଭ ହୋଇଯିବାରେ ଚାଇଁବସାରେ ସରକାରୀ ଖଜଣାଖାନା ଜଗିବାକୁ ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟ କେତେକ ରାଜା ସରକାରଙ୍କୁ ସାହାଯ୍ୟ କରୁଥିଲେ ମଧ୍ୟ ସରକାରଙ୍କର ଏହି ରାଜାମାନଙ୍କ ପ୍ରତି ପୂରା ବିଶ୍ୱାସ ଆସି ନ ଥିଲା । ଅଗଷ୍ଟ ମାସ ଶେଷ ଆଡ଼କୁ ମେଦିନୀପୁର ଜିଲ୍ଲା ମାଜିଷ୍ଟ୍ରେଟ କମିସନର ଚକ୍ରବର୍ତ୍ତୀଙ୍କୁ ଖବର ଦେଲେ ଯେ ମୟୂରଭଞ୍ଜ ରାଜା ପାଇକ ସଂଗ୍ରହ କରୁଛନ୍ତି ଏବଂ ଲୁହର ହାତର ବହୁ ସଂଖ୍ୟକ ତୋପାସ୍ତ ସେ ରାଜ୍ୟରେ ପଶିଛନ୍ତି । କମିସନରଙ୍କ ଆଦେଶ ଅନୁସାରେ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ ମାକ୍‌ଟିଆର୍ ଅନୁସନ୍ଧାନ କରି ଜଣାଇଲେ ଯେ, ସେଠାରେ ଆଶଙ୍କାର କାରଣ ନାହିଁ । ରାଜା ଯେଉଁ ପାଇକ ସଂଗ୍ରହ କରୁଛନ୍ତି ତାହା ସରକାରଙ୍କୁ ସାହାଯ୍ୟ କରିବା ପାଇଁ ହେଉଛି । କାନପୁରର ମୁରଟିଆ ଖାଁଙ୍କଠାରୁ ରାଜା କେତେ ଟଙ୍କା ଧାର କରିଥିଲେ । ଋଣ ସୁଝି ନ ପାରି ମୁରଟିଆଖାଁଙ୍କୁ ବାମନଘାଟିର ତହସିଲଦାର ରୂପେ ରାଜା ନିଯୁକ୍ତ କରିଛନ୍ତି । ଏ ଅଞ୍ଚଳରେ

ଯେପରି ଅଶାନ୍ତି ନ ହୁଏ ସେଥିପାଇଁ ଖାଁ ଯତ୍ନ କରୁଛନ୍ତି । ଅତଏବ ଆଶଙ୍କାର କାରଣ କିଛି ନାହିଁ । ଚାଇଁବସାରେ ଅବସ୍ଥା ବେଶି ଖରାପ ହେଲେ ଓଡ଼ିଶାର ଜଙ୍ଗଲ ଅଞ୍ଚଳର ଅବସ୍ଥା ଭବିଷ୍ୟତରେ ନିଶ୍ଚୟ ଖରାପ ହେବାର ଆଶଙ୍କା କରି ପୂର୍ବରୁ ଅନ୍ୟ ସ୍ଥାନମାନଙ୍କରୁ ସୈନ୍ୟ ପଠାଇ ସେଠାରେ ପ୍ରତିରକ୍ଷାବ୍ୟୂହ ଗଠନ କରିବା ଉଚିତ ବୋଲି ଭାବି କମିସନର ବାଲେଶ୍ୱରରେ ଥିବା ୬୪ ଜଣ ପାଇକଙ୍କ ସହ ଆଉ ୪୦ ଜଣ ନୂଆ ସିପାହୀଙ୍କୁ ଚାଇଁବସାକୁ ପଠାଇବା ପ୍ରସ୍ତାବ କଲେ । କିନ୍ତୁ ବିଦ୍ରୋହୀମାନଙ୍କ ସଂଖ୍ୟା ବେଶି ହୋଇଥିଲେ ଏମାନେ ପ୍ରତିରୋଧ କରିବା ସମ୍ଭବ ହେବ ନାହିଁ ଏବଂ ହାରିଗଲେ ଖରାପ ପ୍ରଭାବ ପଡ଼ିବ, ଏ ଆଶଙ୍କାରେ ଏହି ପାଇକମାନଙ୍କୁ କମିଶନର ଆଉ ପଠାଇଲେ ନାହିଁ ।

ଇଂରେଜ ଡାକ୍ତରଙ୍କ ହତ୍ୟା

ବିଦ୍ରୋହୀମାନେ କିପରି ବିବ୍ରତ କରିବାକୁ ଆରମ୍ଭ କଲେଣି ତାହା ନିମ୍ନ ଘଟଣାରୁ ଭଲ ଭାବରେ ଜଣାପଡ଼ିବ । ସମ୍ବଲପୁରର ସୈନିକମାନଙ୍କ ଚିକିତ୍ସା ପାଇଁ ଗଞ୍ଜାମରୁ ଡାକ୍ତର ମୁର୍ ଓ ଏପୋଥିକାରୀ ହାମସନ୍ ନାମକ ଦୁଇଜଣ କର୍ମଚାରୀଙ୍କୁ ଗଞ୍ଜାମ କଲେକ୍ଟର କଟକ ବାଟେ ସମ୍ବଲପୁର ଯିବାକୁ ଆଦେଶ ଦେଇଥିଲେ । ଏ ଦୁଇଜଣ କର୍ମଚାରୀ କଟକରେ ପହଞ୍ଚି ଅନୁଗୋଳ ବାଟେ ସମ୍ବଲପୁର ବାହାରିଲେ । ସେମାନେ ଅନୁଗୋଳରୁ ରେଢ଼ାଖୋଲ ରାଜଧାନୀ ରାମପୁରରେ ପହଞ୍ଚିଲେ । ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଯିବାବାଟ ନିରାପଦ ନ ଥିବାରୁ ସମ୍ବଲପୁରରୁ କେତେ ଜଣ ସୈନିକଙ୍କୁ ପଠାଇବା ନିମନ୍ତେ କାପ୍ଟେନ ଲେଙ୍କଠାରୁ ସେମାନେ ଖବର ଦେଲେ । କିନ୍ତୁ ଲେଙ୍କଠାରୁ କିଛି ଖବର ନ ମିଳିବାରୁ

ସେମାନେ ବିଚଳିତ ହୋଇ ପଡ଼ିଲେ । ସମ୍ବଲପୁରର ଅବସ୍ଥା ଜଟିଳ ହୋଇ ଯାଇଥିବା ଆଶଙ୍କା କରି ଆଉ ଅଟକି ରହିବା ପାଇଁ ସେମାନଙ୍କର ଧୈର୍ଯ୍ୟ ରହିଲା ନାହିଁ । ଦୁହେଁ ସମ୍ବଲପୁର ଯିବା ପାଇଁ ବ୍ୟଗ୍ର ହେଲେ । ସେତେବେଳେ ସମ୍ବଲପୁର-ରାମପୁର ରାସ୍ତା (ପ୍ରାୟ ୪୦ ମାଇଲ) ବିଦ୍ରୋହୀମାନଙ୍କ ଆଡ୍ଡା ଥିବାରୁ ଯଥେଷ୍ଟ ସଂଖ୍ୟାରେ ରକ୍ଷୀ ନ ନେଇ ଯିବା ଉଚିତ ନୁହେଁ ବୋଲି ରେଢ଼ାଖୋଲ ରାଜା ଏ ଦୁହିଁଙ୍କୁ ମନା କଲେ । କିନ୍ତୁ ରାଜାଙ୍କ ପରାମର୍ଶ ନ ମାନି ଦୁହେଁ ୧୭ ଜଣ କୋହିଆଙ୍କୁ ସାଙ୍ଗରେ ଧରି ସମ୍ବଲପୁର ଆଡ଼କୁ ବାହାରିଲେ । ରାମପୁରର କିଛି ଦୂରରେ ଜଙ୍ଗଲରେ ରେଢ଼ାଖୋଲର ମଧୁ ଗୌନ୍ତିଆଙ୍କ ଦଳ ଆକ୍ରମଣ କଲେ । ଏ ଦୁଇଜଣ ଇଂରେଜ ଅଫିସର ବିଦ୍ରୋହୀମାନଙ୍କ ସହିତ ସମ୍ମୁଖ ଲଢ଼େଇ କରି ଆତ୍ମରକ୍ଷା କରୁଥିବା ସମୟରେ ମଧୁ ଗୌନ୍ତିଆ ଫାରସାରେ ଡାକ୍ତର ମୁରଙ୍କୁ ହତ୍ୟା କଲା । ଡାକ୍ତର ହାମସନ କୌଣସି ପ୍ରକାରେ ଖସି ପଳାଇ ବଣ ଜଙ୍ଗଲରେ ଲୁଚି ରହିଲେ ।

ଦ୍ୱିତୀୟ ଦିନ ସମ୍ବଲପୁରରୁ ସେମାନଙ୍କୁ ନେବାପାଇଁ ଦଳେ ସିବନ୍ଦୀ ପାଇକ ଆସୁଥିଲେ । ବାଟରେ ଡାକ୍ତର ହାମସନ୍‌ଙ୍କୁ ଦେଖି ତାଙ୍କୁ ନେଇ ରାମପୁରରେ ପହଞ୍ଚିଲେ । ସେତେବେଳକୁ ହାମସନ୍ ହେଲ ଶେଷରେ ବହୁ ଯନ୍ତ୍ରଣା ଭୋଗ କରି ସାରିଥିଲେ ।

ସମ୍ବଲପୁରରେ ଏହି ଖବର ପହଞ୍ଚିବା ମାତ୍ରେ ୨୦ ତାରିଖ ଦିନ କାପ୍‌ଟେନ ଲେ ଦଳେ ମାଦ୍ରାଜୀ ସୈନ୍ୟଙ୍କୁ ଧରି ରେଢ଼ାଖୋଲ ଦିଗରେ ଅଗ୍ରସର ହେଲେ । ତାଙ୍କ ସଙ୍ଗରେ ଦଳେ ସିବନ୍ଦୀ ପାଇକ ବଳ ମଧ୍ୟ ଥିଲେ । ବିଦ୍ରୋହୀମାନେ ତାଙ୍କ ଉପରେ ଆକ୍ରମଣ କରି ଜଙ୍ଗଲ ଭିତରେ କେତେ ଜଣଙ୍କୁ ମାରି ପକାଇଲେ ଓ

କେତେ ଜଣଙ୍କୁ ଜଖମ ମଧ୍ୟ କରି ଦେଲେ । ବିଦ୍ରୋହୀମାନଙ୍କୁ ବଣ ଭିତରେ ଧରିବା ସମ୍ଭବ ହୋଇପାରି ନ ଥିଲା । ପୁଣି ସେମାନଙ୍କର ସାହସ ମଧ୍ୟ ଖୁବ୍ ବଢ଼ି ଯାଇଥିଲା । ଡାକ୍ତର ହାମସନ୍‌ଙ୍କୁ ସାଙ୍ଗରେ ନେଇ ସିବନ୍ଦୀମାନେ ସମ୍ବଲପୁରରେ ପହଞ୍ଚିଲେ ।

---

(୨) ସରକାରୀ ନୂତନ ବ୍ୟବସ୍ଥା

ହାକିମ ହୁକୁମ ପାଇବାରେ ଅସୁବିଧା

ଶୀତ ଋତୁ ଆରମ୍ଭ ହୋଇ ସାରିଲାଣି । ଧାନ କଟାକଟି ବେଳ ନିକଟ ହୋଇ ଆସିଲାଣି; ଲୋକଙ୍କ ମନ ସେଆଡ଼େ ଲାଗିଯିବ । ଯଦି ଏତିକି ବେଳେ ବିଦ୍ରୋହୀମାନଙ୍କୁ ଦମନ କରା-ନ ଯାଏ ତେବେ କାମ ନିକମା ବେଳ ଆସିଗଲେ ଲୋକଗୁଡ଼ି ବହୁଣିକୁ ବୋହିଯିବାର ଆଶଙ୍କା ରହିଛି । ପୁଣି ଭାରତର ବିଭିନ୍ନ ଅଞ୍ଚଳରୁ ଯଦି ଅଶାନ୍ତି ଖବର ସମ୍ବଲପୁରରେ ପହଞ୍ଚେ, ତାହା ହେଲେ ବିଦ୍ରୋହୀମାନଙ୍କର ଶକ୍ତି ବୃଦ୍ଧି ପାଇଯିବାର ସମ୍ଭାବନା ମଧ୍ୟ ରହିଛି । ଏକଥା ଜାଣି ବୁଝି ବଡ଼ ହାକିମମାନେ ତନା-ଖନାରେ ବିଦ୍ରୋହ ଦମନ ବ୍ୟବସ୍ଥା କରିବାକୁ ଆରମ୍ଭ କଲେ ।

କିନ୍ତୁ ସରକାରୀ ରାଜଧାନୀରୁ ନିର୍ଦ୍ଦିଷ୍ଟ ଆଦେଶ ମିଳୁ ନ ଥିବାରୁ ସ୍ଥାନୀୟ ଅଧିକାରୀମାନେ କଠୋର ବ୍ୟବସ୍ଥା କରିବାକୁ ସାହସ କରୁ ନ ଥିଲେ । ଏଥିଯୋଗୁଁ ବିଦ୍ରୋହର ପ୍ରାଥମିକ ଅବସ୍ଥାରେ ସରକାରୀ ବ୍ୟବସ୍ଥାରେ ସୁଚିନ୍ତିତ ପରିକଳ୍ପନା ସେତେ ଦେଖାଯାଇ ନ ଥିଲା ।

ସେତେବେଳେ ସମ୍ବଲପୁର ଉପରେ ଛୋଟନାଗପୁର କମିଶନରଙ୍କ ଅଧିକାର ମଧ୍ୟ ଥିଲା । ଛୋଟନାଗପୁର ଡିଭିଜନର ଅଶାନ୍ତ ଅବସ୍ଥା ଦୃଷ୍ଟିରୁ ସମ୍ବଲପୁରଠାରୁ ସିଧାସଳଖ ଚିଠିପତ୍ର ଛୋଟନାଗପୁରକୁ ପଠା ନ ଯାଇ କଲିକତା ବାଟେ ପଠାଯାଉଥିଲା । ଏହାଦ୍ୱାରା ଉପର ଅଧିକାରୀଙ୍କଠାରୁ ସ୍ଥାନୀୟ ଅଧିକାରୀ ହୁକୁମ ପାଇବାରେ ଅଯଥା ବିଳମ୍ବ ହେଉଥିଲା । ପ୍ରଥମ ଅବସ୍ଥାରେ ଯାହା ବା ବ୍ୟବସ୍ଥା ହୋଇଛି, ତାହା କେବଳ ସ୍ଥାନୀୟ ହାକିମ ନିଜ ଦାୟିତ୍ୱରେ କରିଛନ୍ତି ବୋଲି କହିବାକୁ ହେବ ।

ସମ୍ବଲପୁର କଟକ କମିଶନରଙ୍କ ଅଧୀନକୁ ଆସିଲା

ନଭେମ୍ବର ମାସ ୫ ତାରିଖରେ ଶିଣ୍ଡା ଓ କୋଲାବିରା ଉପରେ କାପ୍ଟେନ ନୋକ୍‌ର ଓ ଲେଫ୍‌ଟେନାଣ୍ଟ ହେଡ୍ଡୋଙ୍କ ଅଧିନାୟକତ୍ୱରେ ଯେଉଁ ଆକ୍ରମଣ ହୋଇଥିଲା, ସେଥିରେ ବିଦ୍ରୋହୀମାନେ ସ୍ଥାନ ତ୍ୟାଗ କରି ଜଙ୍ଗଲ ଭିତରକୁ ପଳାଇଯିବାରୁ ଏହି ଅଫିସରମାନଙ୍କ ମନରେ ଧାରଣା ହେଲା ଯେ ବିଦ୍ରୋହୀମାନଙ୍କ ମନବଳ ଏକାବେଳକେ ଭାଙ୍ଗିଗଲା ଏବଂ ସେମାନେ ଯେ ଯାହା ଘରକୁ ବାହୁଡ଼ି ଗଲେଣି । ଏହି ଧାରଣାର ବଶବର୍ତ୍ତୀ ହୋଇ କାପ୍ଟେନ୍ ନୋକର୍ ସମ୍ବଲପୁରରୁ ନଈ ବାଟରେ କଟକ ଫେରି ଆସିଲେ ଏବଂ ସେଠାରୁ ହାଇଦରାବାଦକୁ ନୂତନ ପଦରେ କାର୍ଯ୍ୟ କରିବା ପାଇଁ ବାହାରିଗଲେ । ଲେଫ୍‌ଟେନାଣ୍ଟ ହେଡ୍ଡୋ ମଧ୍ୟ ଜ୍ୱର ଯୋଗୁଁ ସମ୍ବଲପୁର ଛାଡ଼ି ବାହାରି ଆସିଲେ । ସେପ୍ଟେମ୍ବର ମାସ ଅଧାଅଧି ବେଳକୁ ସମ୍ବଲପୁରରେ ପୁରୁଣା ଅଫିସର କେହି ନ ଥିଲେ କହିଲେ ଚଳେ । ତିନି ଜଣ ଯୁବକ ଲେଫ୍‌ଟେନାଣ୍ଟ କେବଳ ସେଠାରେ ଥିଲେ ।

ସେମାନଙ୍କ ଭିତରୁ କେହି ହେଲେ ଓଡ଼ିଆ ଭାଷା ଜାଣି ନ ଥିଲେ । ସମ୍ବଲପୁର ପ୍ରାୟ ଅରକ୍ଷ ଅବସ୍ଥାରେ ରହିଥିଲା ବୋଲି କହିବାକୁ ହେବ । ଅବସ୍ଥାର ଗୁରୁତ୍ୱ ବୁଝିପାରି କଟକ କମିଶନର କକବର୍ଣ୍ଣ ସାହେବ ସରକାରଙ୍କୁ ତୁରନ୍ତ ସତର୍କ କରାଇଦେଲେ । ପୁଣି ଛୋଟନାଗପୁରର ଅବସ୍ଥା କ୍ରମେ ଜଟିଳ ହୋଇ ପଡ଼ୁଥିବାରୁ ଏବଂ ସେଠାର କମିଶନରଙ୍କ କାମ ଓ ଦାୟିତ୍ୱ ବହୁତ ବଢ଼ିଯାଇଥିବାରୁ ସେ ସମ୍ବଲପୁର ପ୍ରତି ଉପଯୁକ୍ତ ଦୃଷ୍ଟି ଦେଇପାରୁ ନ ଥିଲେ । ଏହି କାରଣରୁ କଟକ କମିଶନର ମୂଳରୁ ଏହି ଅବସ୍ଥାରେ ସମ୍ବଲପୁର ରକ୍ଷା ପାଇଁ ତାଙ୍କ କ୍ଷମତା ଅନୁଯାୟୀ ବ୍ୟବସ୍ଥା ଅବଲମ୍ବନ କରିଥିଲେ ।

ଡିସେମ୍ବର ମାସ ଆରମ୍ଭ ବେଳକୁ ବମ୍ବେ ରାସ୍ତାରେ ଡାକ ଆସିବା ପ୍ରାୟ ବନ୍ଦ ହେବାକୁ ବସିଲା । ସ୍ଥାନେ ସ୍ଥାନେ ବିଦ୍ରୋହୀମାନେ ଭଡ଼ାଦାର (ଧାଉଡ଼ିଆ)ମାନଙ୍କ ଉପରେ ଆକ୍ରମଣ କରୁଥିବାରୁ ଏମାନେ ଆଉ ଡାକ ଧରି ଯିବାପାଇଁ ସାହସ କଲେ ନାହିଁ । ଏହାଦ୍ୱାରା ସରକାରୀ କାମରେ ବହୁତ ବ୍ୟାଘାତ ଘଟିଲା । ଏପରି ଅସୁବିଧା ଯୋଗୁଁ କଟକ କମିଶନରଙ୍କ ଅଧୀନରେ ସମ୍ବଲପୁରକୁ ରଖିବାକୁ ସରକାର ସ୍ଥିରକଲେ । ଡିସେମ୍ବର ତା ୧୯ ରିଖ ଦିନ କଟକ କମିଶନର କକ୍‌ବର୍ଣ୍ଣ ସମ୍ବଲପୁରର ଦାର୍ଯ ନେଲେ ।

ସମ୍ବଲପୁରରେ ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ଆୟୋଜନ କରାଯିବାର ସୂଚନା ଅକ୍ଟୋବର ମାସଠାରୁ ଦେଖାଦେଇଥିଲେ ମଧ୍ୟ ନଭେମ୍ବର ମାସ ପର୍ଯ୍ୟନ୍ତ ବହୁତ ଅଭାବ ରହିଯାଇଥିଲା । ବଣଜଙ୍ଗଲ, ନଈନାଳ ସୈନ୍ୟ ପରିଚାଳନା ପ୍ରତି ଆଦୌ ଅନୁକୂଳ ନୁହେଁ । ସେଥିରେ

ପୁଣି ମାଳ ଅଞ୍ଚଳରେ ମାଳଜ୍ୱର ଯୋଗୁ ବହୁ ସୈନିକ ରୋଗାକ୍ରାନ୍ତ ହୋଇ ପଡ଼ୁଥିଲେ । ସମତଳ ଅଞ୍ଚଳର ଯେଉଁସବୁ ଲୋକେ ସୈନ୍ୟ ଭାବରେ କାମ କରୁଥିଲେ, ସେମାନେ ବଣଜଙ୍ଗଲରେ ପଶିଲାକ୍ଷଣି ମାଳଜ୍ୱରଦ୍ୱାରା ଆକ୍ରାନ୍ତ ହେଉଥିଲେ । କେତେକ ଲୋକ ମୃତ୍ୟୁ-ମୁଖରେ ମଧ୍ୟ ପଡ଼ୁଥିଲେ । ସରକାରଙ୍କୁ ଏ ଦିଗରୁ ମଧ୍ୟ କେତେକ ପ୍ରତିକାର ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ୁଥିଲା ।

ଡଙ୍ଗା, ବଳଦଗାଡ଼ି ବ୍ୟବସ୍ଥା

ନଈନାଳ ପାରିହେବା ପାଇଁ ସରକାର ବହୁତ ଡଙ୍ଗାର ବ୍ୟବସ୍ଥା କରିଥିଲେ । ଘାଟମାନଙ୍କରେ ଯେପରି ଅଯଥା ବିଳମ୍ବ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଉଥିଲା । ମାଲପତ୍ର ବୋହିବା ପାଇଁ କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ବଳଦଗାଡ଼ିର ବ୍ୟବସ୍ଥା ମଧ୍ୟ ହୋଇଥିଲା । ଯିବା ଆସିବା ପାଇଁ ପ୍ରାୟ ଏକମାସ ସମୟ ଗାଡ଼ିକୁ ଲାଗୁଥିଲା । ଗାଡ଼ିବାଲାମାନେ ଗାଡ଼ି ପ୍ରତି ଯିବାଆସିବା ୧୨ ଟଙ୍କାଠାରୁ ୧୮ ଟଙ୍କା ପର୍ଯ୍ୟନ୍ତ ନେଉଥିଲେ । ଥରକେ ଦୁଇଶହ ତିନିଶହ ବଳଦଗାଡ଼ି, ଦୁଇଶହ ତିନିଶହ ଭରୁଆ, ଶହ ଶହ ଥୋରିଆ ବଳଦ ମେଳ ବାନ୍ଧି ଚାଲୁଥିଲେ । ବାଟରେ ପ୍ରତ୍ୟେକ ଠଣାରେ ଯେପରି ଫୌଜ ପାଇଁ ଯଥେଷ୍ଟ ପରିମାଣରେ ରସଦ ମିଳେ, ତାର ବ୍ୟବସ୍ଥା ମଧ୍ୟ ହେଉଥିଲା । ବାଟର ଗଡ଼ଜାତ ରାଜା ଓ ଜମିଦାରମାନେ କମିଶନରଙ୍କଠାରୁ ମୂଲ୍ୟ ନେଇ ରସଦ ଯୋଗାଇବା ପାଇଁ ପରୱାନା ପାଉଥିଲା । ଜଙ୍ଗଲ ବାଟ ସଫା ରଖିବା ପାଇଁ ମଧ୍ୟ ଆଦେଶ ପାଉଥିଲା । ଆଠଗଡ଼, ଢେଙ୍କାନାଳ, ରେଢ଼ାଖୋଲ, ବଉଦ, ବାମଣ୍ଡା, ସୋନପୁର ପ୍ରଭୃତି ରାଜାଙ୍କ ଉପରେ ଏ

ସମ୍ବନ୍ଧରେ ଘନ ଘନ ପରୱାନା ଜାରି ହେଉଥିଲା । ଆଦେଶ ଅମାନ୍ୟ କଲେ ଅର୍ଥଦଣ୍ଡର ଧମକ ମଧ୍ୟ ଦିଆ ଯାଉଥିଲା ।

ହାତୀ ବ୍ୟବସ୍ଥା

ଜଙ୍ଗଲ ଭିତରେ ଯିବା ଆସିବା ପାଇଁ ସରକାର କେତେକ ହାତୀର ବ୍ୟବସ୍ଥା ମଧ୍ୟ କରିଥିଲେ । ସମ୍ବଲପୁର ଓ ସିଂହଭୂମି ଅଞ୍ଚଳ ପାଇଁ ଅକ୍ଟୋବର ମାସରେ କଟକ କମିଶନରଙ୍କ ପ୍ରସ୍ତାବ ମତେ ବାରଟି ହାତୀ ରଖାଯିବା ସ୍ଥିର ହେଲା । ଗଞ୍ଜାମ ଜିଲ୍ଲା କଲେକ୍ଟରଙ୍କ ଉଦ୍ୟମରେ ଗଞ୍ଜାମ ଆଠଗଡ଼ର ରାଜା ଦୁଇଟି ହାତୀ ଦେବାକୁ ରାଜି ହୋଇଥିଲେ । କଟକ କମିଶନରଙ୍କ ଉଦ୍ୟମରେ ମୟୂରଭଞ୍ଜ ରାଜା ୧, କେଉଁଝର ରାଜା ୧, ନୀଳଗିରି ରାଜା ୧, ଆଳି ରାଜା ୧, ପଟିଆ ରାଜା ୨, ଦର୍ପଣ ରାଜା ୨, ଏପରି ୮ଟି ହାତୀ ମିଳିବା ସମ୍ଭବ ହେଲା । ଦୁଇଟି ହାତୀ କିଣିବା ସ୍ଥିର ହୋଇ ୧୨ଟି ହାତୀ ଉପଦ୍ରୁତ ଅଞ୍ଚଳକୁ ପଠାଇବା ସ୍ଥିର ହେଲା । ହାତୀ ଚଳେ ଯାବତୀୟ ଖର୍ଚ୍ଚ ସରକାର ତୁଲାଇବା ଭାର ନେଲେ । ମାହୁନ୍ତଙ୍କ ଦରମା ମଧ୍ୟ ସରକାର ଦେବା ସ୍ଥିର ହେଲା । ଯୁଦ୍ଧରେ ହାତୀ ନୋକସାନ ହେଲେ ତାର ଦାମ ଦାବୀ କରିବେ ନାହିଁ ବୋଲି ରାଜାମାନେ ସ୍ୱତଃପ୍ରବୃତ୍ତ ହୋଇ ସରକାରଙ୍କୁ ଜଣାଇ ଦେଲେ । ଏହି ହାତୀସବୁ ଠିକଣା ଜାଗାରେ ପହଞ୍ଚିଯିବାରୁ ସରକାର ପକ୍ଷର ଅଭିଯାନ ଟିକିଏ ସୁଗମ ହୋଇଗଲା ।

ଅନୁଗୁଳ ସରକାରୀ ଘାଟୀ

ଅନୁଗୁଳର ଅବସ୍ଥା ମଧ୍ୟ ସନ୍ତୋଷଜନକ ନ ଥିଲା । ୧୮୪୭-୪୮ରେ ଅନୁଗୁଳ ରାଜାଙ୍କ ବିଦ୍ରୋହ ଫଳରେ ସେଠାରେ ଲୋକଙ୍କୁ ସହଜରେ ସରକାରୀ କର୍ମଚାରୀମାନେ ବିଶ୍ୱାସ କରୁ ନ ଥିଲେ ।

ଅନୁଗୁଳ ରଜା ଧରାହେବା ପରେ ସେଠାରେ ଅବସ୍ଥା ଅବଶ୍ୟ ଶାନ୍ତ ହୋଇଥିଲା; କିନ୍ତୁ ସମ୍ବଲପୁରର ଅଶାନ୍ତ ଅନୁଗୁଳ ଉପରେ ଖରାପ ପ୍ରଭାବ ପକାଇବାର ବେଶି ସମ୍ଭାବନା ଥିବାରୁ କଟକରୁ କମିଶନର ସାହେବ ତାଙ୍କ ଆସିଷ୍ଟାଣ୍ଟ ବାବୁ ବ୍ରହ୍ମାନନ୍ଦ ଦାସଙ୍କୁ ଅନୁଗୁଳରେ ରଖିଲେ । ତାଙ୍କ ପାଖରେ ୩୦ ଜଣ ପାଇକ ଥିଲେ । ତାହା ଯଥେଷ୍ଟ ବୋଲି ଧାରଣା ନ ହେବାରୁ ତାକୁ ବଢ଼େଇ ୮୦ କରିବାକୁ ଏବଂ ଦରକାର ପଡ଼ିଲେ ଆଖପାଖର ଗଡ଼ଜାତ ରଜା-ମାନଙ୍କଠାରୁ ପାଇକ ସଂଗ୍ରହ କରିବାକୁ କମିଶନର ସାହେବ ହୁକୁମ ଦେଲେ । ଅନୁଗୁଳ କଟକ-ସମ୍ବଲପୁର ବାଟରେ ଏକ ପ୍ରଧାନ ଘାଟି ହେଲା ।

ସରକାରୀ ଖର୍ଚ୍ଚରେ କଷୋଟପଣିଆ

ଏତେ ଆୟୋଜନ ଭିତରେ ସରକାରୀ ଖର୍ଚ୍ଚରେ ଯେପରି ଟିକିଏ କଷୋଟପଣିଆ ଦେଖାଯାଉଥିଲା । ଅଧିକା ପାଇକ ରଖିବାକୁ ହେଲେ ବା ଅନ୍ୟ କୌଣସି ଖର୍ଚ୍ଚାନ୍ତ ବ୍ୟବସ୍ଥା କରିବାକୁ ହେଲେ କଲିକତାରୁ ଗ୍ରେଟଲଟ ସାହେବଙ୍କଠାରୁ କମିଶନରଙ୍କୁ ହୁକୁମ ଆଣିବାକୁ ପଡ଼ୁଥିଲା । ବାଲେଶ୍ୱରରେ ୬୪ ଜଣ ସୈନ୍ୟ ପାଇକ କମ୍ପାନୀରେ ଥିଲେ । ପାଇକ ସଂଖ୍ୟା ବୃଦ୍ଧି ପାଇବା ଦରକାର ପଡ଼ିବାରୁ ଆଉ ୩୨ ଜଣ ଅଧିକା ଲୋକଙ୍କୁ କମ୍ପାନୀରେ ନେବା ପାଇଁ କମିଶନର ଇଚ୍ଛା କଲେ । ସେ ବାବଦରେ ମାସିକ ଅଧିକା ୯୮ ଟଙ୍କା ପଡ଼ିବାର ହିସାବ ହୋଇଥିଲା । ମାସିକ ଦରମା ଜମାଦାର ୧ ଜଣ ୮ ଟଙ୍କା, ଜମାଦାର ୩ ଜଣ ୬ ଟଙ୍କା ହିସାବରେ ୧୮ ଟଙ୍କା, ବରକନ୍ଦାଜ ୧୮ ଜଣ ୪ ଟଙ୍କା ହିସାବରେ ୭୨ ଟଙ୍କା, ଏପରି ମୋଟ ୯୮ ଟଙ୍କା ଖର୍ଚ୍ଚ ହେବା ଦେଖାଇ କମିଶନରଙ୍କୁ ଗ୍ରେଟଲଟଙ୍କଠାରୁ ହୁକୁମ ଆଣିବାକୁ ପଡ଼ିଥିଲା । ଏଥି

ପାଇକ କମ୍ପାନୀରୁ ୩୨ ଜଣଙ୍କୁ ସମ୍ବଲପୁର ପଠାଇବାକୁ ପ୍ରସ୍ତାବ ହୋଇଥିଲା । ପାଇକ ସଂଖ୍ୟା ବୃଦ୍ଧି କରାଯାଇଥିଲେ ମଧ୍ୟ ନଭେମ୍ବର ମାସ ସୁଦ୍ଧା ସେମାନଙ୍କୁ ସମ୍ବଲପୁର ପଠାଇବାର ଆବଶ୍ୟକତା ହାକିମମାନେ ଉପଲବ୍ଧି କରି ନ ଥିଲେ ।

କାପ୍ଟେନ୍ ଲେଙ୍କ ଇସ୍ତଫା

ଅବସ୍ଥା ଅସମ୍ଭାଳ ହୋଇ ଆସୁଥିବା ବେଳେ କାପ୍ଟେନ୍ ଲେ ତାଙ୍କର ପଦତ୍ୟାଗ କରିବାପାଇଁ ଆବେଦନ କଲେ । ସେ ନିଜେ ନିଷ୍ଠାପର ଭାବରେ ବିଦ୍ରୋହ ଦମନ କାର୍ଯ୍ୟରେ ଲାଗିଥିଲେ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ତାଙ୍କର ସ୍ୱାସ୍ଥ୍ୟ ତାଙ୍କୁ ସାହାଯ୍ୟ କରୁ ନ ଥିଲା । ବିଶେଷତଃ ବିଦ୍ରୋହର ପ୍ରଥମାବସ୍ଥାରେ ସ୍ଥାନୀୟ ଅଫିସରମାନଙ୍କ ଭିତରେ ଅଳ୍ପ ଅଭିଜ୍ଞତା ଥିବା କେତେ ଜଣ ଯୁବକ ଅଧିକାରୀ ବିଦ୍ରୋହ ଦମନ କରିବା ଦିଗରେ ସମର୍ଥ ହେଲେ ନାହିଁ ବୋଲି କକବର୍ଣ୍ଣ ସାହେବ ଯେଉଁ ରିପୋର୍ଟ ସରକାରଙ୍କୁ ଦେଲେ, ସେଥିରେ କାପଟେନ୍ ଲେ ଦୁଃଖିତ ହୋଇ-ଥିଲେ ବୋଲି ଅନୁମାନ କରାଯାଏ । ତାହା ନ ହେଲେ ସେ ହଠାତ୍ କାହିଁକି ବା ଇସ୍ତଫା ଦିଅନ୍ତେ ? ସରକାର ତାଙ୍କର ଇସ୍ତଫା ଗ୍ରହଣ କରି ତାଙ୍କ ସ୍ଥାନରେ କର୍ଣ୍ଣେଲ ଫଷ୍ଟର୍‌ଙ୍କୁ ଆସିଷ୍ଟାଣ୍ଟ କମିଶନର କରି ପଠାଇଲେ । କାପଟେନ୍ ଲେ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ ମଧ୍ୟ ଫଷ୍ଟର୍ ସାହେବ ସମ୍ବଲପୁରରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ସେ ସେଠାରେ ରହି କାର୍ଯ୍ୟ ଚଳାଉଥିଲେ । ତାଙ୍କର ଏହି କାମ ଅବଶ୍ୟ ପ୍ରଶଂସନୀୟ ବୋଲି ସରକାର ସ୍ୱୀକାର କରିଛନ୍ତି । କାପ୍ଟେନ ଲେ ବହୁତ ଥର ସରକାରଙ୍କୁ ଅଧିକ ସାହାଯ୍ୟ ପଠାଇବା ପାଇଁ ଆବେଦନ କରିଥିଲେ; କିନ୍ତୁ ସରକାର ସେ ଦିଗରେ ବେଶ୍ ତତ୍ପର ନ ହେବାରୁ ସେଥିରେ

ଅସନ୍ତୁଷ୍ଟ ହୋଇ ପଦତ୍ୟାଗ କରିଥିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ । ଲେଙ୍କ ଅଧୀନରେ ଯେଉଁ ୬୦୦ ସୈନିକ ଓ ପାଇକ କାମ କରୁଥିଲେ, ସେମାନଙ୍କ ଭିତରୁ ୧୮୧ ଜଣ ବେମାର ହୋଇ ଡାକ୍ତରଖାନାରେ ପଡ଼ି ରହିଲେ ଏବଂ ଆଉ କେତେକ ରୋଗ ପ୍ରଭାବରୁ ଦୁର୍ବଳ ହୋଇପଡ଼ିଲେ । ବାହାରରୁ ଶୀଘ୍ର ସାହାଯ୍ୟ ନ ଆସିଲେ ଅବସ୍ଥା ଶୋଚନୀୟ ହୋଇପଡ଼ିବ— ଏହା ସେତେବେଳକୁ ହାକିମମାନେ ଉପଲବ୍ଧି କରିସାରିଥିଲେ ।

କଟକରୁ ସୈନ୍ୟ ପଠାଇବା ଅନୁଚିତ

କଟକରେ ଯେଉଁ ସାମରିକ ଘାଟୀ ଥିଲା ସେଠାରୁ ସୈନ୍ୟ ପଠାଇବା ଅତି ଅସୁବିଧା ଥିବା ବିଷୟ ସରକାରଙ୍କୁ କମିଶନର ସାହେବ ଜଣାଇଲେ । କଟକରେ ସେତେବେଳକୁ ମାନ୍ଦ୍ରାଜ ନେଟିଭ୍ ଇନ୍ଫାଣ୍ଟ୍ରିର ୪୦ ଦଳର ୪ଟି କମ୍ପାନୀ (୨୮୦) ଓ ୫ମ ଦଳର ୫ଟି କମ୍ପାନୀ (୩୫୦) ସୈନ୍ୟ କେବଳ ଥିଲେ । କଟକ, ପୁରୀ, ବାଲେଶ୍ୱର ଓ ୧୮ ଗଡ଼ଜାତର ରକ୍ଷା ପାଇଁ ଏହି ସାମରିକ ବ୍ୟବସ୍ଥା ନିଅଣ୍ଟ ଥିଲା କହିଲେ ଚଳେ । ଯଦି କଟକରୁ ସୈନ୍ୟ ସମ୍ବଲପୁରକୁ ଯାଆନ୍ତି, ତାହାହେଲେ ଅନ୍ୟ ସ୍ଥାନରୁ କଟକକୁ ସୈନ୍ୟ ଆମଦାନୀ ହେବା ନିତାନ୍ତ ଦରକାର ବୋଲି କମିଶନର ସରକାରଙ୍କୁ ଜଣାଇଲେ ।

---

(୮) ସଂଘର୍ଷ

ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ବସିଲା । ନଭେମ୍ବର ୨୫ ତାରିଖ ରାତିରେ ଦଳେ ବିଦ୍ରୋହୀ ସମ୍ବଲପୁର ସହର ପାଖରେ ପହଞ୍ଚିବା ଖବର ପାଇ ସରକାରୀ ପକ୍ଷର ଦଳେ ସୈନ୍ୟ

ସେମାନଙ୍କୁ ଧରିବାକୁ ବାହାରିଲେ; କିନ୍ତୁ ରାତିରେ ବିଦ୍ରୋହୀମାନଙ୍କୁ ଧରିବା ଆଦୌ ସମ୍ଭବ ହେଲା ନାହିଁ । ବିଦ୍ରୋହୀମାନେ କିଛି ସମୟ ଖଣ୍ଡଯୁଦ୍ଧ କରି ଜଙ୍ଗଲ ଭିତରେ ପଶି କୁଆଡ଼େ ଉଭେଇଗଲେ । ସରକାରଙ୍କ ତରଫରୁ ଦୁଇଜଣ ମଲେ ଓ ଆଠ ଜଣ ଆହତ ହେଲେ ।

ଏ ଘଟଣା ସହିତ ଡାକ୍ତର ମୁରଙ୍କ ହତ୍ୟା ସରକାରୀ ପକ୍ଷକୁ ବେଶି ଚିନ୍ତିତ କରି ପକାଇଲା । ହାନ୍ସନ୍ ସିନା ରକ୍ଷା ପାଇଗଲେ; କିନ୍ତୁ ତାଙ୍କର ସର୍ବସ୍ୱ ବିଦ୍ରୋହୀମାନେ ଛଡ଼ାଇ ନେଇ ଯାଇଥିଲେ । ଏହି ଘଟଣା ହାକିମମାନଙ୍କୁ ବଡ଼ ଅପମାନ ବୋଧ ହୋଇଥିବା ସମ୍ଭବ ।

କଟକରୁ ନିଜେ ଅଫିସର କମାଣ୍ଡିଂ ମେଜର ବେଟ୍ସ ସମ୍ବଲପୁର ଯିବାକୁ ବାହାରିଲେ । ସାଙ୍ଗରେ କଟକରେ ଥିବା ସବୁ ସୈନ୍ୟ ଓ ୪ଟି ତୋପ ମଧ୍ୟରୁ ୨ଟି ତୋପ, ଗୋଳା ବାରୁଦ ପ୍ରଭୃତି ଯୁଦ୍ଧ ସରଞ୍ଜାମ ଧରିଥିଲେ । ସମ୍ବଲପୁରରେ ଡାକ୍ତର ଅଭାବ ଥିବାରୁ ପୁରୀର ଡାକ୍ତର ପ୍ରିଙ୍ଗଲ୍‌ଙ୍କୁ ମଧ୍ୟ ସଙ୍ଗରେ ନେଇଥିଲେ ।

କକ୍‌ବର୍ଣ୍ଣ ସାହେବ ଡିସେମ୍ବର ତା ୧୯ ତାରିଖରେ କାର୍ଯ୍ୟଭାର ଗ୍ରହଣ କରି କାଳବିଳମ୍ବ ନ କରି ସମ୍ବଲପୁର ଅଭିମୁଖରେ ଯାତ୍ରା କଲେ ।

ଡିସେମ୍ବର ତା ୨୯ ରିଖରେ ନାଗପୁରରୁ କାପ୍ଟେନ ଉଡ୍ ସମ୍ବଲପୁରରେ ଦଳେ ଅଶ୍ୱାରୋହୀ ସୈନ୍ୟଙ୍କୁ ଧରି ପହଞ୍ଚିଲେ ।

ସମ୍ବଲପୁର ନିକଟରେ ସଂଘର୍ଷ

ଡିସେମ୍ବର ତା ୩୦ ରିଖ ଦିନ ସକାଳେ କାପ୍ଟେନ ଉଡ୍ ୨୩ ଜଣ ଅଶ୍ୱାରୋହୀ ସୈନ୍ୟ ଓ ୨୦୦ ସିପାହୀଙ୍କୁ ଧରି ଅତି

ସତର୍କ ରହି ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ସେଦିନ ସମ୍ବଲପୁର ନିକଟରେ ଦଳେ ବିଦ୍ରୋହୀଙ୍କୁ ଧରି ସୁରେନ୍ଦ୍ର ଓ ତାଙ୍କ ଭାଇ ଛବିଳ (ଛବିଲ) ଲୁଚି ରହିଥିବା ଖବର ଉଡ୍ ପାଇଲେ । ଅତି ଗୋପନରେ ସୈନ୍ୟ ଚାଳନା କରି ଗୋଟିଏ ଆମ୍ବତୋଟା ଭିତରେ ବିଦ୍ରୋହୀମାନଙ୍କୁ ଆକ୍ରମଣ କଲେ । ପ୍ରଥମେ ଅଶ୍ୱାରୋହୀମାନେ ସେଠାରେ ପହଞ୍ଚି ଅତର୍କିତ ଭାବରେ ସୁରେନ୍ଦ୍ରଙ୍କ ଦଳ ଉପରେ ଚଢ଼ାଉ କଲେ । ସଂଘର୍ଷ ଚାଲିଥିବା ସମୟରେ ସିପାହୀମାନେ ମଧ୍ୟ ପହଞ୍ଚିଯିବାରୁ ଯୁଦ୍ଧ ଭୀଷଣ ଆକାର ଧାରଣ କଲା । ବିଦ୍ରୋହୀମାନେ କ୍ଷେତ୍ରରୁ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଚାଲିଗଲେ । ବିଦ୍ରୋହୀମାନଙ୍କ ଭିତରୁ ୫୩ ଜଣ ପ୍ରାଣ ହରାଇଲେ; ବହୁତ ଲୋକ ଆହତ ହେଲେ ଏବଂ କେତେକ ମଧ୍ୟ ଧରାପଡ଼ିଲେ । ସୁରେନ୍ଦ୍ରଙ୍କ ଭାଇ ଛବିଲ ଏହି ଯୁଦ୍ଧରେ ପ୍ରାଣ ତ୍ୟାଗ କଲେ । କିନ୍ତୁ ସୁରେନ୍ଦ୍ର ଖସି ପଳାଇଲେ । ସରକାରୀ ପକ୍ଷରୁ କାହାର କିଛି ବିଶେଷ କ୍ଷତି ହୋଇନାହିଁ । କେବଳ କାପ୍ଟେନ ଉଡ୍ଙ୍କ ଦେହରେ ଗୁଳି ବାଜି ସାମାନ୍ୟ ଆଘାତ ଲାଗିଥିଲା ।

ବିଦ୍ରୋହୀମାନେ ବଣ ଭିତରେ ପଶିଯିବାରୁ ସେମାନଙ୍କ ପଛରେ ଗୋଡ଼ାଇବା ସମ୍ଭବ ନୁହେଁ ମନେକରି କାପ୍ଟେନ୍ ଉଡ୍ ସମ୍ବଲପୁର ସହରକୁ ଫେରି ଆସିଲେ ।

୧୮୫୮ ଜାନୁୟାରୀ ବେଳକୁ ସମ୍ବଲପୁର ଓ ଆଖପାଖ ଗଡ଼ଜାତମାନଙ୍କରେ ବିଦ୍ରୋହ ମନୋବୃତ୍ତି ପୂରା ମାତ୍ରାରେ ଦେଖା ଦେଲା । ଗଡ଼ଜାତ ରାଜାମାନେ ଉପରକୁ ସରକାରଙ୍କ ବଶ୍ୟତା ସ୍ୱୀକାର କରି ହାକିମମାନଙ୍କର ଆଦେଶକୁ ତାମିଲ କରିବାରେ ଲାଗିଥିଲେ ମଧ୍ୟ ବିଦ୍ରୋହୀମାନଙ୍କୁ ଦମନ କରିବା ମନୋଭାବ ସେମାନଙ୍କର ଆଦୌ ନ ଥିଲା କହିଲେ ଚଳେ । ଅତି ନଗଣ୍ୟ

ଅବସ୍ଥା ଆସିଗଲା ପରେ ଅବଶ୍ୟ କେତେ ଜଣ ରାଜା ଭବିଷ୍ୟତରେ ଅକାରଣ ବିପତ୍ତିରୁ ଅବ୍ୟାହତି ପାଇବା ପାଇଁ ଭଲଲୋକ ସାଜି ଯାଇଥିଲେ ।

ମଧୁ ଗୌନ୍ତିଆ ଧରାହେଲେ

ରେଢ଼ାଖୋଲ ଅନୁଗୁଳର ନିକଟରେ ଥିବାରୁ ଏବଂ ସମ୍ବଲପୁର-କଟକ ରାସ୍ତାରେ ଏହା ଏକ ସରକାରୀ ଘାଟି ଥିବାରୁ ସରକାରଙ୍କ ବିରୁଦ୍ଧରେ ପ୍ରକାଶ୍ୟ ଭାବରେ କିଛି କରିବାର ଉପାୟ ନ ଥିଲା । ତା ଛଡ଼ା ଡାକ୍ତର ମୁର୍‌ଙ୍କ ହତ୍ୟା ପରେ ସେଠାରେ ରାଜାଙ୍କୁ ସରକାରଙ୍କଠାରୁ ଯେଉଁ କଡ଼ା ତାଗିଦ୍ ମିଳିଲା ସେଥିରେ ସେ ବିଚଳିତ ହୋଇ ପଡ଼ିଲେ । ହେମ୍‌ସନ୍ ସାହେବଙ୍କୁ ଆଶ୍ରା ଦେଇ ରକ୍ଷା କରିଥିବାରୁ ଏବଂ ତା ପରେ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ଦଳେ ପାଇକ ଯୋଗାଇ ଦେବାକୁ ତାଙ୍କ ପ୍ରତି ସରକାରଙ୍କର କୋପଦୃଷ୍ଟି ଆଉ ପଡ଼ି ନ ଥିଲା । ରାଜା ମଧ୍ୟ ସରକାରଙ୍କ ଧମକରେ ଭୟ ପାଇଯାଇ ଡାକ୍ତର ମୁରଙ୍କୁ ଯେଉଁମାନେ ହତ୍ୟା କରିଥିଲେ ସେମାନଙ୍କୁ ଧରିବାରେ ସରକାରଙ୍କୁ ସାହାଯ୍ୟ କରିଥିଲେ । ହତ୍ୟାକାରୀମାନଙ୍କ ନେତା ମଧୁ ଗୌନ୍ତିଆ ଓ ତାଙ୍କର ଆଉ ତିନି ଜଣ ସହକର୍ମୀଙ୍କୁ ରେଢ଼ାଖୋଲ ରାଜା ଧରିଦେଇ ସରକାରୀ ହାକିମମାନଙ୍କ ହାତରେ ସମର୍ପଣ କରିଦେଲେ । ରାଜାଙ୍କର ଏହି କାର୍ଯ୍ୟକୁ ଲୋକେ ଅତି ଘୃଣ୍ୟକର୍ମ ବୋଲି ମନେ କଲେ । ଲୋକଙ୍କ ଭିତରେ ଉତ୍ତେଜନା ଦେଖାଦେଲା । ଫଳରେ କଟକ-ସମ୍ବଲପୁର, ସମ୍ବଲପୁର-କଲିକତା, ସମ୍ବଲପୁର, ରାୟପୁର ରାସ୍ତା ବିପଦଜନକ ହୋଇ ଉଠିଲା ।

ସରକାରୀ ସୈନ୍ୟ ଝାଡ଼ଘାଟି ଧ୍ୱଂସ କଲେ

୧୮୫୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ପ୍ରଥମାର୍ଦ୍ଧରେ କଟକରୁ ମେଜର ବେଟ୍ସ ସୈନ୍ୟସାମନ୍ତ ଧରି ସମ୍ବଲପୁରରେ ପହଞ୍ଚିବା ସାଙ୍ଗେ ସାଙ୍ଗେ ୭ ତାରିଖରେ ସମ୍ବଲପୁରରେ ଥିବା ସମସ୍ତ ସୈନ୍ୟବାହିନୀର କର୍ତ୍ତୃତ୍ୱ ଗ୍ରହଣ କଲେ । ସେତେବେଳକୁ ସମ୍ବଲପୁର ନିକଟସ୍ଥ ଝାଡ଼ଘାଟିଠାରେ ସୁରେନ୍ଦ୍ରଙ୍କ ଭାଇ ଉଦନ୍ତସାଏ ଯୁଦ୍ଧ ଆୟୋଜନ କରୁଥିଲେ । ଏହି ଖବର ପାଇବାମାତ୍ରେ ମେଜର ବେଟ୍ସ କାଳ ବିଳମ୍ବ ନ କରି ଉକ୍ତ ଘାଟିକୁ ଆକ୍ରମଣ କଲେ । ଉଦନ୍ତ ଯେଉଁ ଷ୍ଟୋକିଆ ଆଡ଼ ତିଆରି କରିଥିଲେ ତାକୁ ଧ୍ୱଂସ କରିଦେଲେ । ଉଦନ୍ତଦଳର ୪ଜଣଙ୍କୁ ମାରିଦେଲେ ଏବଂ କେତେକ ଯୁଦ୍ଧସରଞ୍ଜାମ ଓ ଗୋଳାବାରୁଦ ହାତ କରିନେଲେ । କିନ୍ତୁ ଉଦନ୍ତ ସେଠାରୁ ଖସି ପଳାଇଥିଲେ ।

ବେଟ୍ସଙ୍କ କୋଲାବିରା ଆକ୍ରମଣ

ମେଜର ବେଟ୍ସ ଝାଡ଼ଘାଟିଠାରୁ କୋଲାବିରା ଅଭିମୁଖରେ ଯାତ୍ରା କଲେ । ଏହି ସ୍ଥାନଟି ବିଦ୍ରୋହୀମାନଙ୍କର ପ୍ରଧାନ ଦୁର୍ଗ ଥିଲା । ଏହିଠାରେ ବହୁ ପ୍ରକାର ମନ୍ତ୍ରଣା ହୋଇ ବିଦ୍ରୋହର ଆନ୍ଦୋଳନ ସୂଚିତ ହେଉଥିଲା ।

କୋଲାବିରାର ଗୌନ୍ତିଆ ସୁରେନ୍ଦ୍ର ସାଏଙ୍କୁ ପ୍ରକାଶ୍ୟ ଭାବରେ ସାହାଯ୍ୟ କରୁଥିଲେ । ସେଠାର ଲୋକେ ମଧ୍ୟ ବିଦ୍ରୋହରେ ଯୋଗ ଦେଇଥିଲେ । ବେଟ୍ସ କୋଲାବିରା ଆକ୍ରମଣ କରି ଦୁର୍ଗ ସହିତ ଗ୍ରାମଟିକୁ ଧ୍ୱଂସ କରିଦେଲେ । ଏହା ପରେ କୋଲାବିରା ଗୌନ୍ତିଆ ଓ ଅନ୍ୟ ୧୩ (ତେର) ଜଣ ମୁଖିଆ ବିଦ୍ରୋହୀ ଆପେ ବେଟ୍ସଙ୍କ-ଠାରେ ଆତ୍ମସମର୍ପଣ କଲେ । କୋଲାବିରା ଗୌନ୍ତିଆ ଆତ୍ମସମର୍ପଣ କରିଯିବା ପରେ କୋଲାବିରାରେ ବିଦ୍ରୋହୀମାନଙ୍କ ଭିତରେ

ଟିକିଏ ହତାଶାଭାବ ଦେଖା ଦେଇଥିଲା । କିନ୍ତୁ ଗ୍ରାମର ଦୁର୍ଗ ଅପେକ୍ଷା ଦୁର୍ଭେଦ୍ୟ ବନଜଙ୍ଗଲ ଯୁଦ୍ଧପକ୍ଷରେ ସୁବିଧାଜନକ ଦେଖି ସେମାନେ ଏହି ବନଦୁର୍ଗକୁ ଆଶ୍ରୟ କରି ସରକାରଙ୍କୁ ବିବ୍ରତ କରିବାରେ ଲାଗିଲେ ।

କାପ୍ଟେନ ଲେଙ୍କ ଅଭିଯାନ

ସମ୍ବଲପୁରର ଆଖପାଖ ଜଙ୍ଗଲ ଅଞ୍ଚଳରେ ବିଦ୍ରୋହୀମାନେ ଘାଟି କରି ରହିଥିବାରୁ ସେମାନଙ୍କୁ ଧ୍ୱଂସ କରିବାପାଇଁ ସରକାରୀ ଉଦ୍ୟମ ଆରମ୍ଭ ହୋଇ ଯାଇଥିଲା । ବେଟ୍ସ ଝାଡ଼ଘାଟି ଓ କୋଲାବିରା ଆଡ଼େ ଦୃଷ୍ଟି ଦେଇଥିଲା ବେଳେ କାପ୍ଟେନ ଲେ ୧୮୫୮ ଜାନୁଆରୀ ୧୪ ତାରିଖରେ ସମ୍ବଲପୁର ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ଏକ ବିଦ୍ରୋହୀ ଘାଟି ଉପରେ ଆକ୍ରମଣ ଚଳାଇଲେ । ମାଡ୍ରାଜ ନେଟିଭ୍ ଇନଫାଣ୍ଟ୍ରିର ୧୦୦ ଜଣ ସୈନ୍ୟ ଓ ରାମଗଡ଼ ବାଟାଲିୟନର ୩୦ ଜଣ ସୈନ୍ୟଙ୍କୁ ସେ ସାଙ୍ଗରେ ନେଇ ଅଭିଯାନ ଆରମ୍ଭ କଲେ । ଜଙ୍ଗଲ ଭିତରେ ପଥରର ଗଡ଼କାନ୍ଥ ନିର୍ମାଣ କରି ବିଦ୍ରୋହୀମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ; ଦୂରରୁ ସରକାରୀ ସୈନ୍ୟବାହିନୀକୁ ଦେଖିଲେ । ସେମାନଙ୍କୁ ଜଙ୍ଗଲ ଭିତରେ ପୂରାଇ ଧ୍ୱଂସ କରିଦେବା ଉଦ୍ଦେଶ୍ୟରେ ବିଦ୍ରୋହୀମାନେ ପାହାଡ଼ ଉପରକୁ ଚାଲିଗଲେ । କାପ୍ଟେନ ଲେ ପାହାଡ଼ ତଳେ ପହଞ୍ଚି ବିଦ୍ରୋହୀମାନଙ୍କ ଗତିବିଧି ଲକ୍ଷ୍ୟ କଲେ । ସେ ବୁଝିପାରିଲେ ଯେ ଏହି ଘୋର ଜଙ୍ଗଲ ଭିତରେ ପଶି ପଥରକାନ୍ଥକୁ ଧ୍ୱଂସ କରି ବିଦ୍ରୋହୀମାନଙ୍କୁ ଆକ୍ରମଣ କରିବା ସହଜ ହେବ ନାହିଁ । ବିଶେଷତଃ ବିଦ୍ରୋହୀମାନଙ୍କ ସଂଖ୍ୟା ସେମାନଙ୍କ ଅପେକ୍ଷା ବେଶି ଥିଲା । ସେଥିଯୋଗୁଁ ଆକ୍ରମଣ ଆଶା ଛାଡ଼ି ସେ ଧୀରେ ଧୀରେ ପଛଘୁଞ୍ଚା ଦେଇ ସମ୍ବଲପୁର ଆଡ଼କୁ ଫେରିଯିବା ଉଦ୍ୟମ

କଲେ । ପାହାଡ଼ ଉପରୁ ବିଦ୍ରୋହୀମାନେ ଲୋକଙ୍କ ଏହି ଗତିକୁ ଲକ୍ଷ୍ୟ କରି ପ୍ରତିଆକ୍ରମଣ କରିବା ପାଇଁ ପାହାଡ଼ ତଳକୁ ମାଡ଼ି ଆସିଲେ । ସେମାନେ ଭାବିଲେ ଲେ ନିଜକୁ ବଞ୍ଚାଇ ରଖିବାକୁ ପଛଘୁଞ୍ଚା ଦେଉଛନ୍ତି । ଏତିକିବେଳେ ତାଙ୍କ ଉପରେ ଆକ୍ରମଣ ଚଳାଇଲେ ସେ ଧ୍ୱଂସ ପାଇଯିବେ । ବିଦ୍ରୋହୀମାନେ ପାହାଡ଼ ତଳକୁ ଖସି ଆସୁଥିବାର ଦେଖି ଲେ ତାଙ୍କ ସୈନ୍ୟମାନଙ୍କୁ ଏକତ୍ରିତ କରି ପ୍ରତିଆକ୍ରମଣର ପ୍ରତିରୋଧ କରିବାକୁ ସଜବାଜ ହେଲେ ଏବଂ ଜଙ୍ଗଲ ନିକଟରୁ ଘୁଞ୍ଚି ଆସି ଖୋଲା ମଇଦାନରେ ଠିଆ ହେଲେ । ବିଦ୍ରୋହୀମାନେ ତାଙ୍କୁ ଗୋଡ଼ାଇ ମଇଦାନରେ ଆକ୍ରମଣ କଲେ । ବିଦ୍ରୋହୀମାନଙ୍କର ସଂଖ୍ୟା ପ୍ରାୟ ୧୫୦୦ ଥିବା ସରକାରୀ ହିସାବରୁ ଜଣାଯାଏ । ଲେଙ୍କର ମୋଟେ ୧୩୦ ସୈନ୍ୟ ଥିଲେ । କିନ୍ତୁ ସେମାନଙ୍କ ହାତରେ ଭଲ ହାତହତିଆର ଥିବାରୁ ବିଦ୍ରୋହୀ-ମାନେ ସଂଖ୍ୟାରେ ପ୍ରାୟ ୧୨ ଗୁଣା ଥିଲେ ମଧ୍ୟ ବିଶେଷ କିଛି କରିପାରିଲେ ନାହିଁ । ପୁରୁଣା ଭଙ୍ଗା ଦେଶୀ ନଳୀ ଓ ଧନୁଶର ଧରି ବିଦ୍ରୋହୀମାନେ ବା କି ଯୁଦ୍ଧ କରିବେ ? ଲଢ଼େଇରେ ବିଦ୍ରୋହୀମାନଙ୍କ ଭିତରୁ ୪ ଜଣ ଓ ସରକାରୀ ପକ୍ଷର ଜଣେ ମଲେ । ବିଦ୍ରୋହୀମାନେ ଖୋଲା ମଇଦାନରେ ବେଶୀ ସମୟ ଯୁଦ୍ଧ କରିବାକୁ ଇଚ୍ଛା ନ କରି ସ୍ୱଶକ୍ତିର ଅପଚୟରୁ ରକ୍ଷା ପାଇବା ପାଇଁ ପୁଣି ଜଙ୍ଗଲ ଭିତରକୁ ଲେଉଟିଗଲେ । ଲେ ବିଦ୍ରୋହୀମାନଙ୍କ ଉପରେ ଆଉ ଆକ୍ରମଣ ନ କରି ସମ୍ବଲପୁରକୁ ଫେରି ଆସିଲେ । ବନଜଙ୍ଗଲ ଯୁଦ୍ଧରେ ବନଜଙ୍ଗଲ ସହିତ ସଂପୃକ୍ତ ଥିବା ଲୋକେ ଯେପରି କୃତିତ୍ୱ ଦେଖାଇ ପାରିବେ ଅନ୍ୟ ଲୋକେ ସେପରି କରିପାରିବେ ନାହିଁ । ବିଶେଷତଃ ଜଙ୍ଗଲ ଭିତରେ ଲୁଚି କେତେବେଳେ କି ରୂପରେ ବିଦ୍ରୋହୀମାନେ ମାଡ଼ି ଆସିବେ ତାହା କହିବା

କଷ୍ଟସାଧ୍ୟ । ସେହି ହେତୁ ସରକାର ପକ୍ଷ ଖୁବ୍ ସତର୍କତାର ସହିତ କାର୍ଯ୍ୟାନୁଷ୍ଠାନ କରୁଥିଲେ ।

ସମ୍ବଲପୁରରେ ଓଡ଼ିଶା କମିଶନର

ଓଡ଼ିଶାର କମିଶନର ଜି. ଏଫ୍., କକବର୍ଣ୍ଣ ସାହେବ ଜାନୁଆରୀ ତା ୨୦ ରିଖ ଦିନ ସମ୍ବଲପୁରରେ ପହଞ୍ଚିଲେ । ତାଙ୍କ ସାଙ୍ଗରେ ମେଜର ଉଇଣ୍ଡହାମ୍‌ଙ୍କ ନେତୃତ୍ୱରେ ୪ଥ ମାଡ୍ରାଜ ନେଟିଭ ଇନ୍‌ଫାଣ୍ଟ୍ରିର ଦଳେ ସୈନ୍ୟ ଯାଇଥିଲେ । ମାଡ୍ରାଜ ଗୋଲନ୍ଦାଜ ବାହିନୀର କାପ୍‌ଟେନ୍ ଏଲ୍‌ଉଇନ୍‌ଙ୍କ ନେତୃତ୍ୱରେ କେତୋଟି ତୋପ ମଧ୍ୟ ନିଆଯାଇଥିଲା । କକବର୍ଣ୍ଣ ସାହେବ ବହୁ କଷ୍ଟ ସହ୍ୟ କରି କଟକଠାରୁ ଅନୁଗୁଳ ବାଟେ ସମ୍ବଲପୁରରେ ପହଞ୍ଚିଲେ । ସ୍ଥାନେ ସ୍ଥାନେ ବିଦ୍ରୋହୀମାନେ ତାଙ୍କ ଶିବିର ଉପରେ ଆକ୍ରମଣ କରି ଜିନିଷପତ୍ର ନେଇ ପଳାଇଯିବାର ଉଦ୍ୟମ କରିଥିଲେ । ଗୋଟିଏ ଘାଟିରେ ଯେତେ ଖାଦ୍ୟଜିନିଷ ଥିଲା ସେସବୁ ବିଦ୍ରୋହୀମାନେ ଲୁଟ୍ କରି ନେଇ ଯାଇଥିଲେ । ବିଦ୍ରୋହୀମାନଙ୍କ ଡରରେ କମିଶନର ସାହେବ ସିଧା ବାଟରେ ନ ଯାଇ ବୁଲା ବାଟରେ ସମ୍ବଲପୁରରେ ପହଞ୍ଚିଥିଲେ । ସମୟ ସମୟରେ ସୈନ୍ୟ-ମାନଙ୍କ ପାଖରେ ଓଳିକର ଖାଦ୍ୟଜିନିଷ ମଧ୍ୟ ରହୁ ନ ଥିଲା । ଏତେ ଅସୁବିଧା ଭିତରେ ମଧ୍ୟ ମାଡ୍ରାଜ ସୈନିକମାନେ ବିନା ଆପତ୍ତିରେ ଠିକଣା ଜାଗାରେ ଯାଇ ପହଞ୍ଚିଥିଲେ । ବାଟରେ ଗଡ଼ଜାତର ରାଜାମାନେ ଦାମ ନେଇ ସୈନ୍ୟମାନଙ୍କୁ ରସିଦ ଯୋଗାଇବାପାଇଁ ସରକାରଙ୍କଠାରୁ ପରୁଆନା ପାଇଥିଲେ । ଏହି ପରୱାନା ବଳରେ ସମ୍ବଲପୁର ଯିବା ପର୍ଯ୍ୟନ୍ତ କମିଶନରଙ୍କ ଦଳ ବହୁ ସ୍ଥାନରେ ସୁବିଧାରେ ରସଦ ପାଇଥିଲେ ।

ସିଂଘୋଡ଼ା ଲଢ଼େଇ

ସମ୍ବଲପୁରର ପଶ୍ଚିମକୁ ପ୍ରାୟ ୬୦ ଷାଠିଏ ମାଇଲ ଦୂରରେ ସିଂଘୋଡ଼ା ଘାଟି । ରାୟପୁର ଯିବା ବାଟରେ ଏହି ଘାଟିଟି ଥିବାରୁ ବିଦ୍ରୋହୀମାନେ ଏଠାରେ ନାନାପ୍ରକାର ଅସୁବିଧା କରୁଥିଲେ । ଡାକ ଛଡ଼ାଇବା ଏବଂ ସରକାରୀ ପକ୍ଷର ମାଲପତ୍ର ଲୁଟି କରିବା ପ୍ରଭୃତି କାମ ଏମାନେ ସହଜରେ କରୁଥିଲେ । କାପ୍ତାନ ସେକ୍ସପିଅରଙ୍କୁ ସମ୍ବଲପୁରଠାରୁ ରାୟପୁର ଯିବାପାଇଁ ଜରୁରୀ ଆଦେଶ ହେବାରୁ ସେ ଦଳେ ସୈନ୍ୟ ଧରି ରାୟପୁର ଆଡ଼େ ଚାଲିଲେ । ସିଂଘୋଡ଼ା ଘାଟି ପାଖରେ ବିଦ୍ରୋହୀମାନଙ୍କ ସହିତ ସରକାରୀ ସୈନ୍ୟଙ୍କର ଲଢ଼େଇ ହେଲା । ନାଗପୁର ଅଶ୍ୱାରୋହୀ ଦଳର କେତେ ଜଣ ସୈନ୍ୟଙ୍କୁ ନେଇ ସେକ୍ସପିଅର ବିଦ୍ରୋହୀମାନଙ୍କୁ ଆକ୍ରମଣ କଲେ । ଘାଟିସ୍ଥଳରୁ ବିଦ୍ରୋହୀମାନେ ଏହାର ପ୍ରତିରୋଧ କଲେ । ଟାଣ ଲଢ଼େଇ ପରେ ବିଦ୍ରୋହୀଦଳର ୧୧ (ଏଗାର) ଜଣ ମଲେ, ୧୫ (ପନ୍ଦର) ଜଣ ଘାଏଲ ହେଲେ ଏବଂ ୬ (ଛଅ) ଜଣ ଧରା ପଡ଼ିଲେ । ସରକାରୀ ପକ୍ଷର କ କ୍ଷତି ହୋଇଥିଲା ତାର ପରିମାଣ ଜଣାଯାଇ ନାହିଁ । ସିଂଘୋଡ଼ା ଆକ୍ରମଣର ଫଳାଫଳ ଶେଷ ହେବା ପୂର୍ବରୁ ସେକ୍ସପିଅର ନାଗପୁର ଚାଲିଗଲେ । ତାଙ୍କ ସ୍ଥାନ ପୂରଣ କରିବା ପାଇଁ ସମ୍ବଲପୁରରୁ କାପ୍ଟେନ ଉଡ୍‌ବ୍ରିଜ୍ ଓ କାପ୍ଟେନ ଉଡ୍ ଦଳେ ମାନ୍ଦ୍ରାଜୀ ସୈନ୍ୟଙ୍କୁ ଧରି ସିଂଘୋଡ଼ା ଆଡ଼େ ଯାତ୍ରା କଲେ ।

ପାହାଡ଼ ସିରିଗିରିଆ ଲଢ଼େଇ

କାପ୍ଟେନ୍ ଉଡ୍ ଓ କାପ୍ଟେନ୍ ଉଡ୍‌ବ୍ରିଜ୍ ସମ୍ବଲପୁରଠାରୁ ପ୍ରାୟ ୨୦ (କୋଡ଼ିଏ) ମାଇଲ ଦୂରରେ ଥିବା ବରପାହାଡ଼

ପର୍ବତମାଳାର ପାଦଦେଶରେ ଥିବା ପାହାଡ଼ ସିରିଗିରିଆ ନାମକ ସ୍ଥାନଠାରେ ପହଞ୍ଚିଲେ । ସେଠାରେ ବିଦ୍ରୋହୀମାନେ ଆଡ୍ଡା ଜମାଇଥିବାରୁ ତାକୁ ଧ୍ୱଂସ କରିବାପାଇଁ ଫେବୃୟାରୀ ୧୨ ତାରିଖ ଦିନ କାପ୍ଟେନ୍ ଉଡ୍‌ବ୍ରିଜ୍ ବିଦ୍ରୋହୀମାନଙ୍କ ଉପରେ ହଠାତ୍ ଆକ୍ରମଣ କଲେ । ଉଭୟ ପକ୍ଷରୁ ଜୋରରେ ଲଢ଼େଇ ଚାଲିଲା । କାପ୍ଟେନଙ୍କ ସହ ତାଙ୍କ ନିକଟରେ ଥିବା ଦୁଇଜଣ ମାନ୍ଦ୍ରାଜୀ ସିପାହୀ ଏହି ଲଢ଼େଇରେ ସେଠାରେ ପ୍ରାଣ ହରାଇଲେ । କାପ୍ଟେନଙ୍କ ମୃତ୍ୟୁପରେ ସରକାରୀ ସିପାହୀମାନଙ୍କ ଭିତରେ ଭୟ ସଞ୍ଚାର ହୋଇଥିଲା । କଏ କୁଆଡ଼େ ଛିନ୍ନଛତ୍ର ହୋଇ ପଳେଇଲେ । କାପ୍ଟେନଙ୍କ ମୃତଦେହ ଯୁଦ୍ଧଭୂମିରେ ପଡ଼ିରହିଲା । ରାମଗଡ଼ ବାଟାଲିଅନ୍‌ର ସିପାହୀ ମଥୁରାପାଣ୍ଡେ ଓ ମାଇତବ୍ ଖାଁ କାପ୍ଟେନଙ୍କ ଶବକୁ ନେଇ ଆସିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ବିଦ୍ରୋହୀମାନେ ସେ ଦୁହିଁଙ୍କ ଉପରେ ଆକ୍ରମଣ କରି ଅସ୍ତବ୍ୟସ୍ତ କରି ପକେଇଲେ । ସେମାନେ ଏଥିରେ ଆଘାତ ମଧ୍ୟ ପାଇଲେ । ଶେଷରେ ନିରୁପାୟ ହୋଇ ଫେରି ଆସିଲେ । କାପଟେନଙ୍କ ଶବ ସେଠାରେ ପଡ଼ିରହିଲା । ସମ୍ବଲପୁରରେ ଏ ଖବର ପହଞ୍ଚିବା ମାତ୍ରେ କମିଶନର କକ୍‌କର୍ଣ୍ଣ ସାହେବ ବିଚଳିତ ହୋଇ ପଡ଼ିଲେ । ସାଙ୍ଗେ ସାଙ୍ଗେ କାପ୍ଟେନ ଲେଙ୍କ ଅଧିନାୟକତ୍ୱରେ ଦଳେ ଟାଣୁଆ ସୈନ୍ୟଙ୍କୁ ପାହାଡ଼ ଶିରଗିରିଆକୁ ପଠାଇଲେ । ସେଠାରେ ଅତି ଭୀଷଣ ଲଢ଼େଇ ହେଲା ।

ବିଦ୍ରୋହୀମାନେ ନିବିଡ଼ ଜଙ୍ଗଲ ଭିତରେ ଦୁଇଟି ପାହାଡ଼ ମଧ୍ୟରେ ଥିବା ଖୋଲରେ ଛାଉଣି କରି ରହିଥିଲେ । ଖୋଲ ମୁହଁରେ ୭ (ସାତ) ଫୁଟ ଉଚ୍ଚର ଗୋଟିଏ ଟାଣୁଆ ପଥର କାନ୍ଥ ଗଢ଼ିଥିଲେ । କାନ୍ଥର ଲମ୍ବ ପ୍ରାୟ ୩୦ (ତିରିଶ) ଫୁଟ ହେବ ।

ଦକ୍ଷିଣ ଆଡ଼କୁ ପାହାଡ଼ ଉପରେ ଆଉ ଗୋଟିଏ ପଥର କାନ୍ଥ କରିଥିଲେ । ଏଠାରୁ ତଳ କାନ୍ଥ ପାଖର ଘଟଣା ସବୁ ଦେଖାଯାଉଥିଲା । ପାହାଡ଼ଶିଖର ଠିକ ଉପରେ ପୁଣି ଏକ କାନ୍ଥ ଗଢ଼ିଥିଲେ । ତଳର ଦ୍ୱାରକାନ୍ଥ ଆଗରେ ଥିବା ଜଙ୍ଗଲକୁ କାଟି ପରିଷ୍କାର ସଡ଼କଟିଏ କରିଥିଲେ । ଯଦି ବିପକ୍ଷ ଦଳର ସୈନ୍ୟମାନେ ସେ ବାଟରେ ଆସନ୍ତି, ତାହାହେଲେ ସେମାନଙ୍କୁ ଉପରୁ ସୁନ୍ଦର ଭାବରେ ଦେଖି ହେବ ଏବଂ ଅକ୍ଳେଶରେ ଗୁଳି ବର୍ଷଣ କରି ଧ୍ୱଂସ କରିହେବ । ଶତ୍ରୁ ପକ୍ଷକୁ ଗଛ ଆଡ଼ୁଆଳରେ ରହିବା ସୁବିଧା ସେଠାରେ ମିଳିବା ସମ୍ଭବ ନ ଥିଲା ।

ଓ୍ୱାରଲେ ନାମକ ଜଣେ ସୈନିକ ହାକିମ ଫେବୃୟାରି ୧୪ ତାରିଖ ଦିନ ଏହି ଘାଟି ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନଙ୍କ କୌଶଳକୁ ପଣ୍ଡ କରିଦେବା ପାଇଁ ସାହେବ ଏକ ଫନ୍ଦି ଉଦ୍ଭାବନ କଲେ । ନିଜ ସୈନ୍ୟମାନଙ୍କୁ ତିନି ଦଳରେ ବିଭକ୍ତ କରିଦେଲେ । ଦଳେ ବାମ ପଟରେ, ଦଳେ ଡାହାଣ ପଟରେ, ଦଳେ ସାମନା ପଟରେ ରହି ପାହାଡ଼ ଉପରକୁ ଉଠିଲେ । ଦୁଇ କଡ଼ର ଦୁଇ ଦଳ ପାହାଡ଼ ଚଢ଼ିବା ସମୟ ଭିତରେ ସାମନା ଦଳ ବିଦ୍ରୋହୀମାନଙ୍କୁ ଯୁଦ୍ଧରେ ଲିପ୍ତ ରଖିବା ଯୁଦ୍ଧ ଚାଲୁଥିଲା ବେଳେ ପାହାଡ଼ ଉପରୁ ଏହି ଦୁଇ ଦଳ ମାଡ଼ି ଆସି ଶତ୍ରୁକୁ ଆକ୍ରମଣ କରିବା ସ୍ଥିର ହେଲା ।

ବିଦ୍ରୋହୀମାନେ ସରକାରୀ ସୈନ୍ୟବାହିନୀର ଗତିବିଧି ପାହାଡ଼ ଉପରୁ ଲକ୍ଷ୍ୟ କରୁଥିଲେ । ସୈନ୍ୟଚାଳନାର କୌଶଳଟିକୁ ବିଦ୍ରୋହୀମାନେ ବୁଝିପାରି ନିଜବଳକୁ କଳିନେଲେ । ସେଠାରେ ରହିଲେ ବୃଥା କ୍ଷୟ ଛଡ଼ା ଅନ୍ୟ ଲାଭ ନାହିଁ ବୋଲି ଜାଣିପାରି ବିଦ୍ରୋହୀମାନେ ଲଢ଼େଇ ନ କରି ଘାଟି ଛାଡ଼ି ପଳେଇଲେ

ସେମାନଙ୍କର ବନ୍ଧୁକ ଜିନିଷପତ୍ର, ଗୋଲାବାରୁଦ ସରକାରୀ ସୈନ୍ୟବାହିନୀ ହାତରେ ପଡ଼ିଲା । କାପ୍ଟେନ୍ ଉଡ଼୍ ବ୍ରିଜ୍‌ଙ୍କ ଶବକୁ ସରକାରୀ ସୈନ୍ୟମାନେ ଉଦ୍ଧାର କରିନେଲେ ।

୧୮୫୮ ଫେବୃଆରୀ ଆରମ୍ଭ ବେଳକୁ ଅବସ୍ଥା

୧୮୫୮ ଆରମ୍ଭ ବେଳକୁ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ମୁଖିଆ ମୁଖିଆ ଲୋକେ ସୁରେନ୍ଦ୍ରଙ୍କୁ ପ୍ରକାଶ୍ୟଭାବରେ ସାହାଯ୍ୟ କରିବା ପାଇଁ ବାହାରିଲେଣି । ଭେଡ଼ନର ଜମିଦାର ବିଦ୍ରୋହରେ ଯୋଗ ଦେଲେଣି । ଘେସର ଜମିଦାର ହାଥି ସିଂହ ସୁରେନ୍ଦ୍ରଙ୍କୁ ସବୁ ପ୍ରକାର ସାହାଯ୍ୟ କରୁଥିଲେ । ନିଜେ ସେମାନେ ବିଦ୍ରୋହରେ ନେତୃତ୍ୱ ନେଇ ସରକାରୀ ପକ୍ଷକୁ ହଇରାଣ କରୁଥିଲେ । ଲକ୍ଷଣପୁରର ଜମିଦାର କମଳ ସିଂହ ଦାଓ ଓ ତାଙ୍କ ଭାଇ ଗଣେଶ୍ୱର ଦାଓ ସୁରେନ୍ଦ୍ରଙ୍କ ପ୍ରଧାନ ସହକର୍ମୀ ଭିତରେ ଗଣ୍ୟ ହେଉଥିଲେ । ଖରସାଲର ଜମିଦାର ପୂର୍ଣ୍ଣପ୍ରାଣରେ ବିଦ୍ରୋହରେ ଲିପ୍ତ ଥିଲେ । କୋଲାବିରାର ଜମିଦାର ବିଦ୍ରୋହର ସ୍ତମ୍ଭ ସ୍ୱରୂପ ଥିଲେ । ଲୋଇସିଙ୍ଗା ଜମିଦାରୀର ଲୋକେ ଜମିଦାରଙ୍କ ନେତୃତ୍ୱରେ ସରକାରଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ଲଢ଼େଇରେ ଯୋଗ ଦେଉଥିଲେ । (ଏହି ଜମିଦାରବଂଶର ମଧୁ ଗଉନ୍ତିଆ ରେଢ଼ାଖୋଲ ଜଙ୍ଗଲ ଭିତରେ ଡାକ୍ତର ମୁରଙ୍କୁ ହତ୍ୟା କରିଥିଲେ ବୋଲି ସରକାର ଅଭିଯୋଗ କରିଥିଲେ) ଗଡ଼ଜାତ ରାଜାମାନଙ୍କ ଭିତରେ ସମ୍ବଲପୁର ଜିଲ୍ଲାର ପୂର୍ବଦିଗରେ ଥିବା ଗଡ଼ଜାତର ରାଜାମାନେ ସୁରେନ୍ଦ୍ରଙ୍କୁ ପ୍ରାୟ ନିରପେକ୍ଷ ରହି ବିଶେଷ କିଛି ସାହାଯ୍ୟ କରିନାହାନ୍ତି । ପଶ୍ଚିମ ଅଞ୍ଚଳର ରାଜାମାନେ ଊଣା ଅଧିକେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ । ସମ୍ବଲପୁର ରାୟପୁର ମଧ୍ୟସ୍ଥ ଗଡ଼ଜାତର ରାଜାମାନେ ବିଦ୍ରୋହୀମାନଙ୍କୁ ଆଶ୍ରୟ ଦେଉଥିଲେ ।

ବଡ଼ ପାହାଡ଼ ଆକ୍ରମଣ

ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ସରକାର ତରଫରୁ ଅତି ଚତୁର ବ୍ୟବସ୍ଥା ଅବଲମ୍ବନ କରାଗଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବିଭିନ୍ନ ସେନାନାୟକମାନଙ୍କ ଅଧୀନରେ ଦଳେ ଦଳେ ସୈନ୍ୟ ପଠାଗଲା । ଯେ କୌଣସି ପ୍ରକାରେ ବିଦ୍ରୋହୀମାନଙ୍କୁ ପରାଜୟ କରି ତାଙ୍କୁ ଧରି ଆଣିବା ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘାଟୀ ପ୍ରସ୍ତୁତ କରି ସୈନ୍ୟ ମୁତୟନ କରାଗଲା । ବିଦ୍ରୋହୀମାନେ ବଣ ଜଙ୍ଗଲରେ ଲୁଚି ରହି ଯୁଦ୍ଧ କରୁଥିବାରୁ ସରକାରୀ ସୈନ୍ୟଦଳ ସେମାନଙ୍କ ବିରୁଦ୍ଧରେ ଅଭିଯାନ କଲାବେଳକୁ ବହୁତ ଅସୁବିଧା ଭୋଗ କରିବାକୁ ହେଉଥିଲା । ବିଦ୍ରୋହୀମାନେ ବଣ ଜଙ୍ଗଲରେ ଆଶ୍ରୟ ନେଇ ସରକାରୀ ପକ୍ଷ ଉପରେ ଆକ୍ରମଣ କରି ବହୁତ କ୍ଷତି କରୁଥିଲେ । ବଡ଼ ପାହାଡ଼ ଅଞ୍ଚଳ ବିଦ୍ରୋହୀମାନଙ୍କର ଏକ ପ୍ରଧାନ ଆଡ୍ଡା ଥିଲା ।

ଫେବୃଆରୀ ମାସରେ କାପ୍‌ଟେନ ନିକୋଲ୍‌ସ ଦଳେ ମାନ୍ଦ୍ରାଜୀ ସୈନ୍ୟଙ୍କୁ ଧରି ବଡ଼ ପାହାଡ଼ ଭିତରେ ପଶି ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନେ ଦଳ ଦଳ ହୋଇ ପାହାଡ଼ ଜଙ୍ଗଲ ଭିତରେ ଲୁଚି ରହି ଅତର୍କିତଭାବରେ ଟପ୍ ଉପରକୁ ବନ୍ଧୁକ ଛୁଡ଼ୁଥିଲେ । ସମତଳ ଭୂମିରୁ ଉଠାଣି ଉପରକୁ ଗଲାବେଳକୁ ସରକାରୀ ସୈନ୍ୟ ବିଦ୍ରୋହୀମାନଙ୍କ ଗୁଳି ବନ୍ଧୁକରେ ଧନଅଣ୍ଡ ଆକ୍ରମଣରେ ସମ୍ପୂର୍ଣ୍ଣହୀନ ହେଉଥିଲେ । ବଡ଼ ପାହାଡ଼ ଜଙ୍ଗଲ ଅଞ୍ଚଳରେ କେତୁଦିନ ଯୁଦ୍ଧ ଲାଗିବା ପରେ ବିଦ୍ରୋହୀମାନେ ପଛକୁ ହଟି ଯାଇଥିଲେ । ସେମାନଙ୍କର ବହୁତ ଜିନିଷପତ୍ର, ଗୋଳା ବାରୁଦ ସରକାରୀ ପକ୍ଷଙ୍କ ହାତରେ ପଡ଼ିଥିଲା ।

ବାମଣ୍ଡା ଅଭିଯାନ

ବଡ଼ପାହାଡ଼ରୁ ବିଦ୍ରୋହୀମାନଙ୍କୁ ତଡ଼ିବା ପରେ ସରକାରୀ ପକ୍ଷଙ୍କ ମନରେ ଟିକିଏ ସାହସ ଜନ୍ମିଲା । ସେମାନେ ସମ୍ବଲପୁର ଜିଲ୍ଲା ଓ ଆଖପାଖର ଗଡ଼ଜାତ ଭିତରେ ବିଦ୍ରୋହୀମାନଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଦୃଢ଼ ବ୍ୟବସ୍ଥା ଅବଲମ୍ବନ କଲେ । ବାମଣ୍ଡାର ଶ୍ରୀକୃଷ୍ଣ ବେହେରା ବିଦ୍ରୋହୀମାନଙ୍କର ନେତୃତ୍ୱ ନେଇଥିଲେ । ରାଜା ତାଙ୍କୁ ଭିତରେ ସାହାଯ୍ୟ କରୁଛନ୍ତି ବୋଲି ସରକାରୀ ହାକିମମାନେ ଖବର ପାଇଲେ । କମିଶନର ସାହେବ ରାଜାଙ୍କ ପାଖକୁ ଚିଠି ଲେଖି ଜଣାଇ ଦେଲେ ଯେ ରାଜା ଯଦି ବିଦ୍ରୋହୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ କରନ୍ତି ତାହାହେଲେ ଅନୁଗୋଳ ରାଜାଙ୍କ ଅବସ୍ଥା ଭଳି ତାଙ୍କ ଅବସ୍ଥା ହେବ । ପ୍ରାୟ ଆଠ ନଅ ବର୍ଷ ତଳେ ଅନୁଗୁଳ ରାଜା ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠିଆ ହେବାରୁ ତାଙ୍କ ଗଡ଼କୁ ଧ୍ୱଂସ କରି ତାଙ୍କୁ ଧରିନେଇ ବନ୍ଦୀ କରି ତାଙ୍କ ରାଜ୍ୟକୁ ଖାସ କରିଦେଇଥିଲେ । ଅତି ଅଳ୍ପ ସମୟ ପୂର୍ବରୁ ଏହି ଘଟଣା ଘଟିଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ଧମକବାଣୀ ଶୁଣିବା ପରେ ବାମଣ୍ଡା ରାଜା ଡରିଗଲେ । ସରକାରୀ ଉପାଧି ଓ ପ୍ରଶଂସାପତ୍ର ଲାଭର ଲୋଭ ମଧ୍ୟ ତାଙ୍କୁ ଦେଖା ହୋଇଥିଲା । ରାଜା କେବଳ ସୁବିଧା ଅପେକ୍ଷାରେ ବସିଥିଲେ । ଯଦି ସୁରେନ୍ଦ୍ରଙ୍କ ବଳ ବେଶୀ ହୋଇଯାଏ ତାହା-ହେଲେ ତାଙ୍କ ସହିତ ଯୋଗ ନ ଦେଲେ ଭବିଷ୍ୟତରେ ବିପଦ ଆଶଙ୍କା କରିବା ସ୍ୱାଭାବିକ । ଯଦି ସୁରେନ୍ଦ୍ର ହାରି ଯାଆନ୍ତି ତାହାହେଲେ ତାଙ୍କର (ରାଜାଙ୍କର) ଅସ୍ତିତ୍ୱ ସରକାର ସ୍ୱୀକାର କରିବେ କି ନାହିଁ ତାହା ମଧ୍ୟ ତାଙ୍କୁ ଚିନ୍ତା କରିବାକୁ ପଡ଼ୁଥିଲା । ଦୁ'ନାଆରେ ଗୋଡ଼ ଦେବା ଅବସ୍ଥା ତାଙ୍କର ଉପସ୍ଥିତ

ହୋଇଥିଲା । ସେ ସରକାରଙ୍କୁ ପ୍ରତିଶ୍ରୁତି ଦେଲେ ଯେ ଶ୍ରୀକୃଷ୍ଣ ଓ ତାଙ୍କ ଦଳକୁ ସେ ଧରାଇ ଦେବେ । ଯଦି ସରକାରୀ ସୈନ୍ୟ ବାମଣ୍ଡାକୁ ଆସନ୍ତି ତାହାହେଲେ ରାଜା ପୁରାପୁରି ସରକାରଙ୍କୁ ସାହାଯ୍ୟ କରି ବିଦ୍ରୋହ ଦମନରେ ଅଂଶ ଗ୍ରହଣ କରିବେ ବୋଲି ସରକାରଙ୍କୁ ଜଣାଇଲେ । ମେଜର ଇଣ୍ଡ୍‌ହାମ୍ ସାହେବ ଦଳେ ସୈନ୍ୟ ଧରି ବାମଣ୍ଡା ଭିତରେ ପଶି ବିଦ୍ରୋହୀମାନଙ୍କ ଘାଟିସ୍ଥାନ-ଗୁଡ଼ିକୁ ଆକ୍ରମଣ କଲେ । ବହୁତ ଗାଁଗଣ୍ଡା ପୋଡ଼ିଦେଇ ଧ୍ୱଂସ କରିଦେଲେ । ବିଦ୍ରୋହୀ ପ୍ରଜାମାନଙ୍କ ଭିତରୁ କେତେଜଣ ପ୍ରାଣ ହରାଇଲେ । କଲିକତା-ବୋମ୍ବେ ଡାକ ରାସ୍ତାକୁ ବିଦ୍ରୋହୀମାନେ ବନ୍ଦ କରିଦେବାରେ ଆଗରୁ ସମର୍ଥ ହୋଇଥିଲେ । ମେଜର ଇଣ୍ଡ୍‌ହାମ୍ ସେହି ରାସ୍ତାକୁ ନିରାପଦ କରିଦେଇ ଡାକ ଚଳୁର ବ୍ୟବସ୍ଥା କଲେ । ବିଦ୍ରୋହୀମାନଙ୍କ ଭିତରୁ କେତେ ଜଣ ମୁଖିଆ ଲୋକ ଧରା ପଡ଼ିଲେ । ପରେ ବିଚାର ହୋଇ ଏମାନଙ୍କ ଭିତରୁ କେତେଜଣ ଫାସି ଦଣ୍ଡ ପାଇଲେ ।

ବାମଣ୍ଡା ଅଭିଯାନରେ ରୂପ୍ ସିଂ ନାମକ ଜଣେ ସରକାରୀ ଡେପୁଟି ହାକିମ ସରକାରଙ୍କ ପକ୍ଷରୁ ଖୁବ୍ ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ । ପରେ ତାଙ୍କୁ ସରକାର ଉପାଧି ଓ ଜାଗିର ଦେଇଥିଲେ । ବାମଣ୍ଡାର ରାଜା ମଧ୍ୟ ତାଙ୍କୁ କେତେଖଣ୍ଡ ଗ୍ରାମ ଜାଗିର ଦେଇଥିଲେ । ଏହି ଘଟଣାର କେତେବର୍ଷ (ତିନି ଚାରି ବର୍ଷ) ପରେ ସରକାର ଖବର ପାଇଲେ ଯେ ରୂପ ସିଂ ବାମଣ୍ଡା ରାଜାଙ୍କ ଠାରୁ ଘୁସ୍ ସ୍ୱରୂପ ଏହି ଗ୍ରାମଗୁଡ଼ିକ ଜାଗିର ପାଇଛନ୍ତି । ବିଦ୍ରୋହୀମାନଙ୍କ ସହିତ ବାମଣ୍ଡା ରାଜା ବିଦ୍ରୋହରେ ଲିପ୍ତ ଥିବା କଥାକୁ ଘୋଡ଼ାଇ ରଖିବା ପାଇଁ ରାଜା କୁଆଡ଼େ ଡେପୁଟି ସାହେବଙ୍କୁ ଏହି ଲାଞ୍ଚ ଦେଇଥିଲେ । ସରକାରଙ୍କ ତରଫରୁ

ଏହାର ଅନୁସନ୍ଧାନ ମଧ୍ୟ ହୋଇଥିଲା । ରୂପ ସିଂଙ୍କଠାରୁ କୈଫିୟତ୍ ମଧ୍ୟ ତଲବ ହୋଇଥିଲା । ରାଜା ମଧ୍ୟ ଏହି ବିଷୟରେ ସରକାରଙ୍କୁ ଏହି ଜାଗିର ଦେବାର କାରଣ ଜଣାଇଥିଲେ ।

ବିଭିନ୍ନ ଅଞ୍ଚଳରେ ଅଭିଯାନ

କାପ୍ତେନ ନୁକର ଓ ଲେଫ୍‌ଟେନାଣ୍ଟ ରବିନସନଙ୍କ ମାଡ୍ରାଜୀ ସୈନ୍ୟଦଳ ବହୁ ସ୍ଥାନରେ ବିଦ୍ରୋହୀମାନଙ୍କୁ ପରାସ୍ତ କରିଥିଲେ ।

ବର୍ତ୍ତମାନ ସରକାରଙ୍କ ଦମନ ବ୍ୟବସ୍ଥା ଟିକିଏ କଠୋର ଆକାର ଧାରଣ କଲା । ଗାଁ ଗଣ୍ଡା ପୋଡ଼ି ଧ୍ୱଂସ କରିବାରେ ସୈନ୍ୟମାନେ ପଛେଇଲେ ନାହିଁ । ଯାହାକୁ ପାଇଲେ ତାକୁ ଗୁଳିକରି ମାରିଲେ । ଗାଁ ଗଣ୍ଡାରେ ରାସ୍ତା ଘାଟରେ ଯାହାକୁ ବିଦ୍ରୋହୀ ବୋଲି ସନ୍ଦେହ କଲେ ତାକୁ ମାରିଲେ । କେତେକ ସ୍ଥାନରେ ରାସ୍ତାକଡ଼ ଗଛ ଉପରେ ଶବକୁ ଟାଙ୍ଗିଦେଇ ମଧ୍ୟ ଆସିଥିଲେ ।

ଏ ଭିତରେ ଜିଲ୍ଲାର ସେନାଧ୍ୟକ୍ଷ ମେଜର ବେଟ୍‌ସଙ୍କ ମୃତ୍ୟୁ ହୋଇଯିବାରୁ ସରକାରୀ କଳରେ ଟିକିଏ ଅଦଳ ବଦଳ ହେଲା । ବେଟ୍‌ସଙ୍କ ସ୍ଥାନରେ ମେଜର ଇଣ୍ଡ୍ରହାମ୍ ନିଯୁକ୍ତ ହେଲେ ଏବଂ ଇଣ୍ଡ୍ରହାମ୍‌ଙ୍କ ସ୍ଥାନରେ ୪୦ ମାଡ୍ରାଜୀ ସୈନ୍ୟ ଦଳର ଅଧ୍ୟକ୍ଷ ମେଜର ଟାଇଲର ନିଯୁକ୍ତ ହେଲେ ।

ସମ୍ବଲପୁର, ଘୁମୁସର, ବୌଦ ଓ ଅନ୍ୟାନ୍ୟ ନିକଟସ୍ଥ ଗଡ଼ଜାତମାନଙ୍କରୁ ପାଇକ ସଂଗ୍ରହ କରି ସମ୍ବଲପୁରଠାରେ ଏକତ୍ର କରାଗଲା । ସେମାନଙ୍କୁ ସରକାରୀ ଖଜଣାଖାନା ଜଗିବା, ସାଧାରଣ ପୋଲିସ କାମ କରିବା, ରାସ୍ତା ଜଗିବା ପ୍ରଭୃତି କାମରେ ଲଗେଇ ଦିଆଗଲା । ଯେଉଁ ସୈନିକମାନେ ଏହି ସବୁ କାମରେ

ଲାଗିଯାଇ ଥିବାରୁ ଯୁଦ୍ଧପାଇଁ ବାହାରିପାରୁ ନ ଥିଲେ ସେମାନେ ପାଇକମାନେ ଆସିଯିବା ପରେ ଅଭିଯାନ କାର୍ଯ୍ୟ କ୍ରମନ୍ତେ ମୁକ୍ତ ହେଲେ ।

ଡାଏର୍‌ସାହେବ ଦଳେ ପାଇକ ସୈନ୍ୟଙ୍କୁ ଧରି ବିଦ୍ରୋହୀମାନଙ୍କ ଜାଗା ଭିତରେ ପଶିବାକୁ ଆରମ୍ଭ କଲେ । ସେ କେତେକ ଗାଁ ପୋଡ଼ି ଧ୍ୱଂସ କରି କେତେ ବିଦ୍ରୋହୀଙ୍କୁ ଧରିଲେ ।

ଦେଓଗାଁ ନିକଟରେ ନଗ ଘାଟିକୁ ବିଦ୍ରୋହୀମାନେ ଦଖଲ କରି ଯାଇଥିଲେ । ଡାକ ଓ ଲୋକ ଯିବା ଆସିବା ଏ ବାଟରେ ପ୍ରାୟ ବନ୍ଦ ହୋଇ ଯାଇଥିଲା । ଦଳେ ସୈନ୍ୟ ଦେଓଗାଁ ଆକ୍ରମଣ କରି ବିଦ୍ରୋହୀମାନଙ୍କ ଠାରୁ ଘାଟିକୁ ନିରାପଦ କରି ଦେଲେ ।

ରାମଗଡ଼ ବାଟାଲିଆନ୍‌ର ଜମାଦାର ହରନାଥ ସିଂ ଏହି ବିଦ୍ରୋହ ଦମନରେ ବହୁତ ଉତ୍ସାହ ଦେଖାଇଥିଲେ । ଦେଶୀ ପାଇକ ଓ ସୈନିକଙ୍କୁ ପୁରାପୁରି କାମରେ ଲଗେଇ ନିଜେ ଖୁବ୍ ଉତ୍ସାହରେ କାମ କରିଥିଲେ । ସରକାର ସେଥିରେ ସନ୍ତୁଷ୍ଟ ହୋଇ ତାଙ୍କୁ ପୁରସ୍କାର ମଧ୍ୟ ଦେଇଥିଲେ ।

ଫେବ୍ରୁଆରି (୧୮୫୮) ମାସ ଶେଷ ଆଡ଼କୁ ସମ୍ବଲପୁରର ଅବସ୍ଥା ଟିକିଏ ଶାନ୍ତ ପଡ଼ିଥିବାର ଅନୁମାନ ହୁଏ । ସରକାରୀ ସୈନ୍ୟମାନେ ବିଭିନ୍ନ ସ୍ଥାନରେ ବିଦ୍ରୋହୀମାନଙ୍କୁ ଆକ୍ରମଣ କରି ଜବତ କରିଥିବା ଖବର ସରକାରୀ ହାକିମମାନଙ୍କ ପାଖରେ ପହଞ୍ଚୁଥିଲା । ଓଡ଼ିଶା କମିଶନର ମିଃ କକ୍‌ବର୍ନ ନିଜେ ସମ୍ବଲପୁରରେ ରହି ସବୁ ପ୍ରକାର ବ୍ୟବସ୍ଥା କରୁଥିଲେ । ଗଡ଼ଜାତ ଅଞ୍ଚଳରୁ ପାଇକ ସଂଗ୍ରହ କରିବା, ରାଜାମାନଙ୍କୁ ତାକିଦ କରିବା, ଉପରିସ୍ଥ ହାକିମମାନଙ୍କ ସହିତ ଯଥାସମୟରେ ପତ୍ରବିନିମୟ କରିବା ପ୍ରଭୃତି ବିଷୟରେ କମିଶନର ବଡ଼ ତତ୍ପର ଥିବାରୁ ବିଦ୍ରୋହଦମନ କାର୍ଯ୍ୟ ଶୃଙ୍ଖଳିତ ଭାବରେ ଚାଲିଲା ।

କିନ୍ତୁ ବିଦ୍ରୋହର ମୁଖିଆମାନଙ୍କ ଭିତରୁ ଅନେକେ ୧୮୫୮ ଫେବୃଆରି ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲା ଓ ନିକଟ ଗଡ଼ଜାତ ଅଞ୍ଚଳରେ ନିଜର ସଂଗଠନକୁ ଦୃଢ଼ କରିବାରେ ଲାଗିଥିଲେ ।

(୯) ବିଦ୍ରୋହ ଦମନ ବ୍ୟବସ୍ଥା

କମିଶନର-କକବର୍ଣ୍ଣଙ୍କ ରାଜ୍ୟରକ୍ଷା ବ୍ୟବସ୍ଥା ଓ ସିପାହୀଙ୍କ ସ୍ୱାସ୍ଥ୍ୟ

କମିଶନର କକବର୍ଣ୍ଣ ସାହେବ ସମ୍ବଲପୁରରେ ରହି ବିଦ୍ରୋହ ଦମନର ଯେଉଁ ବ୍ୟବସ୍ଥା ଅବଲମ୍ବନ କରିଥିଲେ, ସେଥିରେ ତାଙ୍କର କର୍ମକୁଶଳତାର ପରିଚୟ ହିଁ ମିଳେ । ରାୟପୁର, କଟକ ଓ ବ୍ରହ୍ମପୁର ଆଡ଼ୁ ଯେଉଁ ସୈନ୍ୟ ସମ୍ବଲପୁରକୁ ଆସୁଥିଲେ, ସେମାନେ ବଣ ଜଙ୍ଗଲ ବାଟରେ ସହଜରେ ଆସିପାରୁ ନ ଥିଲେ । ପନ୍ଦର କୋଡ଼ିଏ ଦିନ ଲେଖାଏ ବାଟରେ ରହିବାକୁ ପଡୁଥିଲା । ବାଟରେ ଶହ ଶହ ଲୋକଙ୍କ ରହିବା ସ୍ଥାନ ଯଥେଷ୍ଟ ନ ଥିବାରୁ ସୈନିକମାନେ ଖୋଲା ଜାଗାରେ ଆଶ୍ରୟ ନେଉଥିଲେ । ଏହାଦ୍ୱାରା ବହୁ ଲୋକ ବେମାର ପଡ଼ୁଯାଉଥିଲେ । ଏକେତ ବଣ ଜଙ୍ଗଲ ପାହାଡ଼ ଜାଗା; ସେଥିରେ ପୁଣି ଖୋଲା ଜାଗାରେ ଶୋଇବାକୁ ହେଉଥିବାରୁ ସୈନିକମାନଙ୍କର ସ୍ୱାସ୍ଥ୍ୟ ଏକାବେଳକେ ନଷ୍ଟ ହୋଇ ଯାଉଥିଲା । ଚିକିତ୍ସାର ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନ ଥିଲା କହିଲେ ଚଳେ । ବଟୁଆଧାରୀ କବିରାଜମାନଙ୍କ ସାହାଯ୍ୟ ସେତେବେଳେ ବେଶୀ ଦରକାର ପଡୁଥିଲା । କାରଣ ଡାକ୍ତରୀ ବିଦ୍ୟାର ପ୍ରସାର ଓଡ଼ିଶାରେ ଆଦୌ ନ ଥିଲା କହିଲେ ଚଳେ । କଲିକତାରେ କମ୍ପାଉଣ୍ଡରୀ ପଢ଼ି ଡାକ୍ତରୀ

ଉପାଧି ପାଇ କେତେକ ଲୋକ ସରକାରଙ୍କ ଅଧୀନରେ କାମ କରୁଥିଲେ । ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରୀ ସୈନ୍ୟ ବିଭାଗରେ ଚିକିତ୍ସକ ରୂପେ ନିଯୁକ୍ତ କରାଯାଇଥିଲା । ଅବଶ୍ୟ କେତେଜଣ ଗୋରା ଡାକ୍ତର ଥିଲେ; କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା । ଗୋରା ହାକିମମାନେ କଳା ଡାକ୍ତରମାନଙ୍କଠାରୁ ଔଷଧ ଖାଇବାକୁ ସେତେ ପସନ୍ଦ କରୁ ନ ଥିଲେ । କିନ୍ତୁ କଳା ଡାକ୍ତର ଯୋଦ୍ଧାଙ୍କ ବିଶେଷ ଉପକାରରେ ଆସୁଥିଲେ । ବାଟରେ ଡାକ୍ତରଙ୍କୁ ବେମାର ହେଲେ ଆଉ ଅନ୍ୟ କିଛି ଆଶ୍ରା ନ ଥିଲା ।

ରାସ୍ତା ସଫା ବ୍ୟବସ୍ଥା

ଏହିସବୁ ଅବସ୍ଥା ଦୂର କରିବା ପାଇଁ କମିଶନର ସାହେବ ସୈନ୍ୟ ଗମନାଗମନର ଯେପରି ଅସୁବିଧା ନ ହୁଏ, ତାର ବ୍ୟବସ୍ଥା କରିଥିଲେ । ଯେଉଁ ଯେଉଁ ଗଡ଼ଜାତ ଭିତରେ ଫଉଜି ସୈନ୍ୟବାହିନୀ ଯାଉଥିଲେ, ସେହିସବୁ ଗଡ଼ଜାତର ରାଜାମାନଙ୍କ ଉପରେ ପରୁଆନା ଜାରି ହେଲା ଯେ ସେମାନେ ସୈନ୍ୟ ଯାଇ ପାରିଲା ଭଳି ରାସ୍ତାକୁ ଚଉଡ଼ା କରି ଗଛପତ୍ର ହାଣି ସଫା କରି ରଖିବେ; ୫ କି ୬ ମାଇଲ ଦୂରରେ ଚଟିଘର ତିଆର କରିବେ; ଏଥିରେ ଯେପରି ଶହ ଶହ ସୈନିକ ରହି ପାରିବେ, ସେଥିପ୍ରତି ଦୃଷ୍ଟି ଦେବେ । ପାଟଣା, ବୌଦ, ସୋନପୁର, ବାମଣ୍ଡା, ରେଢ଼ାଖୋଲ ପ୍ରଭୃତି ରାଜାମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ୧୮୫୮ ମାସର ପ୍ରଥମ ପାଦରେ ସବୁଆଡ଼ର ବାଟ ପରିଷ୍କାର ହୋଇଯାଇଥିଲା । ବିଶେଷତଃ ଘୁମୁସରର ସିବନ୍ଦୀମାନେ ଏ ବିଗରେ ବହୁତ ସାହାଯ୍ୟ କରିଥିଲେ ।

ଘୁମୁସର ସିବନ୍ଦୀ ଦଳ

ଘୁମୁସର ସିବନ୍ଦୀ ଦଳ ବଣ ଜଙ୍ଗଲର ଲୋକଙ୍କୁ ନେଇ ଗଠିତ ହୋଇଥିବାରୁ ଗଡ଼ଜାତ ଓ ସମ୍ବଲପୁରରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉ ନ ଥିଲା । ସେମାନେ ମଧ୍ୟ ପାହାଡ଼, ଜଙ୍ଗଲ ଭିତରେ ସ୍ୱଚ୍ଛନ୍ଦରେ ବୁଲି ଲଢ଼େଇ କରି ପାରୁଥିଲେ । ଗୋରା ଓ ଅନ୍ୟ ପ୍ରଦେଶର ସିପାହୀମାନଙ୍କ ତୁଳନାରେ ଏମାନଙ୍କର ଦରମା ମଧ୍ୟ ଖୁବ୍ କମ ଥିଲା ।

ଘୁମୁସର ସିବନ୍ଦୀ ଦଳରେ ପ୍ରଥମେ ୫୮୧ (ପାଞ୍ଚ ଶହ ଏକାଅଶି ଜଣ) ସିବନ୍ଧୀ ଥିଲେ ।

ସୁବାଦାର—ଜ ୩୦	ଦରମା ମାସକୁ	ଟ ୩୦୲,
ଜମାଦାର—ଜ ୧୫	...	ଟ ୧୫୲
ହାବିଲଦାର—୫୦	...	ଟ ୧୦୲
ନାୟକ —୪୦	...	ଟ ୮୲
ବ୍ୟୁଗଲବାଲା (ତୁରୀବାଲା) ଜ ୬		ଟ ୬୲
ପାଇକ—ଜ ୪୪୦	...	ଟ ୫୳

ଓଡ଼ିଶା ପାଇକ କମ୍ପାନୀର ପାଇକମାନଙ୍କର ଦରମା ମଧ୍ୟ ଏହି ହାରରେ ଦିଆଯାଇଥିବାର ଜଣାଯାଏ ।

ଘୁମୁସରର ସରକାରୀ ତହସିଲଦାର ଧନବନ୍ଧୁ ମହାନ୍ତି (ପଟ୍ଟନାୟକ) ଏହି ସିବନ୍ଦୀମାନଙ୍କ ସେବାରେ ନିଯୁକ୍ତ ହୋଇଥିଲେ । ଘୁମୁସର-ବୌଦ ସୀମା ପାରହେବା ପର୍ଯ୍ୟନ୍ତ ଧନବନ୍ଧୁ ମହାନ୍ତି ସିବନ୍ଦୀମାନଙ୍କୁ ଭଲଭାବରେ ଚର୍ଚ୍ଚା କରୁଥିଲେ । ଏହି ତହସିଲଦାର ଘୁମୁସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ ଓ ସିପାହୀ ବିଦ୍ରୋହ ଦମନରେ ବେଶି ସାହାଯ୍ୟ

କରିଥିବାରୁ ସରକାର ତାଙ୍କୁ ଡେପୁଟି କଲେକ୍ଟର କରି ଦେଇଥିଲେ ଏବଂ ଖଣ୍ଡେ ଗାଁ ନିଷ୍କର ଜାଗିର ପାଇଥିଲେ ।

ଗୁମସୁରର ସିବନ୍ଦୀ ଦଳ, ଗଡ଼ଜାତ ରାଜାମାନଙ୍କ ପାଇକ ଦଳ, ଓଡ଼ିଶା ପାଇକ କମ୍ପାନୀ, ରାମଗଡ଼ ବାଟାଲିଅନର ଦଳ, ୪୦ ମାନ୍ଦ୍ରାଜ ଦେଶୀ ପଦାତିକ ଦଳ, ନାଗପୁର ଘୋଡ଼ାସବାର ଦଳ— ଏମାନେ ସମ୍ବଲପୁରରେ ଠୁଳ ହୋଇ ଜିଲ୍ଲାର ବିଭିନ୍ନ ଦିଗକୁ ଖେଦିଗଲେ ।

ବିଭିନ୍ନ ସ୍ଥାନରେ ସାମରିକ ଘାଟି

ଜିଲ୍ଲାର ବିଭିନ୍ନ ଘାଟି ସ୍ଥାନରେ କମିଶନର ସାହେବ ସୈନ୍ୟ ଦଳକୁ ରଖାଇଲେ । ଉପଦ୍ରୁତ ଅଞ୍ଚଳର ତିନିଟା ଜାଗାରେ ପ୍ରଧାନ ଘାଟି କରାଗଲା । ଏହା ଛଡ଼ା ଆଉ ୧୧ଟି ସ୍ଥାନରେ ୧୧ଟି ଫାଣ୍ଡି ସ୍ଥାପିତ ହେଲା । ପ୍ରତ୍ୟେକ ଫାଣ୍ଡିରେ ରାମଗଡ଼ ବାଟାଲିଅନର ୨୫ ଜଣ ବଛା ବଛା ସିପାହୀ ରହିଲେ । ରାୟପୁର-ସମ୍ବଲପୁର, ନାଗପୁର-ସମ୍ବଲପୁର, କଲିକତା-ସମ୍ବଲପୁର, କଟକ-ସମ୍ବଲପୁର—ଏହି ସବୁ ପ୍ରଧାନ ରାସ୍ତା ଯେପରି ବିଦ୍ରୋହୀମାନଙ୍କ ଉପଦ୍ରବରୁ ମୁକ୍ତ ରହେ, ସେ ଦିଗରେ ମଧ୍ୟ କମିଶନର ବ୍ୟବସ୍ଥା କରିଥିଲେ ।

ମେଜର ଉଇଲ୍ଡହାମ ମୃତ ମେଜର ବେଟ୍‌ସଙ୍କ ସ୍ଥାନ ପୂରଣ କରିବା ପରେ ପରେ ବିଦ୍ରୋହୀମାନଙ୍କର ପ୍ରଧାନ ଘାଟିଗୁଡ଼ିକ ଉପରେ ସେ ଆକ୍ରମଣ କରିଥିଲେ ଏବଂ ରାସ୍ତାଗୁଡ଼ିକୁ ଖୋଲି ରଖିବା ପାଇଁ ସୈନ୍ୟ ମୁତୟନ କରିଥିଲେ ।

ବିଦ୍ରୋହୀ ଜମିଦାରଙ୍କ ଜମିଦାରୀ ବାଜ୍ୟାପ୍ତି

କଲବର୍ଣ୍ଣ ସାହେବ ମାର୍ଚ୍ଚ ମାସ ବେଳକୁ ସମ୍ବଲପୁର ଅବସ୍ଥାକୁ ପ୍ରାୟ ନିଜ ଆୟତ୍ତକୁ ନେଇ ଆସିଥିଲେ । ଯେଉଁ ଜମିଦାରମାନେ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରୁଥିଲେ, ସେମାନଙ୍କ ଜମିଦାରୀ ବାଜ୍ୟାପ୍ତ କରି ଖାସ କରିଦେବା ଆଦେଶ ଘୋଷଣା କଲେ । ଏଥିରେ ଜମିଦାର ଓ ଗୌନ୍ତିଆମାନଙ୍କ ଭିତରେ ବିଶୃଙ୍ଖଳା ଖେଳିଗଲା । ଗଡ଼ଜାତର ରାଜାମାନେ ମଧ୍ୟ ଭବିଷ୍ୟତରେ ପ୍ରମାଦ ଥିବାର ଅନୁମାନ କଲେ ।

ଏହିସବୁ ଜମିଦାରୀ ଓ ଗୌନ୍ତିଆଇ ଉପରେ ସରକାରଙ୍କର କୋପଦୃଷ୍ଟି ପଡ଼ିଲା । ଭେଡ଼ନ୍, ଲକ୍ଷଣପୁର, ଘେସ, ଖରସାଲ, କୋଡ଼ବଗା, ଖିଣ୍ଡା, କୋଲବିରା, ଲୋଇସିଙ୍ଗା ପ୍ରଭୃତି ଜମିଦାରୀ ବାଜ୍ୟାପ୍ତ ହୋଇଥିବାର ଘୋଷଣା ହେଲା ।

କର୍ଣ୍ଣେଲ ଫଷ୍ଟରଙ୍କ କାର୍ଯ୍ୟଭାର ଗ୍ରହଣ

ଏହା ପରେ ସମ୍ବଲପୁରର ଅବସ୍ଥା ଉପରକୁ ଟିକିଏ ଥଣ୍ଡା ପଡ଼ିଲା ପରି ଦେଖାଗଲା । ସରକାରୀ ପରିଚାଳନାରେ ମଧ୍ୟ ଟିକିଏ ପରିବର୍ତ୍ତନ ଆସିଲା । ମେଜର ବେଟ୍‌ସଙ୍କ ମୃତ୍ୟୁ ପରେ ମେଜର ଉଇଲ୍ଡହାମ୍ ଅସ୍ଥାୟୀ ଭାବରେ ଜିଲ୍ଲାର ପ୍ରଧାନ ସେନାଧ୍ୟକ୍ଷ ହୋଇଥିଲେ । କର୍ଣ୍ଣେଲ ଫଷ୍ଟର ସ୍ଥାୟୀଭାବରେ ଜିଲ୍ଲା ସେନାଧ୍ୟକ୍ଷ ନିଯୁକ୍ତ ହେଲେ । ତାଙ୍କୁ ଅଧିକ କ୍ଷମତା ଦିଆଗଲା । ଜିଲ୍ଲାର ସାଧାରଣ ଶାସନଭାର ମଧ୍ୟ ତାଙ୍କ ହାତରେ ରହିଲା । ଫଷ୍ଟର ମାର୍ଚ୍ଚ ମାସ ୨୯ ତାରିଖରେ ସମ୍ବଲପୁରରେ କାର୍ଯ୍ୟଭାର ଗ୍ରହଣ କରିବାକୁ ପହଞ୍ଚିଲେ । ସେ ଆସିଯିବା ପରେ କମିଶନର ସାହେବ ଟିକିଏ ନିଶ୍ଚିନ୍ତ ହେଲେ ଏବଂ ସମ୍ବଲପୁରରେ ତାଙ୍କର

ଆଉ ଦରକାର ନ ଥିବା ଅନୁଭବ କରି କଟକକୁ ଫେରିଗଲେ । ଫଷ୍ଟର କମିଶନର-କ୍ଷମତା ପାଇଲେ ।

କର୍ଣ୍ଣେଲ ଫଷ୍ଟରଙ୍କ ତତ୍ପରତା

ଫଷ୍ଟର ଓଡ଼ିଶା ବାହାରେ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକରି ବିଶେଷ ଦକ୍ଷତା ଅର୍ଜନ କରିଥିଲେ । ପୁଣି ଏ ଦେଶର ଲୋକଙ୍କର ମତିଗତି ଭଲ ଭାବରେ ବୁଝି ନେଇଥିଲେ । କ'ଣ କଲେ ଲୋକେ ସରକାରଙ୍କୁ ମାନିବେ, ସେକଥା ତାଙ୍କୁ ଭଲ ଜଣା ଥିଲା ।

ଦରବାର

ସମ୍ବଲପୁର ଅଞ୍ଚଳର ଆଖପାଖରେ ଥିବା ଗଡ଼ଜାତ ରଜାମାନେ ଏହି ବିଦ୍ରୋହରେ, ସପକ୍ଷରେ ହେଉ କି ବିପକ୍ଷରେ ହେଉ, ବିଶେଷ ଭାବରେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ନିଜ ଆୟତ୍ତରେ ଆଣିବା ପାଇଁ ସେ ପ୍ରଥମେ ଉଦ୍ୟମ କଲେ । ସମ୍ବଲପୁରରେ ଦରବାର କରି ସବୁ ଗଡ଼ଜାତ ରଜାଙ୍କୁ ଡକାଇଲେ । ପ୍ରାୟ ଅଧିକାଂଶ ରଜା ସେଥିରେ ଯୋଗ ଦେଇ ସରକାରଙ୍କ ପ୍ରତି ଅନୁରକ୍ତି ଜ୍ଞାପନ କଲେ । ଯେଉଁମାନେ ଆସିପାରିଲେ ନାହିଁ, ସେମାନଙ୍କୁ ତାଗିଦ୍ କରି ଦିଆଗଲା । ଏହି ଦରବାର ପରେ ରଜାମାନେ ସରକାରଙ୍କୁ ବିଦ୍ରୋହ ଦମନରେ ବିଶେଷ ଭାବରେ ସାହାଯ୍ୟ କରିବେ ବୋଲି ଅନୁମାନ କରାଗଲା । କେତେକ ରଜା ନିଜର ପାଇକଦଳ ମଧ୍ୟ ସମ୍ବଲପୁର କମିଶନରଙ୍କ ଅଧୀନରେ କାର୍ଯ୍ୟ କରିବା ପାଇଁ ପଠାଇଲେ । ଗଡ଼ଜାତ ରଜାମାନଙ୍କ ଅନୁଗତ୍ୟର ପୁଣି ଅଧିକା କିଛି ନୂତନ ନମୁନା ମିଳିଲା ।

(୧୦) ଉଜଳ ସାଏ ଧରା ହେଲେ

ସୁରେନ୍ଦ୍ରଙ୍କ ଭାଇ ଉଜଳ୍ ସାଏ ପାଟଣା ଜମିଦାରୀ ଭିତରେ ରହି ବିଦ୍ରୋହୀଦଳ ସଂଗଠନ କରୁଥିଲେ । ପାଟଣାରଜା କୁଆଡ଼େ ତାଙ୍କୁ ସାହାଯ୍ୟ କରୁଥିଲେ । କମିଶନର କର୍ଣ୍ଣେଲ ଫଷ୍ଟର ଉଜଳ୍ ସାଏଙ୍କୁ ଆଶ୍ରା ଓ ସାହାଯ୍ୟ ଦେଉଥିବା ଅଭିଯୋଗରେ ପାଟଣା ରଜାଙ୍କୁ ଶହେ ଟଙ୍କା ଜୋରିମାନା ଧାର୍ଯ୍ୟ କଲେ । ପାଟଣାରଜା ଭୟରେ ଉଜଳ୍ ସାଏଙ୍କୁ ଧରିଆଣି କମିଶନରଙ୍କ ହାତରେ ସମର୍ପଣ କରିଦେଲେ ।

ପାଟଣାରଜାଙ୍କ ଏହି ରାଜଭକ୍ତି ହାକିମଙ୍କ ମନରେ ବହୁତ ଆନନ୍ଦ ଜାତ କରିଥିଲା । ପୂର୍ବେ ଧାର୍ଯ୍ୟ କରିଥିବା ଜରିମାନା ମାଫ କରିଦେବାକୁ କମିଶନର ଫଷ୍ଟର ସରକାରଙ୍କଠାକୁ ଲେଖିଲେ । ଲାଟସାହେବ ଖୁସି ହୋଇ ଜରିମାନା ମାଫ କରିଦେଲେ ଏବଂ ରଜାଙ୍କ ପ୍ରତି ସରକାରଙ୍କର ସୌହାର୍ଦ୍ଦ୍ୟ ଓ କୃତଜ୍ଞତା ଜଣାଇଲେ ।

ପାଟଣା, କେଉଁଝର, ରେଢ଼ାଖୋଲ, ସୋନପୁରଙ୍କ ଆନୁଗତ୍ୟ ଆଚରଣ ଦେଖି ଅନ୍ୟ ରଜାମାନେ ଡରିଗଲେ । ପୂର୍ବରୁ ଅନୁଗୁଳ ରଜା ତ ରାଜ୍ୟ ହରେଇଥିଲେ, ବାମଣ୍ଡା ତ ସାବଧାନ ପାଇଥିଲେ, ପାଟଣାରଜାଙ୍କ ଉପରେ ଜରିମାନାଧାର୍ଯ୍ୟ ଗଡ଼ଜାତ ରଜାମାନଙ୍କୁ ବିଚଳିତ କରିଦେଲା ।

ଉପରକୁ ବିଦ୍ରୋହବହ୍ନି ଶାନ୍ତ ପଡ଼ିଥିଲାପରି ଜଣାଯାଉଥିଲେ ମଧ୍ୟ ତାହା ଏକାବେଳକେ ନିର୍ବାପିତ ହୋଇ ନ ଥିଲା । ସୁରେନ୍ଦ୍ର ଓ ତାଙ୍କ ସାନ ଭାଇ ଉଦନ୍ତଙ୍କୁ ଧରିବା ସହଜ ହୋଇ ନ ଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରେନ୍ଦ୍ରଙ୍କ ଦଳର ଲୋକେ

ଲୁଟପାଟ ଆରମ୍ଭ କରି ଗାଁଗଣ୍ଡା ପୋଡ଼ିବାରେ ଲାଗି ଯାଇଥିଲେ ।

(୧୧) ସରକାରୀ ସୈନ୍ୟ ଭିତରେ ବିଦ୍ରୋହ ?

କର୍ଣ୍ଣେଲ ଫଷ୍ଟର କାର୍ଯ୍ୟଭାର ଗ୍ରହଣ କରିବା ପରେ ଦରବାର ଉଠାଇ ଯେଉଁ ସବୁ କାର୍ଯ୍ୟାନୁଷ୍ଠାନ କଲେ ତାର ଫଳ ସ୍ୱରୂପ ବିଦ୍ରୋହ ଦମନର ବିଶିଷ୍ଟ ଭାଗ ସମ୍ପାଦିତ ହୋଇ ସାରିଲାଣି ବୋଲି ସେ ଭାବିଲେ । ଏହି ହେତୁ ସମ୍ବଲପୁରରେ ଯେତେ ସଂଖ୍ୟାରେ ସିପାହୀ ଥିଲେ । ସେତେ ଆଉ ରହିବା ଦରକାର ନାହିଁ ବୋଲି ମତ ବ୍ୟକ୍ତ କଲେ । ସେ ଆସିଲାବେଳେ ସେଖାବତି ବାଟାଲିଆନକୁ ସାଙ୍ଗରେ ଆଣିଥିଲେ । ରାମଗଡ଼ ବାଟାଲିଆନ ଦଳ ଆଗରୁ ସମ୍ବଲପୁରରେ ଥିଲେ । ଘୁମୁସର ସିବନ୍ଦୀ ଦଳ ମଧ୍ୟ ଭଲ କାମ କରୁଥିଲେ । ଗଡ଼ଜାତ ରାଜାମାନେ ମଧ୍ୟ ନିଜ ନିଜର ପାଇକଦଳ ପଠାଇଥିଲେ । ସେଖବତି ଦଳ, ରାମଗଡ଼ ଦଳ ସିବନ୍ଦୀଦଳ ଓ ଗଡ଼ଜାତ ପାଇକଦଳ ଛଡ଼ା ଅନ୍ୟ ସମସ୍ତଙ୍କୁ ସମ୍ବଲପୁରରୁ ଫେରାଇ ଦେବାପାଇଁ ସେ ବ୍ୟବସ୍ଥା କଲେ । ଓଡ଼ିଶା ପାଇକ କମ୍ପାନୀ, ମାଡ୍ରାଜ ପଦାତିକ ଦଳ ଓ ନାଗପୁର ଦଳ ଭିତରେ ଏଥିଯୋଗୁଁ ଅସନ୍ତୋଷ ଦେଖା ଦେଇଥିଲା । ଅବସ୍ଥା ଏପରି ହୋଇଥିଲା ଯେ ଟିକିଏ ଅସାବଧାନତା ଘଟିଥିଲେ ଯେ କୌଣସି ମୁହୂର୍ତ୍ତରେ ଏମାନେ ମଧ୍ୟ ବିଦ୍ରୋହ କରିଥାଆନ୍ତେ । ବିଶେଷତଃ ଯେଉଁମାନେ ବହୁଦିନ ଧରି ବଣ ଜଙ୍ଗଲରେ ବୁଲି ବେମାର ହୋଇଗଲେ, ସେମାନେ ଏଥିରେ ବିଶେଷ ଅସନ୍ତୁଷ୍ଟ ହେଲେ । କିନ୍ତୁ ପରେ ହଠାତ୍ ହ୍ରାସ ନ କରି କ୍ରମେ ସଂଖ୍ୟା ହ୍ରାସ କରିବା ବ୍ୟବସ୍ଥା ଅବଲମ୍ବନ କରିବାରୁ ଏହି ଅସନ୍ତୋଷ ମନୋଭାବ ଦୂର ହୋଇଥିଲା ।

(୧୨) ସୁରେନ୍ଦ୍ରଙ୍କୁ ହାତ କରିବା ଉପାୟ

ବିଦ୍ରୋହର ତୀବ୍ରତା ହ୍ରାସ

ସୁରେନ୍ଦ୍ରସାଏଙ୍କ ଦଳ ବିରୁଦ୍ଧରେ ସରକାରୀ ଅଭିଯାନର ତୀବ୍ରତା ବୃଦ୍ଧି ପାଇବାରୁ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁର ଜିଲା ଓ ଗଡ଼ଜାତର ବଣଜଙ୍ଗଲ ଭିତରେ ବୁଲି ଆତ୍ମରକ୍ଷା କରିବାକୁ ପଡ଼ୁଥିଲା । ୧୮୬୧ ବେଳକୁ ସୁରେନ୍ଦ୍ରଙ୍କର ଶକ୍ତି ବହୁ ପରିମାଣରେ କମିଯାଇଥିଲା । ତାଙ୍କର ବ୍ୟକ୍ତିଗତ ପ୍ରଭାବ ଯେ ବୃଦ୍ଧି ପାଇଥିଲା ଏଥିରେ ସନ୍ଦେହ ନାହିଁ । କିନ୍ତୁ ଗୋଟିଏ ବିଦ୍ରୋହକୁ ସଙ୍ଗଠିତ ଭାବରେ ଚଳାଇବା ପାଇଁ ଯେତିକି ଆର୍ଥିକ ଶକ୍ତି ପ୍ରୟୋଜନ ତାହା ତାଙ୍କ ପାଖରେ ଯଥେଷ୍ଟ ଭାବରେ ନ ଥିଲା । ଯେଉଁ ଗଡ଼ଜାତ ରାଜାମାନେ ତାଙ୍କୁ ସାହାଯ୍ୟ କରୁଥିଲେ ସେମାନେ ପୁଣି ସମସ୍ତ ସୁବିଧା ଦେଖି ସରକାରଙ୍କ ପକ୍ଷକୁ ପ୍ରକାଶ୍ୟ ଭାବରେ ଆସିଗଲେ । ଯେଉଁ ଗୌନ୍ତିଆମାନେ ତାଙ୍କ ପକ୍ଷରେ ଥିଲେ ସେମାନଙ୍କର ସମ୍ପତ୍ତିବାଡ଼ି ସରକାର ବାଜ୍ୟାପ୍ତ କରି ନେବାରୁ ସେମାନଙ୍କର ମଧ୍ୟ ମନର ବଳ କେତେକାଂଶରେ କମିଗଲା । ଏହି କାରଣରୁ ସୁରେନ୍ଦ୍ରଙ୍କର ଲୋକଶକ୍ତି ମଧ୍ୟ କମିଯିବା ଦେଖାଗଲା । ଯେଉଁମାନେ ବା ସଙ୍ଗରେ ରହିଲେ ସେମାନଙ୍କୁ ପୋଷିବା ସୁରେନ୍ଦ୍ରଙ୍କ ପକ୍ଷରେ ଗୋଟିଏ ପ୍ରଧାନ ସମସ୍ୟା ହେଲା ।

ବିଦ୍ରୋହୀଙ୍କ ଦ୍ୱାରା ଲୁଟତରାଜ

ବିଦ୍ରୋହୀମାନେ ଅନ୍ୟ ଉପାୟ ନ ଦେଖି ଜିଲାର କେତେକ ସ୍ଥାନରେ ଗାଁଗଣ୍ଡା ପୋଡ଼ି ଲୁଟପାଟ କଲେ । ଯେଉଁ ଗୌନ୍ତିଆ ଓ ମୁଖିଆମାନେ ସରକାରଙ୍କୁ ସାହାଯ୍ୟ କରୁଥିଲେ ସେମାନଙ୍କର

ମେଜର ଇମ୍ପି ସୁରେନ୍ଦ୍ରଙ୍କ ଭାଇ ଓ ପୁଅଙ୍କୁ ଜଣାଇଲେ ଯେ ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତାହାହେଲେ ସେମାନେ ସରକାରୀ କ୍ଷମା ପାଇବେ ଏବଂ ସେମାନଙ୍କ ଭରଣ ପୋଷଣ ପାଇଁ ସରକାର ବ୍ୟବସ୍ଥା କରିବେ । ସରକାରଙ୍କଠାରୁ ଏହି ପ୍ରତିଶ୍ରୁତି ପାଇବାରୁ ଉଦ୍‌ବନ୍ତ ସାଏ ଓ ଧ୍ରୁବ ସାଏ (ସୁରେନ୍ଦ୍ରଙ୍କ ଭାଇମାନେ) ୧୮୬୨ ଜାନୁଆରୀ ତା ୧୮ ରିଖ ଦିନ ଆତ୍ମସମର୍ପଣ କଲେ ।

ଏ ଦୁଇ ଭାଇଙ୍କ ଆତ୍ମସମର୍ପଣ ଯୋଗୁଁ ସରକାରୀ ମହଲରେ ସନ୍ତୋଷଭାବ ଦେଖାଗଲା । ବିଦ୍ରୋହୀମାନଙ୍କ ଆତ୍ମସମର୍ପଣ କାର୍ଯ୍ୟରେ ସ୍ୱୟଂ ଉଦ୍‌ବନ୍ତଙ୍କୁ ମେଜର ଇମ୍ପି ନିଯୁକ୍ତ କଲେ । ଉଦ୍‌ବନ୍ତଙ୍କୁ ସରକାରୀ ଦୂତ କରି ବିଦ୍ରୋହୀମାନଙ୍କଠାକୁ ପଠାଇଲେ ଏବଂ ସରକାରୀ କ୍ଷମାମାନ୍ତିକୁ ଗ୍ରହଣ କରିବା ଦ୍ୱାରା ସେମାନଙ୍କର ମଙ୍ଗଳ ହେବ ବୋଲି ବୁଝାଇବାକୁ ତାଙ୍କୁ କୁହାଗଲା ।

ସେତେବେଳକୁ ସମ୍ବଲପୁର ଜିଲ୍ଲାରେ ଦକ୍ଷିଣସୀମାରେ ସୁରେନ୍ଦ୍ର ଥିଲେ ।

୧୮୬୨ ମସିହା ମଇ ମାସର ତା ୪ ରିଖରେ ସୁରେନ୍ଦ୍ରଙ୍କଠାରୁ ଗୋଟିଏ ଚିଠି ମେଜର ଇମ୍ପିଙ୍କଠାରେ ପହଞ୍ଚିଲା । ସେଥିରେ ସେ ନିଜର ଅବସ୍ଥା, ତାଙ୍କର ଦାବୀ ଓ ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ଅଭିଯୋଗ ବର୍ଣ୍ଣନା କରିଥିଲେ । ଡେପୁଟି କମିସନର ଇମ୍ପି ସାହେବ ତାର ଉତ୍ତରରେ ତାଙ୍କର (ସୁରନ୍ଦ୍ରଙ୍କର) ଦାବୀର ଭବିଷ୍ୟତ କଥା ଉଲ୍ଲେଖ କରି ନିଜ ସ୍ୱାର୍ଥ ଦୃଷ୍ଟିରୁ ଆତ୍ମସମର୍ପଣ କରିବା ପାଇଁ ଅନୁରୋଧ କଲେ । ଜମାଦାର ରାଜକୁମାର ମିଶ୍ରଙ୍କ ଜରିଆରେ ଏହି ଉତ୍ତର ଗଲା । ଜମାଦାରଙ୍କୁ ଇମ୍ପି ସାହେବ ଯେଉଁ ଚିଠି ଦେଇଥିଲେ ତାହା ଏଠାରେ ଦିଆଗଲା ।



ଡେପୁଟି କମିଶନରଙ୍କ ଜମାଦାରଙ୍କ ଚିଠି

"ଇତଲସାର ରାଜକୁମାର ମିଶ୍ର ଜମାଦାର ପୁଲିସ ମୁତଲକେ ଲେଖନପୁର ବଳୀ ସିଂ ଅତବାସନ :—

ଆଗେ ଆରଜି ତୁମ୍ଭର ମାଏ ଅରଜି ବାବୁ ସୁରନ୍ଦଂର ସାଏକଂର ପହୁଞ୍ଚ ହାଲମାଲୁମ ହେଲ କି, ସୁରନ୍ଦଂର ସାହେବଙ୍କର ଇରଦା ଅଛୁ ମିଲିବାର ମାହକ ବସତବତବକୁପିଂ ଦହ ସବର ଏ ଆଡ଼ର ସେ ଆଡର କଥା ନାହାକ ଆପଣା ଖିଆଲରେ ଆଣୁ ଅଛନ୍ତୀ କି ଯହିଁରେ ତ ହକୁପଂନା ମସୁଂଭର ହେଉଅଛୁ । ଅତଏବ ତୁମ୍ଭଙ୍କୁ ଲେଖା ଯାଉଅଛୁ କି । ଫୌରନ୍ ବେଲ ଦେଇ ତାଙ୍କୁ ସମଝ୍ୟଂ କରି ମିଲାଇ ଦାଅ । ଆଉ ତାଙ୍କୁ ମଧ୍ୟ ଏହି କଥା ସମୁଝ୍ୟଂଇ ଦେବାର ବୁଝି କି । ସିବାଏ ହଜୁରଙ୍କ କହିବାର ଆଉ କାହାରି କଥା ନ ଶୁଣିବେ । ସେ ଖିଆଲ କରିବେ କି କହ୍ନେସ ପ୍ରକାରେ ସେ ମମାସୁ ହେଉକି ଯେ ବେଲ ହୁଯୁରର ହୁକୁମ ତୁମ୍ଭଠାରେ କହିବ ଅଥବା କହି ଭେଜିବ ମାହକ ସୁଣିବାରେ ଆସୁଅଛୁ କି । ଭଗବାନ ନାଏକ ଗୋଟିଆ ଆପଣା ଖଇର-ଖାହିରୁ ଯାଇଅଛୁ । ଯେତେ ଫିଲ ହକୀଗତ ସେ ତୁମ୍ଭର ପାସକୁ ଅଥବା ବାବୁ ସୁରେନ୍ଦଂର ସାଏକଂର ପାସକୁ ପହୁଞ୍ଚିବ ତ । ଯାଣିବ କି ଏ କଥାରେ ହଜୁରକୁ ନାଁମଯୁର ନାହିଁ ଶିମ୍ଭଯାକା ନାହିଁ । ଆଉର ମଧ୍ୟ ସୁରେନ୍ଦର ସାଏକୁଂ ସାଫ୍ ଓ୍ୟାକଫ୍ କରି ଦେବକି ସେ ଏବେ ଆସିବେ କି ନାହିଁ । ଆଉର ଏପର ଯବାବ ତୁମ୍ଭେ ଫଉରନ୍ ଭେଜିବ କାରୁ ଫେର ଏ ଦଫେ ଯବାବର ସିବାଏ ଆଉ କେବେ କଛୁ ତାଙ୍କଂର ପାସକୁ ଲେଖାଯିବ ନାହିଁ । ମେହେରବାନଗିଂ ତମାମ ହେଲ । ମାହକ ଏହା ପ୍ୱେ ଦଫା

ଏପରି ମେହେରବାନଗିଂର ସମ୍ମୁଖାବେ ତ ତାଙ୍କର କାସମତ ଅଟେ । ତଂକ୍ତ ତା ୫ ଦିନ ମଇ ସନ ୧୮୬୨ ମସିହା ।

ଇଞ୍ଜଲସନ୍ତୁ ମେଯଂର ହେସଟିଙ୍ଗ ଯୁବଗଟିନ ଇମ୍ପି ସାହେବ ଡେପୋଟି କମିସ୍ନର ବାହାଦୁର ସମ୍ବଲପୁର ।

। ସ୍ୱା । କୃଷ୍ଣଚରଣ ଦାସ ଓ ନାଗପୂଣ ଘଟନାଏକ ମୋହରସଏ ।”

ସୁରେନ୍ଦ୍ର ସାଏଙ୍କୁ କହିପୋଛୁ ସରକାରଙ୍କ ଉଦାର ମାନ୍ତିକୁ ମାନିନେବା ପାଇଁ ପ୍ରବର୍ତ୍ତାଇବାକୁ ତାଙ୍କ ଘାଇ ଉଦନ୍ତଙ୍କୁ ଦକ୍ଷିଣ କ୍ଷୀର ଆଡ଼େ ଇମ୍ପି ସାହେବ ପଠେଇଲେ । ଲକ୍ଷ୍ମଣପୁରର ଜମିଦାର କମଳ ସିଂହ ତାଙ୍କ ଆତ୍ମସମର୍ପଣ ସପକ୍ଷରେ ନ ଥିଲେ । ସୁରେନ୍ଦ୍ର ସାଏ ଅବସ୍ଥା ଦେଖି ବୃଥା କ୍ଷୟରୁ ନିଜକୁ ଓ ସହକର୍ମୀମାନଙ୍କୁ ରକ୍ଷା କରିବା ନିମନ୍ତେ ଆତ୍ମସମର୍ପଣ କରିବା ଇଚ୍ଛା ପ୍ରକାଶ କରିବାରୁ କମଳ ସିଂହ ଆପତ୍ତି କଲେ । ବହୁ ପରାମର୍ଶ ପରେ ସୁରେନ୍ଦ୍ର ସାଏ କମିସନରଙ୍କୁ ଜଣାଇଲେ ଯେ ସରକାର ଯଦି ତାଙ୍କର ସମ୍ବଲପୁର ଗାଦିର ଦାବି ସ୍ୱୀକାର କରିନେବେ, ତାହାହେଲେ ତଳିତଳ ସହିତ ସେ ଆତ୍ମସମର୍ପଣ କରିବେ । ଇମ୍ପି ସାହେବ ସୁରେନ୍ଦ୍ରଙ୍କ ଏହି ପ୍ରସ୍ତାବରେ ଆଦୌ ରାଜିହେଲେ ନାହିଁ ଏବଂ ସ୍ୱସ୍ୱାର୍ଥରେ ଆତ୍ମସମର୍ପଣ କରିବା ସୁରେନ୍ଦ୍ରଙ୍କ କର୍ତ୍ତବ୍ୟ ବୋଲି ଉତ୍ତର ଦେଲେ । ଲକ୍ଷଣପୁର ଜମାଦାରଙ୍କ ଜରିଆରେ ସେ ଯେଉଁ ପତ୍ରଆନା ସୁରେନ୍ଦ୍ରଙ୍କଠାକୁ ପଠାଇଲେ ସେଥିରୁ ସ୍ପଷ୍ଟ ଜଣାଯାଉଛି ଯେ ସରକାର ସୁରେନ୍ଦ୍ରଙ୍କ ସମ୍ବଲପୁର ରାଜଗାଦି ପାଇବା ଦାବିକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଛନ୍ତି । ବିଭିନ୍ନ ଦିଗରେ ସୈନ୍ୟ ପ୍ରେରଣ କରି ବିଦ୍ରୋହୀମାନଙ୍କୁ ଧ୍ୱଂସ କରିବା ଆୟୋଜନ ମଧ୍ୟ ସରକାର ସେତେବେଳକୁ କରି

ସାରିଥିଲେ । ଏ ଅବସ୍ଥାରେ ଆତ୍ମସମର୍ପଣ ଛଡ଼ା ସୁରେନ୍ଦ୍ର ସାଏଙ୍କ ଅନ୍ୟ ଉପାୟ ନ ଥିଲା ।

ସୁରେନ୍ଦ୍ରଙ୍କୁ ଡେପୁଟି କମିଶନରଙ୍କ ଉତ୍ତର

“ରଫିଅତ ପନ୍ହ୍ୟା ବାବୁ ଶୁରନ୍ଦ୍ରର ସାଏ ବାଫି ଅଛବାସନ୍ଦ ।

ଆଯ ଦିନ ତୁମ୍ଭ ଅରଯି ଲେଖିଛ ଚଳିତ ମାସ ତା ୩ ରିଖର ହଯୁରରେ ପହୁଞ୍ଚି ମୁଲହିଯା ବାଦ ଶକଲ ହାଲ ମାଲୁମ ହେଲା ତୁମ୍ଭେ ଯେ ଲେଖିଅଛ ରଯା ଓ ଜମିଦାରମାନଙ୍କୁ ପଠାଇବା ନିମନ୍ତେ ସେ କେବେ ହେବାର ନୁହେଁ କାରଣ କଉଣସି ବଗି ଲୋକଙ୍କୁ ମିଳାଇବା ନିମନ୍ତେ କଉଣସି ରଜା ଓ ଯମିଦାରମାନଙ୍କୁ ଶରକାର ପଠାଇବେ ନାହିଁ କି ନ ପଠାଇବେ ଓ ହଯୁରଙ୍କୁ ନାରଯିଗି ହେଲା ତୁମ୍ଭେ ଜେ ଶରକାରର ଗୁନ୍ହ୍ୟାଗାର ଥିଲ ଏପରି ଧୂମାଧାମ ଯାଇ ଅରଯ କଲ ଗୁନ୍ହ୍ୟାଗାରକୁ ଲହିଂ ଭବନା କରି ହଯୁରର ଗୋଡ଼ତଳେ ପଡ଼େ ଓ ଯୁହାତ ମାଦ କଥା ରଖେ ଓ ପରକଥା ହଯୁରର ମେହେରବାନଗିଂ ଉପରେ ଓ ଏଥିପୂର୍ବ ପରୁଓ୍ୱାନା ଯେ ତୁମ୍ଭଙ୍କୁ ଲେଖା ହୋଇଥିଲା କି ରାଜଗିର କଥା ଖିଆଲ ଗୁଡ଼ିକର ମଯୁଂର ମେହେବାନଗିଂ ଶରକାର ଉପରେ କି ଯଉଂପରି ଶରକାର ହୁକୁମ କରେ ମାଧଡ଼କ ହୋଇ ଆଶି ମିଳିବା ପାଇଁକି ଯେମନ୍ତ ଗୁନ୍ହ୍ୟାଗାର ଲୋକଙ୍କୁ ଗୃହିଂ ଜଘା ଏପରି ତୁମ୍ଭେ ଆସି ମିଳ ହେବେ ହଯୁରର ଓ୍ୱାଦାବ ନା ରହିଲ କି ତୁମ୍ଭର କଉଣସି ପରିତ ଗଲଫ ହେବ ନାହିଂ ମାଳକ ଯାଣିବାର ବୃହି କି ଆଯ ଦିନ ତୁମ୍ଭର ଅରଯି ପହୁଞ୍ଚିବାରୁ ତୁମ୍ଭର ମଳୀବାର ମିଆଦ ଗଣା ଯାଉଅଛି କି ଯେ ପୂର୍ବରେ ପରୁଓ୍ୱାନା ଲେଖା ଯାଇଥିଲା ଅଗର ପାଣି ବରଶି ବା ଅଥବା କୌଣସି ଶଜବନ୍ତୁ ହେର ପାପୁ।

ଯାଏ ତେବେ ମୁଦାନା ନାହି ଏବେ ତୁମ୍ଭେ ଆଉକଥା ଶବୁ ଶୁଣି ଭରି ସାଫ ଜବାବରେ ଲେଖଗା ଆମ୍ଭେ ଶମଲପୁର ମୁକାମରେ ମିଳିବା ପାଇ ହାଜର ହେବନ ନାହି ଆଉ ଯାଣିବ ଗାଏ ପରତ୍ୟାନା ସିବାଏ ଆଉ ପରତ୍ୟାନା ପିବ ନାହି ପଣ ତୁମ୍ଭର ନେକ ଖାସିମତ ତୁମ୍ଭ ଆଖଗିଆର ଅଛି ଏ ଶିଧା କଥା ଆଉ ଅଗାଶୋଶର କଥା ତୁମ୍ଭର ଭାଇ ଓ ପୁଅ ସବୁ ଆସି ହଯୁରରେ ମିଳିଲେ ଓ ସରକାର ହଯୁରର କଦମରେ ଥାଇ ଖିଲମତଗି କରୁଅଛନ୍ତି ତୁମ୍ଭେ ଜଙ୍ଗଲ ପାହାଡ଼ ଫେରୁଅଛ ତା ୪ ଋଜ ମାହେ ମଇ ସ ୧୮୬୨ ମସିହା ଇଜଲାଶ ମେଜର ହେମ୍ପଟୀଙ୍ଗ ବବରସନ ଇମ୍ପି ସାହେବ ଡ଼ିପୋଟୀ କମସନର ବାହାଦୁର । ମୁ । ଶମଲପୁର । ମ୍ରୁ କୃଷ୍ଣଚନ୍ଦ୍ର ଦାସ ଓ ନାରାଏଣ ଚରନ.ଏକ ମୋହରର ।"

(୧୩) ସୁରେନ୍ଦ୍ରଙ୍କ ଆତ୍ମସମର୍ପଣ

ଇମ୍ପି ସାହେବଙ୍କ ପରୱାନାରେ କ୍ଷମା ଓ ଜାଗିର ପୁନଃ ପ୍ରାପ୍ତିର ଆଶା ଥିବାରୁ ବିଦ୍ରୋହୀ ସରଦାର ତାଙ୍କୁ ଏକାବେଳକେ ପ୍ରତ୍ୟାଖ୍ୟାନ କରିବାକୁ ମନ ବଳାଇଲେ ନାହିଁ । ସେ ସମୟର ଅବସ୍ଥାରେ ମଧ୍ୟ ସେ ଏହା ପ୍ରତ୍ୟାଗମନକରି ଦେଇଥାଆନ୍ତେ ବୋଲି ମନେ ହୁଏ ନାହିଁ । ଉତ୍ତର-ଭାରତରେ, ବିହାରରେ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସିପାହୀ ବିଦ୍ରୋହ ପୂର୍ଣ୍ଣ ଦମନ ହୋଇ ସାରିଥିଲା । ସରକାର ସେ ଦିଗରୁ ନିଶ୍ଚିନ୍ତ ହୋଇ ଯାଇଥିବାରୁ ସବୁଆଡ଼ୁ ସୈନ୍ୟ ଆଣି ସମ୍ବଲପୁରରେ ଠୁଳ କରିବା ମଧ୍ୟ ସହଜ ହୋଇଯାଇଥିଲା । ଏସବୁ ଅବସ୍ଥା ଦେଖି ସୁରେନ୍ଦ୍ର ଆତ୍ମସମର୍ପଣ କରିବା ପାଇଁ ପୂର୍ଣ୍ଣ ଇଚ୍ଛା ପ୍ରକାଶ କଲେ ଏତିକିବେଳେ । କମଲ ସିଂହ ପୁଣି ଆପତ୍ତି

ଉଠାଇ ନିଜର କ୍ଷତି ହୋଇଥିବା କଥା ବଖାଣିଲେ । ସୁରେନ୍ଦ୍ର ଇମ୍ପି ସାହେବଙ୍କୁ ଖବର ଦେଲେ ଯେ କମଲ ସିଂହଙ୍କର ଅନୁଚରମାନେ ଆତ୍ମସମର୍ପଣ କରିବା ସପକ୍ଷରେ ନାହାନ୍ତି । ସେଥିପାଇଁ ସେମାନେ ତାଙ୍କୁ ଛାଡ଼ୁ ନାହାନ୍ତି । କିନ୍ତୁ ଯଦି ସେମାନଙ୍କୁ ହାତଖର୍ଚ୍ଚ ବାବଦ କିଛି ଦିଆଯାଏ, ତାହାହେଲେ ସେମାନେ ସନ୍ତୁଷ୍ଟ ହୋଇଯିବେ । ଇମ୍ପି ସାହେବ ସୁରେନ୍ଦ୍ରଙ୍କ କଥା ଅନୁସାରେ ପାଞ୍ଚଶହ ଟଙ୍କା ପଠାଇଲେ । ସୁରେନ୍ଦ୍ର ସେ ଟଙ୍କା କମଲ ସିଂହଙ୍କ ଅନୁଚରମାନଙ୍କ ଭିତରେ ବାଣ୍ଟିଦେଇ ସେମାନଙ୍କୁ ବୁଝାସୁଝା କରି ୧୮୬୨ ମେ ମାସରେ ଆତ୍ମସମର୍ପଣ କଲେ ।

ସୁରେନ୍ଦ୍ରଙ୍କ କୁଟୁମ୍ବ ପାଇଁ ବ୍ୟବସ୍ଥା

ସରକାର "ବିଦ୍ରୋହୀ"ମାନଙ୍କୁ ସନ୍ତୁଷ୍ଟ ରଖି ସମ୍ବଲପୁର ଓ ଗଡ଼ଜାତ ଅଞ୍ଚଳରେ ଶାନ୍ତି ସ୍ଥାପନ କରିବା ପାଇଁ ଉଦ୍ୟମ କଲେ । ଯୁଦ୍ଧ ପରିଚାଳନାରେ ଯେତେ ଖର୍ଚ୍ଚ ହେବ ଓ ଯେତେ ମାନସିକ ଅଶାନ୍ତି ସୃଷ୍ଟି ହେବ ତା ତୁଳନାରେ ଶାନ୍ତି ପ୍ରତିଷ୍ଠା ଦିଗରେ ଯାହା ଖର୍ଚ୍ଚ ହେବ ତାହା ନିଶ୍ଚୟ କମ ହେବ ବୋଲି ଆସିଷ୍ଟାଣ୍ଟ କମିଶନର ଇମ୍ପି ସାହେବଙ୍କ ଦୃଢ଼ ଧାରଣା ହେଲା । ମୁଖ୍ୟ ବିଦ୍ରୋହୀମାନଙ୍କ ଭିତରୁ ଅଧିକାଂଶ ଜମିଦାର ଶ୍ରେଣୀର । ସେମାନଙ୍କ ନିଜ ନିଜର ସ୍ୱାର୍ଥ ନେଇ ଅସନ୍ତୋଷ ଥିଲା । ଯଦି ସେହି ଅସନ୍ତୋଷର କାରଣକୁ ନିର୍ମୂଳ କରି ଦିଆଯାଏ ତାହା ହେଲେ ସମ୍ବଲପୁରରେ ଶାନ୍ତି ସ୍ଥାପନ ହେବା ସମ୍ଭବ ହେବ ଏହି କଥା ଇମ୍ପି ସରକାରଙ୍କୁ ଜଣାଇଲେ ।

ସୁରେନ୍ଦ୍ର ସାଏଙ୍କ ବଂଶ ପୂର୍ବରୁ ଖିଣ୍ଡାକୁ ମିଶାଇ ଦୁଇଖଣ୍ଡି ବଡ଼ ଗ୍ରାମ ସମ୍ବଲପୁର ରାଜାଙ୍କଠାରୁ ଖୋରାକ ପୋଷାକ ବାବଦ ପାଇଥିଲେ । ସୁରେନ୍ଦ୍ରଙ୍କ ସମ୍ବଲପୁର ରାଜଗାଦି

ତାଙ୍କୁ ସରକାର ସ୍ୱୀକାର ନ କରିବାରୁ ସେ ବିଦ୍ରୋହ କରିଥିଲେ । ଯଦି ତାଙ୍କୁ ଅଧିକା କିଛି ଆର୍ଥିକ ସାହାଯ୍ୟ ଦିଆଯାଏ ତାହାହେଲେ ସେ ଶାନ୍ତ ରହିବାର ସମ୍ଭାବନା ଥିବାର କଥାର ମଧ୍ୟ ଅସ୍ୱାଭାବିକ ନୁହେଁ ।

ସୁରେନ୍ଦ୍ରଙ୍କୁ ବାଜ୍ୟାପ୍ତ ଜମି ନ ଦେଇ କିଛି ଦେଲେ ଚଳିବ ଏହି ଧାରଣା ସରକାରୀ ମହଲରେ ହେବା ଅସମ୍ଭବ ନୁହେଁ । ବିଦ୍ରୋହୀମାନଙ୍କୁ ସରକାର ପୁରସ୍କାର ଦେଉଛନ୍ତି ଏହି ଧାରଣା ମଧ୍ୟ ଲୋକଙ୍କ ମନରେ ଜାଗ୍ରତ ହେବା ଉଚିତ ନୁହେଁ ବୋଲି ଭାବି ସରକାର ମନ୍ଥିମନ୍ଥିଆ ମାତ୍ରରେ ସୁରେନ୍ଦ୍ରଙ୍କ କୁଟୁମ୍ବଙ୍କୁ କିଛି ସାହାଯ୍ୟ ଦେବା ସ୍ଥିର କଲେ ।

ସୁରେନ୍ଦ୍ରଙ୍କ ପୁତ୍ର ମିତ୍ରଭାନୁଙ୍କୁ ଜାଗିର ସ୍ୱରୂପ ଦୁଇ ଖଣ୍ଡ ଗ୍ରାମର ଗୌନ୍ତିଆଇ ସତ୍ତ୍ୱ ଦେଲେ । ସେ ଜଣେ ଗଡ଼ଜାତ (ବଣେଇ) ରାଜାଙ୍କ କନ୍ୟାଙ୍କୁ ବିବାହ କରିଥିବାରୁ ତାଙ୍କର ଚଳାଚଳ ପାଇଁ ବାର୍ଷିକ ଟ ୧୦୦୦୲ (ଏକ ହଜାର ଟଙ୍କା) ପେନସନ ଦେବାକୁ ସରକାର ସ୍ଥିର କଲେ । ଦୁଇଖଣ୍ଡ ଗ୍ରାମର ଆୟ ବାର୍ଷିକ ପ୍ରାୟ ଟ ୪୮୦୲ ଏବଂ ମାସିକ ଟ ୪୦୲ କି ଟ ୩୫୲ ଦେଲେ ବାର୍ଷିକ ପେନସନ ଟ ୧୦୦୲ କୁ ଆସିଯିବ ବୋଲି ସରକାରୀ ସିଦ୍ଧାନ୍ତ ହେଲା ।

ସୁରେନ୍ଦ୍ରଙ୍କୁ ମଧ୍ୟ ବାର୍ଷିକ ଏକ ହଜାର ଟଙ୍କା ପେନସନ ଦେବା ସ୍ଥିର ହେଲା ।

ସୁରେନ୍ଦ୍ରଙ୍କ ଭାଇ ଉଦନ୍ତ ଜିଲାରେ ଶାନ୍ତି ସ୍ଥାପନ କରିବାରେ ସରକାରଙ୍କୁ ସାହାଯ୍ୟ କରିବା ପ୍ରତିଶ୍ରୁତି ଦେଇ ଜିଲାର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ବିଦ୍ରୋହୀମାନଙ୍କୁ ବୁଝାଇବାରେ ଲାଗିଲେ । ତାଙ୍କୁ ସରକାର ଏହି କାର୍ଯ୍ୟରେ ନିଯୁକ୍ତ ମଧ୍ୟ କଲେ ।

ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କରିବା ନିମନ୍ତେ ପ୍ରବର୍ତ୍ତାଇବାକୁ କେତେ ଜଣ ବିଶିଷ୍ଟ ଲୋକ ମଧ୍ୟ ବାହାରିଲେ । ସେମାନଙ୍କ ମଧ୍ୟରୁ

କେତେଜଣ ବିଦ୍ରୋହୀମାନଙ୍କୁ ଭିତରି ସାହାଯ୍ୟ ଦେଉଥିଲେ । ସେମାନଙ୍କ ଭିତରେ ରମ୍ଭୋଇର ଶ୍ରୀ ଲୋକନାଥ ପଣ୍ଡା ପ୍ରଧାନ । ସେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ନିଜେ ସେଥିରେ ଲିପ୍ତ ଥାଇ ଲୁଣ୍ଠତରାଜ, ନରହତ୍ୟା ପ୍ରଭୃତି କରିଥିବା ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ । ସେ ଆତ୍ମସମର୍ପଣ କରି ସରକାରଙ୍କଠାରେ ଆନୁଗତ୍ୟ ସ୍ୱୀକାର କଲେ । ତାଙ୍କୁ ପୂର୍ଣ୍ଣ କ୍ଷମା ମିଳିଲା । ସେ କେତେଜଣ ବିଦ୍ରୋହୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିପୋଛି ଆଣିଥିବାରୁ ସରକାର ତାଙ୍କୁ ପୁରସ୍କାର ଦେଇ ଥିଲେ । ପୂର୍ବରୁ ତାଙ୍କର ମୋଟେ ଦୁଇ ଖଣ୍ଡ ଗ୍ରାମ ଥିଲା । ତାଙ୍କୁ ଜମିଦାର କରି ଦେଇ ୪୦ ବର୍ଷ ପାଇଁ ଅଧା ଜମାରେ ୧୯ (ଊଣେଇଶ) ଖଣ୍ଡ ଖାଲସା ଗ୍ରାମ ସରକାର ଦେଲେ । ଅରଦାର ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ମଧ୍ୟ ସେହିଭଳି ପୁରସ୍କାର ମିଳିଲା ।

ଦୀର୍ଘ ପାଞ୍ଚବର୍ଷ (୧୮୫୭ ଠାରୁ ୧୮୬୨) ଭିତରେ ବିଦ୍ରୋହ ଯୋଗୁଁ ସମ୍ବଲପୁର ଜିଲାର ବହୁତ କ୍ଷତି ହୋଇ ଯାଇଥିଲା । ବହୁତ ଗ୍ରାମ ପୋଡ଼ି ଧ୍ୱଂସ ହୋଇ ଯାଇଥିଲା । କି ବଡ଼ କି ସାନ ସମସ୍ତେ ଶାନ୍ତିହସ୍ତ ହୋଇ ରହିଥିଲେ । ବିଦ୍ରୋହୀ ଓ ସରକାର ଉଭୟ ପକ୍ଷର ଧକ୍କା ସାଧାରଣ ଲୋକଙ୍କୁ ସହ୍ୟ କରିବାକୁ ପଡ଼ିଥିଲା । ସରକାରଙ୍କର ପୋଡ଼ା ଜଳା ନୀତି ଲୋକଙ୍କ ଭିତରେ ବେଶି ଆତଙ୍କ ସୃଷ୍ଟି କରିଥିଲା । ଏଥିରେ ବେଶି ଉତ୍ତ୍ୟକ୍ତ ହୋଇ ବିଦ୍ରୋହୀମାନଙ୍କୁ ଲୋକେ ସାହାଯ୍ୟ କରିଥିଲେ ।

ବିଦ୍ରୋହୀଙ୍କ କୌଶଳ ? ଶାନ୍ତି ନା ଅଶାନ୍ତି ?

ସୁରେନ୍ଦ୍ର ଓ ତାଙ୍କର ଭାଇମାନେ ସରକାରଙ୍କ ହାତରେ ଆତ୍ମସମର୍ପଣ କରିବା ଭିତରେ କିଛି ଉଦ୍ଦେଶ୍ୟ ଥିବା ମଧ୍ୟ ସମ୍ଭବ

ହୋଇପାରେ । ମୁଖ୍ୟ ବିଦ୍ରୋହୀମାନଙ୍କର ଅସନ୍ତୋଷର କାରଣ ଦୂର କରିବା ଦିଗରେ ସରକାର ଯେଉଁ ନୀତି ପୋଷଣ କଲେ ତାର ସୁବିଧା ନେଇ "ପୋଡ଼ା ଘରୁ କୁନ୍ଥା କେବଳ ମିଳିଲେ ମଧ୍ୟ ଲାଭ" ନ୍ୟାୟରେ ସେମାନେ ସରକାରଙ୍କ ସହିତ ସହଯୋଗ କଲେ । କିନ୍ତୁ ଭିତରେ ଭିତରେ ବିଦ୍ରୋହବହ୍ନିକୁ ପ୍ରଜ୍ୱଳିତ ରଖା ଯାଇଥିଲା । ସୁରେନ୍ଦ୍ର, ତାଙ୍କ ଭାଇମାନେ ଓ ଅନ୍ୟାନ୍ୟ କେତେକ ଜମିଦାର ଆତ୍ମସମର୍ପଣ କରିଥିଲେ ମଧ୍ୟ ଲକ୍ଷଣପୁରର ଜମିଦାର ବଂଶର କମଳ ସିଂହ ଆତ୍ମସମର୍ପଣ କରି ନ ଥିଲେ । ତାଙ୍କୁ ଆଗ କରି ଆତ୍ମସମର୍ପଣ କରିଥିବା ବିଦ୍ରୋହୀମାନେ ସରକାରଙ୍କଠାରୁ ଅଧିକା କିଛି ସୁବିଧା ଟାଣି ଆଣିବା ଉପାୟ କଲେ ।

କିନ୍ତୁ ଆସିଷ୍ଟାଣ୍ଟ କମିଶନର ଇମ୍ପି ସାହେବଙ୍କ ଦୃଢ଼ ଧାରଣା ହୋଇଥିଲା ଯେ ବିଦ୍ରୋହୀମାନଙ୍କ ପିଠିରେ ଟିକିଏ ହାତ ବୁଲାଇ ଆଶ୍ୱାସନା ଦେଲେ ସେମାନେ ଆଉ ଗଣ୍ଡଗୋଳ କରିବେ ନାହିଁ । କିନ୍ତୁ ପରେ ସୁରେନ୍ଦ୍ର ପୁନର୍ବାର ଅଶାନ୍ତି ସୃଷ୍ଟି କରିବାରୁ ତାଙ୍କର ଧାରଣା ଠିକ୍ ନୁହେଁ ବୋଲି ସରକାରୀ ମହଲରେ ସମାଲୋଚିତ ହୋଇଥିଲା ।

---

୧୪ । ବିଦ୍ରୋହର ଅବସାନ

ପୁନର୍ବାର ଅଶାନ୍ତି

୧୮୬୨ ଖ୍ରୀଷ୍ଟାବ୍ଦର ଶେଷ ପର୍ଯ୍ୟନ୍ତ କମଳ ସିଂଙ୍କ ଛଡ଼ା ଅନ୍ୟ ମୁଖିଆ ବିଦ୍ରୋହୀମାନେ ଆତ୍ମସମର୍ପଣ କରି ସାରିଥିଲେ ।

ଜିଲାରେ ଶାନ୍ତି ବିରାଜୁଥିବାର ଆଭାସ ପାଇ ସରକାର ପକ୍ଷ ଟିକିଏ ଖୁସି ହୋଇଥିଲେ ।

୧୮୬୨ ଅପ୍ରେଲ ତା ୩୦ ରିଖରେ ସମ୍ବଲପୁର ଜିଲାକୁ ନିକଟରେ ଗଠିତ ହୋଇଥିବା ମଧ୍ୟପ୍ରଦେଶ ସହିତ ମିଶାଇ ଦିଆଗଲା । ଏହି ଘଟଣା ନେଇ ସମ୍ବଲପୁର ଓ ଆଖପାଖ ଗଡ଼ଜାତମାନଙ୍କର ରାଜା, ଜମିଦାର ଓ ପ୍ରଜାମାନେ ବିଚଳିତ ହୋଇ ପଡ଼ିଲେ । ସରକାରଙ୍କ ଏହି ବ୍ୟବସ୍ଥାର ପ୍ରତିବାଦ ମଧ୍ୟ ହେଲା । ଲୋକଙ୍କ ମନରେ ଅଶାନ୍ତିଭାବ ଜାଗ୍ରତ ହେଲା । ସରକାର ଲୋକଙ୍କ ସୁଖ ସୁବିଧା ପ୍ରତି ଧ୍ୟାନ ଦେଉ ନାହାନ୍ତି ବୋଲି ଧାରଣା ହେଲା । ଜିଲାରେ ପୁଣି ଅଶାନ୍ତି ମୁଣ୍ଡଟେକି ଉଠିଲା ।

ସୁରେନ୍ଦ୍ରଙ୍କର ପୁନର୍ବାର ରାଜଗାଦୀ ଦାବୀ

ସମ୍ବଲପୁର ଜିଲାରେ ଅଶାନ୍ତି ଲାଗି ରହିଥିବାରୁ ଅନ୍ତତଃ-ପକ୍ଷେ ସ୍ଥାୟୀ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ସମ୍ବଲପୁର ରାଜଗାଦି ସୁରେନ୍ଦ୍ର ସାଏଙ୍କୁ ଦିଆଯାଉ—ଏହି ମର୍ମରେ ଜିଲାର ବିଭିନ୍ନ ସ୍ଥାନରୁ ସରକାରଙ୍କଠାରେ ଦାବି ହେଲା । ବହୁ ଜମିଦାର, ଗୌନ୍ତିଆ ଓ ସାଧାରଣ ଲୋକ ସରକାରଙ୍କୁ ଏହି ବିଷୟରେ ଆବେଦନ ମଧ୍ୟ ଦେଲେ । ମଧ୍ୟପ୍ରଦେଶର ଗଡ଼ଜାତ ବିଭାଗର ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ ଜିଲାର ଅବସ୍ଥା ଦେଖିବା ପାଇଁ ଆସିଲେ । ସେହି ସୁବିଧାରେ ଲୋକେ ତାଙ୍କଠାରେ ଦରଖାସ୍ତ କଲେ ଯେ ସରକାରଙ୍କ ଷ୍ଟାମ୍ପ, ଟିକସ ପ୍ରଭୃତି ତାଙ୍କୁ ବାଧୁଛି ଏବଂ ସରକାରୀ ପରିଚାଳନାରେ ସେମାନେ ସନ୍ତୁଷ୍ଟ ହୋଇପାରୁ ନ ଥିଲେ । ଜିଲାରେ ଶାନ୍ତି ସ୍ଥାପନ କରିବା ଦିଗରେ ସରକାର

ମଧ୍ୟ ସମର୍ଥ ହୋଇପାରୁ ନ ଥିବାରୁ ପ୍ରଜାଙ୍କର ବହୁତ କ୍ଷତି ହେଉଛି । ଯଦି ସୁରେନ୍ଦ୍ରଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଦିଆଯାଏ, ତାହାହେଲେ ଜିଲ୍ଲାରେ ଅଶାନ୍ତିର କାରଣ ରହିବ ନାହିଁ । ତାଙ୍କର ପ୍ରଭାବରେ ଶାନ୍ତି ପୁନର୍ବାର ସ୍ଥାପିତ ହୋଇଯିବ, ଲୋକେ ସୁଖ ଶାନ୍ତିରେ ରହିବେ ।

ଏହି ଦରଖାସ୍ତ ଓ ଅନ୍ୟାନ୍ୟ ନିବେଦନର ସରକାରୀ ଅନୁସନ୍ଧାନ ସାର୍ ଟେମ୍ପଲ କଲେ । ସରକାର ଭାବିଲେ, ସୁରେନ୍ଦ୍ରଙ୍କୁ ସମ୍ବଲପୁର ରାଜଗାଦିରେ ବସାଇବା ପାଇଁ ଏବଂ ସରକାରଙ୍କ ରାଜ୍ୟ ପରିଚାଳନା ନୀତିର ବିରୋଧ କରି ଯେଉଁ ଦାବୀ ସବୁ ହେଉଛି, ତା ପଛରେ ସୁରେନ୍ଦ୍ରଙ୍କ ହାତ ରହିଛି । ଇଂରେଜ ଥରେଇ ସରକାରଙ୍କଠାରୁ ନିଜ ଦାବୀ ହାସଲ କରିବା ପାଇଁ ସୁରେନ୍ଦ୍ର କୌଶଳ ଅବଲମ୍ବନ କରିଛନ୍ତି ବୋଲି ଏବଂ ତାଙ୍କ ଆତ୍ମସମର୍ପଣ ମଧ୍ୟ ଏକ ଛଳନା ବୋଲି ସରକାର ସନ୍ଦେହ କଲେ । ସେ ଦରଖାସ୍ତରେ ଯେଉଁ ମୁଖିଆ ଲୋକଙ୍କର ଦସ୍ତଖତ ହୋଇଥିଲା ତାହା ସେମାନେ ଅସ୍ୱୀକାର କଲେ । ସୁରେନ୍ଦ୍ରଙ୍କୁ ରାଜଗାଦି ଦେବା ପାଇଁ ସାଧାରଣଙ୍କ ତରଫରୁ ଯେଉଁ ଦାବୀ ହୋଇଥିଲା, ତାକୁ ସରକାର ଅଗ୍ରାହ୍ୟ କଲେ ।

ପୁନର୍ବାର ଧରପଗଡ଼

୧୮୬୩ର ମଝିବେଳକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଣି ଅଶାନ୍ତି ଦେଖାଦେଲା । କମଳ ସିଂଙ୍କ ଦଳ ପୁଣି ତେଜି ଉଠିଲେ । ଯେଉଁମାନେ ବିଦ୍ରୋହ ଆରମ୍ଭରୁ ସରକାରଙ୍କୁ ସାହାଯ୍ୟ କରୁଥିଲେ ସେମାନଙ୍କ ଉପରେ ଏମାନଙ୍କର ଆଖି ପଡ଼ିଲା । ଛଅ ସାତ ମାସ ଭିତରେ ବହୁ ଗ୍ରାମ ଲୁଣ୍ଠିତ ହେଲା । ଡେପୁଟି କମିଶନରଙ୍କ [illegible]

ଏକ ପତ୍ରରେ ବିଦ୍ରୋହୀମାନେ ଜଣାଇଲେ ଯେ ସୁରେନ୍ଦ୍ରଙ୍କୁ ରାଜଗାଦିରେ ନ ବସାଇବା ପର୍ଯ୍ୟନ୍ତ ବିଦ୍ରୋହ ଲାଗି ରହିଥିବ । ସରକାରଙ୍କ ବିରୁଦ୍ଧରେ ଅନ୍ୟାନ୍ୟ କେତେକ ଷଡଯନ୍ତ୍ରର ସନ୍ଧାନ କୁଆଡ଼େ ସରକାର ପାଇଥିଲେ । ଏଥିରୁ କୁଆଡ଼େ ଜଣାଯାଉଥିଲା ଯେ, ୧୮୬୨ରେ ସୁରେନ୍ଦ୍ରଙ୍କର ଆତ୍ମସମର୍ପଣ ଏକ ଧୂଆଁବାଣ ମାତ୍ର ।

୧୮୬୩ର ଶେଷ ଆଡ଼କୁ ମେଜର ଇମ୍ପି ଦେଖିଲେ ଯେ ସେ ପୂର୍ବେ ଯେଉଁ ନୀତି ଅବଲମ୍ବନ କରିଥିଲେ ତାହା ଭୁଲ । ସେମାନଙ୍କ ପ୍ରତି ସେ ଯଦି କଠୋର ନୀତି ଅବଲମ୍ବନ କରି ଥାଆନ୍ତେ, ତାହାହେଲେ ପୁନର୍ବାର ଅଶାନ୍ତିର ସମ୍ମୁଖୀନ ହେବା ପାଇଁ ପଡ଼ି ନ ଥାଆନ୍ତା । ଆଉ କାଳ ବିଳମ୍ବ ନ କରି ସୁରେନ୍ଦ୍ର ଓ ତାଙ୍କ ଅନୁଚରମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କଲେ ।

ଗିରଫ ଓ ଦଣ୍ଡ

୧୮୬୪ ଜାନୁଆରୀ ମାସରେ କେତେ ଜଣ ଗୋରା ଅଫିସରଙ୍କ ସାହାଯ୍ୟରେ ସୁରେନ୍ଦ୍ର ଓ ତାଙ୍କ ପୁତ୍ର ମିତ୍ରଭାନୁ ଓ ଅନ୍ୟ କେତେଜଣ ଅନୁଚରଙ୍କୁ ଡେପୁଟି କମିଶନର ଗିରଫ କରିନେଲେ ।

ଗିରଫ ପରେ ମକଦ୍ଦମା ପାଲି ଚାଲିଲା । ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିବା ଓ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିବା, ଡକେଇତି ଓ ନରହତ୍ୟା କରୁଥିବା ଅଭିଯୋଗରେ ବହୁ ଲୋକଙ୍କୁ ଗିରଫ କରାଗଲା । ଯେଉଁ ଲୋକନାଥ ପଣ୍ଡା ଓ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ସରକାର ବର୍ଷକ ତଳେ ପୁରସ୍କାର ଦେଇଥିଲେ ତାଙ୍କୁ ପୁଣି ଗିରଫ କରାଗଲା । ସେମାନେ ଜେଲଦଣ୍ଡ ପାଇଲେ । [illegible]ରେ ସେମାନଙ୍କର ମୃତ୍ୟୁ ମଧ୍ୟ ହେଲା । ସୁରେନ୍ଦ୍ର, ଉଦନ୍ତ ଓ

ମିତ୍ରଭାନୁଙ୍କ ବିରୁଦ୍ଧରେ ରାଜଦ୍ରୋହ ମକଦ୍ଦମା ଠିକ ପାରିଲା ନାହିଁ । ସୁରେନ୍ଦ୍ର କହିଲେ ଯେ ସେ ବିଦ୍ରୋହ କରି ନାହାନ୍ତି କି ସମ୍ବଲପୁର ରାଜଗାଦିକୁ ବଳପ୍ରୟୋଗ କରି ଦଖଲ କରିବା ଚେଷ୍ଟା କରି ନାହାନ୍ତି । ତାଙ୍କ ବିରୁଦ୍ଧରେ ଯେଉଁ ସବୁ ଅଭିଯୋଗ ହୋଇଛି ସେଥିରେ ସେ କୌଣସିଭାବେ ଲିପ୍ତ ନ ଥିଲେ; କେବଳ ତାଙ୍କ ଶତ୍ରୁମାନେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ତାଙ୍କ ଅଜାଣତରେ ତାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ତାଙ୍କ ନାମରେ ନାନା କାଣ୍ଡ ଘଟାଇଛନ୍ତି । ସୁରେନ୍ଦ୍ର, ଉଦନ୍ତ ଓ ମିତ୍ରଭାନୁଙ୍କୁ ଜେଲଦଣ୍ଡ ହେଲା । ସମ୍ବଲପୁରରେ ନ ରହି ରାୟପୁରରେ ରହିଲେ ମୁକ୍ତ କରି ଦିଆଯିବ ବୋଲି ସରକାରୀ ଆଦେଶ ହେବାରୁ ରାୟପୁରରେ ସୁରେନ୍ଦ୍ର ଓ ଉଦନ୍ତ ବସବାସ କଲେ । ସେହି ରାୟପୁରରେ ଉଦନ୍ତଙ୍କର ମୃତ୍ୟୁ ହେଲା ଏବଂ ସୁରେନ୍ଦ୍ର ମଧ୍ୟ ବାର୍ଦ୍ଧକ୍ୟ ଯୋଗୁଁ ଅନ୍ଧ ହୋଇଗଲେ । ୧୮୮୨ ରେ ମଧ୍ୟପ୍ରଦେଶର ଆସିର ଗଡ଼ଠାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଜଣାଯାଏ । ମିତ୍ରଭାନୁଙ୍କ ଶ୍ୱଶୁର ବଣାଇ ରାଜାଙ୍କ ଜାମିନରେ ମିତ୍ରଭାନୁଙ୍କୁ ସରକାର ଛାଡ଼ିଦେଲେ ଏବଂ ୧୯୦୪ରେ ଖିଣ୍ଡା ଗ୍ରାମକୁ ଫେରି ଆସିବା ପାଇଁ ତାଙ୍କୁ ଅନୁମତି ମିଳିଲା ।

କୈଫିୟତ୍

ଓଡ଼ିଶାରେ ସିପାହୀ ବିଦ୍ରୋହ ସମ୍ପର୍କରେ ପୁରୀର ବୃକ୍ଷ ଖୁଣ୍ଟିଆ (ଚନ୍ଦନ ହଜୁରୀ) ପ୍ରତ୍ୟକ୍ଷ ଭାବରେ ଲିପ୍ତ ଥିବାର ପ୍ରମାଣ ଏ ପର୍ଯ୍ୟନ୍ତ ମିଳି ନାହିଁ । ଏ ସମ୍ବନ୍ଧରେ ଅନୁସନ୍ଧାନ ଚାଲିଛି । —ଲେଖକ

ଓଡ଼ିଶାର [illegible] ସାହିତ୍ୟ,
[illegible] —[illegible]
ଶ୍ରୀ ରାମନାଥ କୋ-ଅପରେଟିଭ ପ୍ରେସ, କଟକ-୨.

ORISSA SECRETARIAT LIBRARY
Sub-head No.........
Serial No....... Almirah No...
Date of Receipt

ORISSA SECRETARIAT LIBRARY
BHUBANESWAR

DATE LOANED

Acc. No. ୯୨୬ Call No. ୮୯୧.୪୫୮-ଦା

This book was issued from the Library on the date last stamped. It is due back within a **Fortnight** of its date of issue.

C oslib
926/O

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ

ଅନ୍ୟ କେତେକ ବହି

ଓଡ଼ିଆ ସାହିତ୍ୟର ପରିଚୟ ୧ମ ଭାଗ	ଟ ୧୯
" " " ୨ୟ ଭାଗ	ଟ ୨
ଶ୍ରୀ ଜଗନ୍ନାଥ ମନ୍ଦିର	ଟ ୩୯
କଥା କାହାଣୀମାଳା ୧ମ ଭାଗ	ଟ ୦।୵
" ୨ୟ ଭାଗ	ଟ ୦।୵
" ୩ୟ ଭାଗ	ଟ ୦।୵
" ୪ର୍ଥ ଭାଗ	ଟ
History of Greater Orissa Part I	Rs.
" " " Part II	Rs. 1/
Temple of Jagannath	Rs. 1/8
ଗତ ଶତାବ୍ଦୀର ଓଡ଼ିଶା—ପ୍ରଥମ ଭାଗ	ଟ
ଓଡ଼ିଶାରେ ସିପାହି ବିଦ୍ରୋହର ଝଲକ	

File No.

SUBJECT

of

DEPARTMENT

Notes and Orders